# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

•VOLUME- 43 •ISSUE-165 •THURSDAY •11 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୬୫ •ଗୁରୁବାର •୧୧ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




ଅନ୍‌ମୋଲ୍ ଏକ୍କାଙ୍କ ଡବଲ୍ ଗୋଲ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ମହାନଦୀ ପାଇଁ ଉଚ୍ଚସ୍ତରୀୟ କମିଟି

## ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୩ ମନ୍ତ୍ରୀ ଓ ୪ ବିଧାୟକ ସଦସ୍ୟ

■ ଭୁବନେଶ୍ୱର, ୧୦।୧୨ (ସମିସ): ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ



### ଛତିଶଗଡ଼ ସହ ଜଳବିବାଦ

ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୨୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ୪୭ତମ ଶୁଣାଣୀ ଅନୁଷ୍ଠିତ ହେବ। ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମଧ୍ୟ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ତେବେ ଏହି ଆପୋସ ବୁଝାମଣାର ମୂଳ ସର୍ତ୍ତ କଣ ଏବଂ କେଉଁ ବିଷୟବସ୍ତୁ ଉପରେ ଆଧାରିତ, ତାହାକୁ ସାର୍ବଜନୀନ କରିବାକୁ ଦାବି କରି ଆସୁଛନ୍ତି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ସାମାଜିକ ସଂଗଠନ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ କମିଟି ଗଠନ ପଦକ୍ଷେପକୁ ନେଇ ସେମାନେ ମତାମତ ରଖିଛନ୍ତି। ଏପରି ଏକ ଉଚ୍ଚସ୍ତରୀୟ ▶ପୃଷ୍ଠା-୭

## ନକଲି ଘିଅ ପରେ ତିରୁମାଲାରେ ରେଶମ ଦୁପଟ୍ଟା ଦୁର୍ନୀତି



■ ତିରୁପତି, ୧୦।୧୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିରରେ ଏବେ ଏକ ନୂଆ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ପ୍ରସାଦ ଭାବେ ଦିଆଯାଉଥିବା ନକଲି ଘିଅର ଲଡ୍ଡୁ ପରେ ଅଙ୍ଗବସ୍ତ୍ର ଅର୍ଥାତ ଦୁପଟ୍ଟା ନେଇ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଜଣେ ଠିକାଦାର ନିରନ୍ତର ଭାବେ ଶୁଦ୍ଧ ସିଲ୍କ ଦୁପଟ୍ଟା ବଦଳରେ ଶତ ପ୍ରତିଶତ ପଲିଷ୍ଟର ଦୁପଟ୍ଟା ଯୋଗାଇଥିଲେ। ସିଲ୍କ ଦୁପଟ୍ଟା ନାମରେ ହିଁ ବିଲିଂ କରାଯାଇଛି।

**ପଲିଷ୍ଟରକୁ ସିଲ୍କ କହି ବିକ୍ରି କରାଯାଉଥିଲା**

**୧୦ ବର୍ଷରେ ୫୪ କୋଟିର ଦୁର୍ନୀତି**

ଏହି ପିଲିଷ୍ଟର ଦୁପଟ୍ଟାର ପ୍ରକୃତ ମୂଲ୍ୟ ୩୫୦ ଟଙ୍କା ଥିଲା। କିନ୍ତୁ ଏହାକୁ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ୧,୩୦୦ ଟଙ୍କାରେ ବିକ୍ରି କରୁଥିଲା। ଦୁର୍ନୀତିର ଏହି ପ୍ରକ୍ରିୟା ୨୦୧୫ରୁ ଆରମ୍ଭ ହୋଇ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କୁହାଯାଇଛି। ଏହି ସମୟ ଅବଧିରେ ଟିଟିଡି ସମ୍ପୃକ୍ତ ଠିକାଦାରଙ୍କୁ ୫୪ କୋଟି ଟଙ୍କା ପ୍ରଦାନ କରିଥିଲା। ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ତଦନ୍ତ ଆରମ୍ଭ କରିଥିଲେ ଓ ଏହାପରେ ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଥିଲା।

ନାଇଡୁଙ୍କ କହିବା ଅନୁଯାୟୀ ମନ୍ଦିରରେ ଦାନ ଦେଉଥିବା ବଡ଼ ଦାନକର୍ତ୍ତା ପ୍ରସାଦ ଭାବେ ସିଲ୍କ ଦୁପଟ୍ଟା ଚଢ଼ାଇଥାନ୍ତି। ଏହା ବ୍ୟତୀତ ବେଦାଶୀର୍ବଚନମ ଭଳି ପୂଜା- ଅନୁଷ୍ଠାରେ ସିଲ୍କ ଦୁପଟ୍ଟାର ବ୍ୟବହାର ▶ପୃଷ୍ଠା-୭

## ଶୀତ ଲହରୀ ଆଉ ୨ ଦିନ



■ ଭୁବନେଶ୍ୱର, ୧୦।୧୨ (ସମିସ): ସାରା ରାଜ୍ୟରେ ଜାରି ରହିଛି ଥଣ୍ଡାର ପ୍ରଭାବ। ତାପମାତ୍ରା ତଳ ମୁହାଁ ହେତୁ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ସେମିଳିଗୁଡ଼ାରେ ମଧ୍ୟ ସମାନ ଅର୍ଥାତ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୬.୫, ଝାରସୁଗୁଡାରେ ୭, ଭବାନୀପାଟଣାରେ ୮.୮, ଦାରିଙ୍ଗବାଡିରେ ୯, ଅନୁଗୁଳରେ ୯, ରାଉରକେଲାରେ ୯.୧, ସୁନ୍ଦରଗଡ଼ ୯.୨, ନବରଙ୍ଗପୁରରେ ୯.୮, ବଲାଙ୍ଗିରରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଅନୁସାରେ ଝାରସୁଗୁଡ଼ାର ▶ପୃଷ୍ଠା-୭

## ୟୁନେସ୍କୋ ବିଶ୍ୱ ଐତିହ୍ୟ ସୂଚୀରେ ଦୀପାବଳି

■ ଜାକର୍ତ୍ତା, ୧୦।୧୨ (ଏଜେନ୍ସି): ସନାତନ ପରମ୍ପରାର ସବୁଠାର ବଡ଼ ପର୍ବ ଦୀପାବଳିକୁ ୟୁନେସ୍କୋର ବିଶ୍ୱ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ବୁଧବାର ୟୁନେସ୍କୋ ଜାତିସଙ୍ଘ ଶିକ୍ଷା, ବୈଜ୍ଞାନିକ ତଥା ସଂସ୍କୃତିକ ସଂଗଠନର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଦୀପାବଳିକୁ ବାଦ୍ ଦେଲେ ଘାନା, ଜର୍ଜିଆ, କଙ୍ଗୋ, ଇଥିଓପିଆ ଓ ଇଜିପ୍ଟ ସହିତ ବହୁ ଦେଶର ସଂସ୍କୃତିକ ପ୍ରତୀକକୁ ସାମିଲ କରାଯାଇଛି। ଏହି ତାଲିକାରେ ଭାରତ ୧୫ଟି ଐତିହ୍ୟ ସାମିଲ ରହିଛି। ଏଥିରେ ଦୁର୍ଗାପୂଜା, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାର, ରାମଲୀଳା, ଛଉନୃତ୍ୟ ମଧ୍ୟ ସାମିଲ ରହିଛି। ଦିଲ୍ଲୀରେ ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ପାଇଁ ଆନ୍ତଃସରକାରୀ କମିଟିର ବିଂଶତମ ବୈଠକ ଚାଲୁଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି।




ଏଥିପାଇଁ କେନ୍ଦ୍ର ସରକାର ସାରା ବିଶ୍ୱ ସମ୍ମୁଖରେ ଭାରତର ସାଂସ୍କୃତିକ ପରିଚୟକୁ ଦୃଢ ଭାବେ ଉପସ୍ଥାପନ କରିବା ପାଇଁ ଡିସେମ୍ବର ୧୦ ଅର୍ଥାତ ବୁଧବାର ଏକ ସ୍ୱତନ୍ତ୍ର ଦୀପାବଳି ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ▶ପୃଷ୍ଠା-୭

**କଂଗ୍ରେସରେ ବିଦ୍ରୋହ**


## ବିଗୁଲ ଫୁଙ୍କିଲେ ମୋକିମ୍

- ସୋନିଆଙ୍କୁ ଲେଖିଲେ ପାଞ୍ଚ ପୃଷ୍ଠାର ଚିଠି
- ଭକ୍ତଙ୍କ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ
- ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାର ପ୍ରସ୍ତାବ
- ବାଦ ପଡ଼ିଲେ ନାହିଁ ପୂର୍ବ ସଭାପତି ଶରତ



■ ଭୁବନେଶ୍ୱର, ୧୦।୧୨ (ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ଏବେ ହୁତହୁତ ଜଳିବା ଆରମ୍ଭ ହୋଇଛି। ଦଳର ନେତାମାନେ ଖୋଲାଖୋଲି ନିର୍ବାଚନ ପରିଚାଳନାକୁ ସମାଲୋଚନା କରୁଥିବାବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଚାଲେଞ୍ଜ କରିଛନ୍ତି। ରାଜ୍ୟରୁ ଜାତୀୟସ୍ତରରେ ଦଳରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ସେ ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ୫ ପୃଷ୍ଠା ଚିଠି ଲେଖି କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି।

ମୋକିମ୍ ତାଙ୍କ ଚିଠିରେ ନିଜକୁ ଜଣେ ସଚ୍ଚା କଂଗ୍ରେସୀ ବୋଲି ଅଭିହିତ କରି ପିସିସି ସଭାପତି ରୂପେ ଶରତ ପଟ୍ଟନାୟକ ଓ ପରେ ଭକ୍ତ ଦାସଙ୍କ ନିଯୁକ୍ତି ଦ୍ୱାରା ଦଳ କିପରି ଓଡ଼ିଶାରେ ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରିଛନ୍ତି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ▶ପୃଷ୍ଠା-୭




# ସାମ୍ବାଦିକାଙ୍କୁ ଆଖିମାରିଲେ ପାକ୍ ସେନା ଅଧିକାରୀ




ଇସଲାମାବାଦ, ୧୦।୧୨ (ଏଜେନ୍ସି): ପାକିସ୍ତାନର ଜଣେ ସେନା ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ଜଣେ ମହିଳା ସମ୍ବାଦିକଙ୍କୁ ଆଖି ମାରିବା ଭଳି ଲଜ୍ଜାଜନକ କାର୍ଯ୍ୟ କରିଛନ୍ତି। ଫଳରେ ପାକ୍ ସେନା ଆଉଏକ ନୂଆ ବିବାଦରେ ଫସିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଅଧିକାରୀ ଜଣଙ୍କ ହେଉଛନ୍ତି ଇଣ୍ଟର-ସର୍ଭିସ ପବ୍ଲିକ ରିଲେସନ (ଆଇଏସ୍‌ପିଆର)ର ଡାଇରେକ୍ଟର ଜେନେରାଲ ତଥା ମୁଖପାତ୍ର ଅହମ୍ମଦ ସରିଫ ଚୌଧୁରୀ। ସମ୍ବାଦିକା ଅବ୍‌ସା କୋମାନ ପୂର୍ବତନ ପ୍ରଧାମନନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଇ- ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କୁ ନେଇ ପ୍ରଶ୍ନ ପଚାରିଥିଲେ। ଇମ୍ରାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ବିପଦ, ରାଷ୍ଟ୍ର ବିରୋଧୀ ଧମକ ଓ ଦିଲ୍ଲୀ ନିର୍ଦ୍ଦେଶରେ କାର୍ଯ୍ୟକରିବା ଭଳି ଅଭିଯୋଗ ପୂର୍ବ ଅଭିଯୋଗଗୁଡିକଠାରୁ କିପରି ଭିନ୍ନ ଏବଂ ତାଙ୍କ ବିରୋଧରେ କୌଣସି ନୂତନ କର୍ଯ୍ୟାନୁଷ୍ଠାନ ଆଶା କରାଯାଉଛି କି? ବୋଲି ସେ ପ୍ରଶ୍ନ କରିଥିଲେ। ଚୌଧୁରୀ କିନ୍ତୁ ଏହାର ଏକ ବ୍ୟଙ୍ଗାତ୍ମକ ଉତ୍ତର ଦେବାସହ ଆଉ ଗୋଟିଏ ପଏଣ୍ଟ ଯୋଡିବାକୁ କହିଥିଲେ ଓ ଇମ୍ରାନ ଜଣେ ମାନସିକ ରୋଗୀ ବୋଲି ସେ କହିଥିଲେ। ଏଥିସହ ସେ ସାମାନ୍ୟ ହସିବା ସହ ଆଖି ମାରିଥିଲେ। ଏହା ଦ୍ୱାରା ଦେଶ ଲଜ୍ଜିତ ହେଉଛି ଓ ପାକିସ୍ତାନ ପରହାସର ପାତ୍ର ହୋଇଛି ବୋଲି କେତେଜଣ ୟୁଜର ଲେଖିଛନ୍ତି। ତେବେ ଏ ନେଇ ପାକ୍ ସେନା ତରଫରୁ କୌଣସି ସ୍ୱଷ୍ଟୀକରଣ ଦିଆଯାଇନାହିଁ।

# ଲେଭିଟ୍‌ଙ୍କ ସୁନ୍ଦର ମୁଖ, ଓଠ ମେସିନଗନ୍ ଭଳି: ଟ୍ରମ୍ପ




ନ୍ୟୁୟର୍କ, ୧୦।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଟି ପୁଣି ଥରେ ଖସିଛି। ଡିସେମ୍ବର ୯ରେ ପେନସିଲଭାନିଆ ରାଜ୍ୟରେ ଏକ ରାଲିରେ ଅର୍ଥନୈତିକ ଏଜେଣ୍ଡା ଉପରେ ନିଜ ବକ୍ତବ୍ୟ ଦେଉଥିବା ବେଳେ ସେ ମୂଳ ପ୍ରସଙ୍ଗ ଛାଡି ୨୮ ବର୍ଷୀୟା ହ୍ୱାଇଟ୍ ହାଉସ ସଚିବ କାରାଲିନ ଲେଭିଟ୍‌ଙ୍କ ସୌନ୍ଦର୍ଯ୍ୟର ପ୍ରଶଂସାରେ ଶତମୁଖ ହୋଇଥିଲେ। ୫ଟି ପିଲାର ବାପା ୭୯ ବର୍ଷୀୟ ଟ୍ରମ୍ପଙ୍କ ପାଟିରୁ ଏଭଳି କଥା ଏହି ରାଲିରେ ହାସ୍ୟରୋଳ ସୃଷ୍ଟି କରିଥିଲା। ଲେଭିଟ୍‌ଙ୍କ ଚେହେରା ବହୁତ ସୁନ୍ଦର ଓ ଓଠ ମେସିନଗନ ଭଳି। ସେ ଲେଭିଟ୍‌ଙ୍କୁ ଜଣେ ସୁପରଷ୍ଟାର ଓ ତାଙ୍କ ଓଠ ଛୋଟ ମେସିନଗନ୍ ଭଳି ଚାଲୁଛି ବୋଲି କହିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି। ଏହି ରାଲିରେ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆର୍ଥିକ ସଫଳତା, ଦରଦାମ ଉପରେ ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି ନେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ କହିଥିଲେ ଯେ, ଆଜି ଆମେ ନିଜର ସୁପରଷ୍ଟାର ଲେଭିଟ୍‌ଙ୍କୁ ସାଙ୍ଗରେ ଆଣିଛୁ। ଏହାପରେ ସେ ତାଙ୍କର ପ୍ରଶଂସା କରିଥିଲେ। ଲେଭିଟ ଟ୍ରମ୍ପଙ୍କଠାରୁ ୫୧ ବର୍ଷ ଛୋଟ। ଲେଭିଟ ଟେଲିଭିଜନରେ କହୁଥିବା ବେଳେ ଚମତ୍କାର ଲାଗନ୍ତି। ଗତ ଅଗଷ୍ଟରେ ମଧ୍ୟ ସେ ଲେଭିଟ୍‌ଙ୍କୁ ନେଇ ନ୍ୟୁଜମ୍ୟାକ୍ସରେ ଏହି ଭଳି ମନ୍ତବ୍ୟ ଦେଇଥିଲେ। ଲେଭିଟଙ୍କୁ ଶ୍ରେଷ୍ଠ ପ୍ରେସ ସଚିବ ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ଲେଭିଟି ଟ୍ରମ୍ପ ପ୍ରଶାସନରେ ପ୍ରଥମେ ୨୦୧୯ରୁ ୨୦୨୧ ମଧ୍ୟରେ ଉପ ପ୍ରେସ ସଚିବ ଭାବେ କାର୍ଯ୍ୟ କରିଥିଲେ। ଲେଭିଟ୍‌ଙ୍କ ସ୍ୱାମୀ ୬୦ ବର୍ଷୀୟ ନିକୋଲାସ ରିକ୍କୋ ଜଣେ ରିୟଲ ଇଷ୍ଟେଟ୍ ଡେଭଲପର। ତାଙ୍କର ଜଣେ ପୁଅ ନିକୋ ଅଛନ୍ତି।

## କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ: ଇଣ୍ଡିଗୋ ଫେଲ୍, ସରକାର କ'ଣ କରୁଥିଲେ

# ୪ ହଜାରର ଟିକଟ ୪୦ ହଜାର ହେଲା କେମିତି ?

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଇଣ୍ଡିଗୋ ସଙ୍କଟକୁ ନେଇ ଦିଲ୍ଲୀ ହାଇକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଶତାଧିକ ବିମାନ ବାତିଲ ହେଉଥିବାବେଳେ ଭଡ଼ା ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିଲେ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। କୋର୍ଟ ପଚାରି ଥିଲେ ଯେ ଏୟାରଲାଇନ ବିଫଳ ହେବା ପରେ ସରକାର କ'ଣ କରିଥିଲେ? ଏଭଳି ସଙ୍କଟରେ ସ୍ଥିତିର ଲାଭ ଉଠାଇବାକୁ ଅନ୍ୟ ଏୟାରଲାଇନ ଗୁଡ଼ିକୁ କାହିଁକି ଦିଆଗଲା? ୪ ହଜାର ଟଙ୍କାର ଟିକଟ ମୂଲ୍ୟ ୩୫-୩୯ ହଜାର ଟଙ୍କା ପର୍ଯ୍ୟନ୍ତ କେମିତି ପହଞ୍ଚି ଗଲା? ଏୟାରଲାଇନ ଗୁଡ଼ିକ ଏତେ ଟଙ୍କା କେମିତି ନେଇପାରିବେ? ଏ ସବୁ କିପରି ହୋଇପାରିଲା? ଏ ନେଇ ସରକାର କି କାର୍ଯ୍ୟାନୁଷ୍ଠାନ ନେଲେ? ସରକାରଙ୍କ ହିଁ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଦେଲେ ବୋଲି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ ତୁଷାର ରାଓ ଗେଦେଲାଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।

ଇଣ୍ଡିଗୋ ସଙ୍କଟର ନିରପେକ୍ଷ ନ୍ୟାୟିକ ଯାଞ୍ଚ ଦାବି ଏବଂ ବିମାନ ବାତିଲ ହେବା ଯୋଗୁଁ ବିମାନବନ୍ଦରରେ ଫସିଥିବା ଯାତ୍ରୀଙ୍କୁ ଆର୍ଥିକ କ୍ଷତିପୂରଣ ଦେବା ନିମନ୍ତେ ଏହି ଆବେଦନରେ ଦାବି କରାଯାଇଥିଲା। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଏହା କେବଳ ବ୍ୟକ୍ତିଗତ ଯାତ୍ରୀଙ୍କ ମାମଲା ନୁହେଁ, ବରଂ ଆର୍ଥିକ



**ଇଣ୍ଡିଗୋ ସିଇଓଙ୍କୁ ସମନ କଲା ଡିଜିସିଏ**
**ଇଣ୍ଡିଗୋ ଜାଣିଶୁଣି ଭୁଲ୍ କରିଛି: ମନ୍ତ୍ରୀ**

କ୍ଷତି ମଧ୍ୟ ହୋଇଛି। ଭବିଷ୍ୟତରେ ଯେଭଳି ଏପରି ସ୍ଥିତି ସୃଷ୍ଟି ନ ହେବ ତାହା ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ମୁଖ୍ୟ ବିଚାରପତି କହିଥିଲେ ଯେ ଏୟାରଲାଇନର କର୍ମଚାରୀ ଯାତ୍ରୀଙ୍କ ସହ ସଠିକ ବ୍ୟବହାର କରିବା ପାଇଁ କି ପଦକ୍ଷେପ ନିଆଯାଇଛି? ପାଇଲଟଙ୍କ କାର୍ଯ୍ୟ ନିର୍ଘଣ୍ଟ ନିୟମାବଳୀକୁ ଠିକ୍ ସମୟରେ କାହିଁକି କାର୍ଯ୍ୟକାରୀ କରାଗଲାନି ବୋଲି ପଚାରି ଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) କୋର୍ଟଙ୍କୁ ସୂଚନା ଦେଇଥିଲେ। ତେବେ ହାଇକୋର୍ଟ କହିଥିଲେ ଯେ ସଙ୍କଟ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେଇଥିଲେ। କିନ୍ତୁ ପ୍ରଶ୍ନ ଏହା ନୁହେଁ। ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଲା? ଆଉ ସରକାର କ'ଣ କରୁଥିଲେ? ପାଇଲଟଙ୍କୁ କାହିଁକି ଅଧିକ କାମ କରିବାକୁ ଦିଆଗଲା? ଏହାକୁ ରୋକିବା ପାଇଁ କି କାର୍ଯ୍ୟାନୁଷ୍ଠାନ ନିଆଯିବ? ଜବାବରେ ଏଏସଜି କୋର୍ଟଙ୍କୁ ଜଣାଇ ଥିଲେ ଯେ ଇଣ୍ଡିଗୋକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଇଣ୍ଡିଗୋ କ୍ଷମା ମାଗିବା ସହ ଏହାର ଜବାବ ଦେଇଛି। ଏହାକୁ ନେଇ କୋର୍ଟ ସ୍ଥିତି ସମ୍ଭାଳିବା ପ୍ରୟାସକୁ ପ୍ରଶଂସା କରିଥିଲେ, କିନ୍ତୁ ସ୍ଥିତି ଏଭଳି ହେବାକୁ କାହିଁକି ଦିଆଗଲା ବୋଲି ପଚାରି ଥିଲେ। ଏହା ହିଁ ଚିନ୍ତାର ବିଷୟ। ବିନା ସହାୟତାରେ ଲକ୍ଷାଧିକ ଯାତ୍ରୀ ବିମାନବନ୍ଦରରେ ଫସି ରହିଥିଲେ। ଏହା କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ସମଗ୍ର ଅର୍ଥ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଥିଲା। ବର୍ତ୍ତମାନ ସମୟରେ ଯାତ୍ରୀଙ୍କ ଦ୍ରୁତ ଯୋଗାଯୋଗ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଯାତ୍ରୀଙ୍କୁ କ୍ଷତିପୂରଣ ଦେବା ପାଇଁ କି ପଦକ୍ଷେପ ନିଆଯାଇଛି। ଏୟରାଲାଇନ କର୍ମଚାରୀଙ୍କ ଉତ୍ତମ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ କି ପଦକ୍ଷେପ ନିଆଯାଇଛି ବୋଲି କୋର୍ଟ କେନ୍ଦ୍ରକୁ ପ୍ରଶ୍ନ କରିଥିଲେ।

ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଇଣ୍ଡିଗୋ ସମସ୍ୟା କମ୍ ହେବାର ନା ଧରୁନି। ଇଣ୍ଡିଗୋ ସଙ୍କଟ ବୁଧବାର ନବମ ଦିନରେ ପହଞ୍ଚିଛି। ପରିଚାଳନା ଗତ ସମସ୍ୟାରୁ ଇଣ୍ଡିଗୋ ବାହାରି ପାରୁନି କି ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଏହି ଏୟାରଲାଇନ ୨୨୦ରୁ ଅଧିକ ବିମାନକୁ ବାତିଲ କରିଦେଇଛି।

# ଲୋକସଭାରେ ଶାହ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଲୋକସଭାରେ ନିର୍ବାଚନୀ ସୁଧାର ଏବଂ ଏସ୍‌ଆଇଆର ଉପରେ ବିତର୍କ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ମୁହାଁମୁହିଁ ହୋଇଛନ୍ତି। ଭୋଟର ତାଲିକାରେ ଅନିୟମିତତାକୁ ନେଇ ରାହୁଲ ସାମ୍ବାଦିକ ସମ୍ମିଳନୀ କରି ଲଗାଇଥିବା ଅଭିଯୋଗ ଉପରେ ଶାହାଙ୍କୁ ଖୋଲା ବିତର୍କର ଆହ୍ୱାନ ଦେଇଛନ୍ତି। ଏହାର ଜବାବରେ ଶାହା କହିଥିଲେ ଯେ, ମୁଁ କ'ଣ କହିବି ଏବଂ କେଉଁ କ୍ରମରେ କହିବି ତାହା କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ମାତ୍ର ରାହୁଲ ଏଇଠି ଅଟକି ଯାଇ ନ ଥିଲେ। କଥାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଭୟଭୀତ ହୋଇ ଯାଇଥିବା ଜଣାପଡୁଛି। ଭୟରେ ଏପରି ପ୍ରତିକ୍ରିୟା ଦେଉଛନ୍ତି ବୋଲି ରାହୁଲ କହିଥିଲେ। ଜବାବରେ ଶାହା କହିଥିଲେ ଯେ, ତାଙ୍କ ଉସୁକାଇବାରେ ମୁଁ ଆସିଯିବି ନାହିଁ। ଭାଷଣ କ'ଣ ଦେବି ତାହା ନିଜେ ସ୍ଥିର କରିବି। ବିରୋଧୀ ନେତା ମିଛ କହୁଛନ୍ତି ବୋଲି ଆମେ କହୁନୁ। ଭୋଟର ତାଲିକାରେ ଥିବା ଅନିୟମିତତା ଦୂର କରିବା ପାଇଁ ଏସଆଇଆର ଜାରି ରହିଛି। କେବଳ ଉପଯୁକ୍ତ ଭୋଟରଙ୍କୁ ମତଦାନ ଅଧିକାର ଦେବା ଏହାର ଉଦ୍ଦେଶ୍ୟ। ଯେତେବେଳେ ବିରୋଧୀ ଜିତୁଛନ୍ତି ସେତେବେଳ ଭୋଟର ତାଲିକା ଠିକ୍ ଅଛି। ଆଉ ନୂଆ ପୋଷାକ ପିନ୍ଧି ଶପଥ ନେଇ ଯାଉଛନ୍ତି। କିନ୍ତୁ ବିହାର ଆଦିରେ ହାରିଗଲା ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏଭଳି ଦୋମୁହାଁ ନୀତି ଚଳିବ ନାହିଁ।

ଶାହା ନିର୍ବାଚନ ସୁଧାର, ଇଭିଏମ, ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି, ନେହେରୁ, ଇନ୍ଦିରା, ପଶ୍ଚିମବଙ୍ଗ, ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ କଂଗ୍ରେସର ଭୋଟ ଚୋରି ଉପରେ ଟିପ୍ପଣୀ ଦେଇଥିଲେ। ରାହୁଲ ପଚାରି ଥିବା ତିନି ପ୍ରଶ୍ନର ମଧ୍ୟ ଉତ୍ତର ମଧ୍ୟ ଉତ୍ତର ରଖିଥିଲେ। ଏହି ସମୟରେ ୭ ଥର ହଙ୍ଗାମା ହୋଇଥିଲା।

**■ ଭୋଟ ଚୋରି ଉପରେ ମୋ ସହ ବିତର୍କ କର: ରାହୁଲ**
**■ ଗୃହରେ କ'ଣ କହିବି ତାହା ମୋ ଉପରେ ନିର୍ଭର କରେ: ଶାହା**

ଶେଷରେ କଂଗ୍ରେସ ସଦସ୍ୟ ଗୃହ ତ୍ୟାଗ କରିଥିଲେ। ଏହାକୁ ନେଇ ଆମେ ବାଂଲାଦେଶୀଙ୍କୁ ଦେଶରୁ ବାହାରି କରିବାକୁ ଚାହୁଁଛୁ ଏବଂ ଆପଣମାନେ କାହିଁକି ଯାଉଛନ୍ତି? ୨୦୦ ଥର ବହିଷ୍କାର କଲେ ବି ଅନୁପ୍ରବେଶକାରୀଙ୍କୁ ଭାରତରେ ପଶିବାକୁ ଦିଆଯିବନି। ସାମ୍ବିଧାନିକ ପ୍ରକ୍ରିୟାରେ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ।

ରାହୁଲଙ୍କ ହାଇଡ୍ରୋଜେନ ବୋମାକୁ ତାସ୍ଛଲ୍ୟ କରି ଶାହା କହିଥିଲେ ଯେ ବିରୋଧୀ ନେତା ଭୋଟ ଚୋରି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ କିଛି ପରିବାର ପିଢ଼ି ପରେ ପିଢ଼ି ଭୋଟ ଚୋରି କରି ଆସିଛନ୍ତି। ସେ ନେହେରୁ-ଗାନ୍ଧୀ ପରିବାରକୁ ଆକ୍ଷେପ କରି ଏହି ଟିପ୍ପଣୀ ଦେଇଥିଲେ। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପାଇଁ ପ୍ରଥମେ ଭୋଟ ଚୋରି ହୋଇଥିଲା। ସେହିପରି ଇନ୍ଦିରା ଗାନ୍ଧୀ




ରାୟବରେଲିରେ ଭୋଟ ଚୋରି କରିଥିଲେ। ଏହାକୁ ଲୁଚାଇବା ପାଇଁ ସେ ଏକ ଆଇନ ଆଣିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ ହେବାର ନିୟମ ଥିଲା। ସିଇସିଙ୍କୁ ଇମ୍ୟୁନିଟି ଦେବା ପ୍ରସଙ୍ଗ ରାହୁଲ ଉଠାଉଛନ୍ତି। ତେବେ ଏହା କ'ଣ ଥିଲା ବୋଲି ଶାହା ପ୍ରଶ୍ନ କରିଥିଲେ। ଆଜି କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ସେହି ଇଭିଏମ ଉପରେ ପ୍ରଶ୍ନ ଉଠାଉଚି ଯାହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଣିଥିଲେ ବୋଲି ଶାହା କହିଥିଲେ।

## ଇସ୍ତଫା ଦେଇପାରନ୍ତି ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ

ୱାସିଂଟନ, ୧୦।୧୨(ଏଜେନ୍ସି): ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି। କାରିବିୟାନ ସାଗରରେ ଦୁଇଜଣ ନିରସ୍ତ୍ର ବ୍ୟକ୍ତିଙ୍କୁ ଡ୍ରୋନ ଆକ୍ରମଣରେ ହତ୍ୟା କରିବାର ଅଭିଯୋଗ ତାଙ୍କ ବିରୋଧରେ ଆସିଛି। ଫଳରେ ତାଙ୍କ ପଦ ଏବେ ବିପଦରେ ପଡ଼ିଛି। ଡ୍ରୋନ ଆକ୍ରମଣ ନେଇ ୪୦ ମିନିଟ୍‌ର ଭିଡିଓକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏବେ ଡେମୋକ୍ରାଟିକ ପାର୍ଟି ହେଗସେଥଙ୍କ ଇସ୍ତଫା ଦାବି କରୁଛି। ଫଳରେ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଡ୍ରଗ୍ସ ଚୋରା ଚାଲାଣକାରୀଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା। ସେପ୍ଟେମ୍ବର ୨ରେ ଆମେରିକୀୟ ସେନା କ୍ୟାରିବିୟାନ ସାଗରରେ ଏକ ନୌକା ଉପରେ ଆକ୍ରମଣ କରିଥିଲା। ହେଗ୍‌ସେଥ ସମସ୍ତଙ୍କୁ ମାରିବାକୁ ଆଦେଶ ଦେଇଥିଲେ। ଏହି ନୌକାରେ ୧୧ ଜଣ ଥିଲେ। ଡ୍ରୋନ ଆକ୍ରମଣରେ ୯ ଜଣି ମୃତ୍ୟୁବରଣ କରିଥିଲେ ଓ ୨ ଜଣ ଆହତ ହୋଇଥିଲେ। କିନ୍ତୁ ଏହାପରେ ଦ୍ୱିତୀୟଥର ପାଇଁ ଡ୍ରୋନ ଆକ୍ରମଣ ହୋଇଥିଲା। ଫଳରେ ଆହତ ହୋଇଥିବା ଦୁଇଜଣ ମୃତ୍ୟୁବରଣ କରିଥିଲେ। ଏହି ଦୁଇଜଣ ଲୋକ ନିରସ୍ତ୍ର ଥିଲେ ଓ ସାହାଯ୍ୟ ଚାହୁଁଥିବା ବେଳେ ମଧ୍ୟ ତାଙ୍କ ଉପରେ ଆକ୍ରମଣ କରାଯିବାକୁ ହେଗସେଥ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୃତ୍ୟୁବରଣ କରିଥିବା ଏହି ଲୋକମାନଙ୍କ ସହ ନିଶାଦ୍ରବ୍ୟ ଚୋରା ଚାଲାଣ ନେଇ କୌଣସି ସମ୍ପର୍କ ଥିବା ସ୍ୱଷ୍ଟ ହୋଇନାହିଁ। ପୂର୍ବରୁ ମଧ୍ୟ ହେଗସେଥ କେତୋଟି ବିବାଦୀୟ ନିଷ୍ପତ୍ତି ନେଇ ଚର୍ଚ୍ଚିତ ହୋଇଥିଲେ।

## ମରକ୍କୋରେ ଭୁଶୁଡିଲା ଦୁଇ କୋଠା; ୧୯ ମୃତ

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ମରୋକ୍କୋରେ ଦୁଇଟି କୋଠା ଭୁଶୁଡିବା ଫଳରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଏଥିରେ ୧୬ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଲଗାଲଗି ହୋଇ ଦୁଇଟି କୋଠା ରହିଥିବା ବେଳେ ଏହି ଘଟଣା ଘଟିଛି। ଏଥିରେ ୮ଟି ପରିବାର ରହୁଥିଲେ। ସୂଚନା ପାଇବା ମାତ୍ରେ ପୁଲିସ, ଦମକଳ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅବଶେଷ ହଟାଇବାରେ ଲାଗି ପଡ଼ିଛନ୍ତି। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମରୋକ୍କୋରେ ଅତ୍ୟନ୍ତ ଖରାପ ଜୀବନଜାପନ ଶୈଳୀ, ଦାରିଦ୍ର୍ୟ ଓ ସର୍ବସାଧାରଣ ସେବାରେ ଅବହେଳା ନେଇ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ଏହି ଘଟଣା ଘଟିଛି।

## ପିଏମ୍‌ଓରେ ମୋଦୀ-ରାହୁଲ ୮୮ ମିନିଟ ଚର୍ଚ୍ଚା

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନ ଜାରି ରହିଥିବାବେଳେ ପିଏମଓରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୮୮ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଛି। ଏହାକୁ ନେଇ ସଂସଦୀୟ କରିଡରରେ ନାନା କଳ୍ପନାଜଳ୍ପନା କରାଯାଉଛି। ତେବେ ମୁଖ୍ୟ ସୂଚନା କମିଶନର ପ୍ରାର୍ଥୀ ବାଛିବା ପାଇଁ ଏହି ବୈଠକ ହୋଇଥିଲା। ଏହି ବୈଠକ ପାଇଁ ରାହୁଲ ୧ଟାରେ ପିଏମଓରେ ପହଞ୍ଚି ଥିଲେ। ତେବେ ଏହା ୧ଟା୦୭ରେ ଆରମ୍ଭ ହୋଇଥିଲେ। ଏଥିରେ ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାହୁଲ ବିଭିନ୍ନ ନିଯୁକ୍ତି ନେଇ ଚର୍ଚ୍ଚା କରିଥିଲେ। ୮୮ ମିନିଟ ପରେ ରାହୁଲ ବାହାରି ସିଆଇସିଙ୍କ ସମେତ ୮ ଜଣ ସୂଚନା କମିଶନର ଏବଂ ଭିଜିଲାନ୍ସ କମିଶନରଙ୍କ ନିଯୁକ୍ତି ଉପରେ ଆଲୋଚନା ହୋଇଥିବା କହିଥିଲେ। ସେ ଏହି ନିଯୁକ୍ତିକୁ ନେଇ ଲିଖିତ ଆକାରରେ ଆପତ୍ତି ପ୍ରକାଶ କରିଥିଲେ।

## ସୁରତ ଟେକ୍ସଟାଇଲ୍ ମାର୍କେଟ୍‌ରେ ଅଗ୍ନିକାଣ୍ଡ

ସୁରତ, ୧୦।୧୨(ଏଜେନ୍ସି): ସୁରତର ପରଭାତ ପଟିୟା ଅଞ୍ଚଳରେ ଥିବା ରାଜ ଟେକ୍ସଟାଇଲ୍ ମାର୍କେଟ୍‌ରେ ବୁଧବାର ଏକ ବଡ଼ଧରଣର ଅଗ୍ନିକାଣ୍ଡ ହୋଇଛି। ସକାଳ ୭ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଇଛି। ସୂଚନା ପାଇବା ମାତ୍ରେ ୧୫ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଲାଗିବା ପରେ ମାର୍କେଟକୁ ଖାଲି କରାଯାଇଥିଲା। ତେବେ ଏଥିରେ ଏପର୍ଯ୍ୟନ୍ତ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ନିଆଁ ଉପରେ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇଛି ଓ ଏବେ କୁଲିଂ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ପଖାପାଖି ୧୦୦ରୁ ୧୨୫ ଜଣ ଅଗ୍ନିସମ ଅଧିକାରୀ ଲାଗି ପଡ଼ିଛନ୍ତି।

## ଦୁର୍ନୀତିଗ୍ରସ୍ତ ଦେଶ: ୯୬ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ବିଶ୍ୱ ଅନେକ ଦେଶରେ ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ରହିଛି। ସାଧାରଣ ଲୋକେ ଗୁଜରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଥିବାବେଳେ ଅଧିକାଂଶ ନେତା, ଅଧିକାରୀ, ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏହା ଜୀବନ, ଅର୍ଥନୀତି ଏବଂ ସାର୍ବଜନୀନ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି। ଏପରି ସମୟରେ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ କରପସନ ପ୍ରିସିପସନ ଇଣ୍ଡେକ୍ସ (ସିପିଆଇ) ଜାରି ହୋଇଛି। ୨୦୨୪ର ଏହି ତାଲିକା ସାରା ବିଶ୍ୱରେ ଦୁର୍ନୀତି ବ୍ୟାପିଥିବା ଦର୍ଶାଯାଇଛି। ନିର୍ଭର ସୂତ୍ର, ସର୍ଭେ, ଅଧ୍ୟୟନ ଏବଂ ବ୍ୟାବସାୟିକ ନେତୃତ୍ୱଙ୍କ ମତ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏହି ଦୁର୍ନୀତି ଗ୍ରସ୍ତ ଦେଶ ତାଲିକାରେ ସାଉଥ ସୁଦାନ ଶୀର୍ଷରେ ରହିଛି। ଶହେ ମାର୍କ ମଧ୍ୟରୁ ଏହା ମାତ୍ର ୮ ମାର୍କ ପାଇଛି। ଏହା ଦୁର୍ନୀତିର ଭୟଙ୍କର ରୂପକୁ ଦର୍ଶାଉଛି। ସେହିପରି ଦ୍ୱିତୀୟ ସ୍ଥାନରେ ସୋମାଲିଆ, ତୃତୀୟରେ ଭେନଜୁଏଲା ଏବଂ ଚତୁର୍ଥରେ ସିରିଆ ରହିଛି। ଗତ ବର୍ଷ ବିଶ୍ୱରେ ଦୁର୍ନୀତି ସ୍ତର ସବୁଠାରୁ ଉଚ୍ଚରେ ଥିଲା ବୋଲି କୁହାଯାଇଛି। ତେବେ ୨୦୧୨ ତୁଳନାରେ ୩୨ ଦେଶରେ ସ୍ଥିତି ସୁଧୁରିଛି। କିନ୍ତୁ ୧୪୮ ଦେଶରେ ସ୍ଥିତି ସମାନ କିମ୍ବା ଅଧିକ ଖରାପ ରହିଛି।

ଭାରତ ଏହି ସିପିଆଇ ତାଲିକାରେ ୯୬ତମ ସ୍ଥାନରେ ରହିଛି। ଶହେରୁ ଭାରତ ୩୮ ମାର୍କ ପାଇଛି। ପୂର୍ବାପେକ୍ଷା ଭାରତର ସ୍ଥିତିରେ ସୁଧାର ଆସିଥିଲେ ବି ଦୁର୍ନୀତି ଜାରି ରହିଛି। ଅନେକ କ୍ଷେତ୍ରରେ ଏହା ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ଏଥିଯୋଗୁ ବିକାଶ ଗତି ମନ୍ଥର ରହିଛି। ସାର୍ବଜନୀନ ସେବାକୁ ଦୁର୍ବଳ ଏବଂ ପ୍ରତିଷ୍ଠାନ ପ୍ରତି ଲୋକଙ୍କ ଭରସାକୁ ହ୍ରାସ କରୁଛି। ଦୁର୍ନୀତିର ମୁକାବିଲା ପାଇଁ ଅଧିକ ପ୍ରୟାସ ଜରୁରୀ ବୋଲି କୁହାଯାଇଛି। ଏଥିପାଇଁ କଠୋର ନିୟମ ଏବଂ କଡ଼ା ପ୍ରବର୍ତ୍ତନ ବ୍ୟବସ୍ଥା ଜରୁରୀ। ସେହିପରି ଭାରତର ପଡ଼ୋଶୀ ପାକିସ୍ତାନ ୧୩୫ତମ, ଶ୍ରୀଲଙ୍କା ୧୨୧ତମ, ବାଂଲାଦେଶ ୧୪୯ତମ ଏବଂ ଚୀନ୍ ୭୬ତମ ସ୍ଥାନରେ ରହିଛି।

# ୧୨ଟି ରାଜ୍ୟରେ ବିଭକ୍ତ ହେବ ପାକିସ୍ତାନ

ଇସ୍‌ଲାମାବାଦ୍, ୧୦।୧୨(ଏଜେନ୍ସି): ପାକିସ୍ତାନକୁ ଏବେ ୧୨ଟି ରାଜ୍ୟରେ ବିଭକ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦେଶର ସୂଚନା ମନ୍ତ୍ରୀ ଅବଦୁଲ ଅଲିମ ଖାନ୍ କହିଛନ୍ତି ଯେ, ଦେଶକୁ ଏବେ ଛୋଟ ଛୋଟ ୧୨ଟି ରାଜ୍ୟର ବିଭକ୍ତ କରିବା ନିଶ୍ଚିତ ହୋଇଛି। ଏହା ଦ୍ୱାରା ଶାସନ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ଏହି କ୍ରମରେ ସିନ୍ଧ ଓ ପଞ୍ଜାବକୁ ୩ଟି ଲେଖାଏ ରାଜ୍ୟରେ ବିଭକ୍ତ କରାଯାଇପାରେ। ଏହିଭଳି ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାକୁ ମଧ୍ୟ ୩ଟି ଲେଖାଏ ରାଜ୍ୟରେ ବାଣ୍ଟ କରାଯାଇପାରେ। ଆମ ପଡୋଶୀ ଦେଶଗୁଡିକରେ ଏକାଧିକ ଛୋଟ ଛୋଟ ରାଜ୍ୟ ରହିଛି। ତେଣୁ ପାକିସ୍ତାନରେ ମଧ୍ୟ ଏଭଳି ହେବାର ଆବଶ୍ୟକତା ରହିଛି ବୋଲି ସେ



କହିଛନ୍ତି। ତେବେ ବିଲାୱଲ ଭୁଟ୍ଟୋଙ୍କ ଦଳ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଏହାକୁ ଦୃଢ଼ ବିରୋଧ କରିଛନ୍ତି। କେବଳ ଭଗବାନଙ୍କୁ ବାଦ୍ ଦେଲେ ସିନ୍ଧକୁ କେହି ଭାଗ କରିପାରିବେ ନାହିଁ ବୋଲି ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହା କହିଛନ୍ତି। ତେବେ ଏ ନେଇ ପାକିସ୍ତାନ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ମାନଚିତ୍ର ଜାରି କରାଯାଇନାହିଁ। କିନ୍ତୁ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପଞ୍ଜାବକୁ ଉତ୍ତର, ମଧ୍ୟ ଓ ଦକ୍ଷିଣ ପଞ୍ଜାବ, ସିନ୍ଧକୁ କରାଚୀ ସିନ୍ଧ, ମଧ୍ୟ ସିନ୍ଧ ଓ ଉପର ସିନ୍ଧ, ଖାଇବର ପଖତୁନଖ୍ୱା (କେପି)କୁ ଉତ୍ତର କେପି, ଦକ୍ଷିଣ କେପି ଓ ଆଦିବାସୀ କେପ୍/ ଫାଟା ଅଞ୍ଚଳ ଏବଂ ବେଲୁଚିସ୍ତାନକୁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାଗରେ ବିଭକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି।

# ଦିଲ୍ଲୀରେ ମୁତୟନ ହେବ ସ୍ୱଦେଶୀ ଡିଫେନ୍ସ ସିଷ୍ଟମ


ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): ଏବେ ରାଜଧାନୀ ଦିଲ୍ଲୀ ଓ ଏନସିଆରକୁ ସୁରକ୍ଷିତ କରିବା ପାଇଁ ନୂଆ ଯୋଜନ ପ୍ରସ୍ତୁତ କରାଯାଉଛି। ମିସାଇଲ, ଡ୍ରୋନ ଓ ଲଢୁଆ ବିମାନ ଆକ୍ରମଣର ବିପଦକୁ ଏଡାଇବା ପାଇଁ ଏହି ଅଞ୍ଚଳରେ ବହୁସ୍ତରୀୟ ଏୟାର ଡିଫନ୍ସ ସିଷ୍ଟମକୁ ନିୟୋଜନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଦ୍ରୁତଗତିରେ ଆଗକୁ ବଢ଼ାଉଛି। ବରିଷ୍ଠ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ ନୂଆ ଇଣ୍ଟିଗ୍ରେଟେଡ ଏୟାର ଡିଫେନ୍ସ ୱିପନ ସିଷ୍ଟମ (ଆଇଏଡବ୍ଲ୍ୟୁଡିଏସ୍) ସମ୍ପୂର୍ଣ୍ଣ ଭାବେ ଦେଶରେ ତିଆରି ହୋଇଥିବା ଅସ୍ତ୍ର ଓ ବୈଷୟିକ ପ୍ରଣାଳୀରେ ତିଆରି ହେବ। ଅର୍ଥାତ ଏହି ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ରାଣକୌଶଳରେ ତିଆରି ହେବ। ଏହି ପ୍ରାଣାଳୀ ସବୁଠାରୁ ବଡ଼ ଅଂଶ ହେବ ପ୍ରତିରକ୍ଷା

**■ ଡ୍ରୋନ୍, ମିସାଇଲ ଓ ଜେଟ୍ ଆକ୍ରମଣ ହେବ ନିଷ୍କ୍ରିୟ**
**■ ଅଗଷ୍ଟରେ ହୋଇଛି ସଫଳ ପରୀକ୍ଷଣ**

ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ଦ୍ୱାର ତିଆରି ହୋଇଥିବା କ୍ୱିକ ରିଆକସନ ସର୍ଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) ମିସାଇଲ ଓ ମ୍ୟାନ ପୋର୍ଟେବଲ ଏୟାର ଡିଫେନ୍ସ ସିଷ୍ଟମ (ଏମ୍‌ଏଏନପିଏଡିଏସ୍)। ଏଥିସହ ଏକାଧିକ ସେନ୍ସରା, ରାଡାର ଓ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ସିଷ୍ଟମକୁ ଜଡିତ କରାଯିବ। ଏହା ଦ୍ୱାର ସବୁ ବିପଦ ଉପରେ ତୁରନ୍ତ ଦୃଷ୍ଟି ରଖାଯିବ। ଏହି ପୂରା ପ୍ରଣାଳୀକୁ ଭାରତୀୟ ବାୟୁସେନା ହିଁ ନିୟନ୍ତ୍ରଣ କରିବ। ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୨୩ରେ ଆଇଏଡବ୍ଲ୍ୟୁଏସ୍‌ର ସଫଳ ପରୀକ୍ଷଣ ହୋଇଥିଲା। ଆଇଏଡବ୍ଲ୍ୟୁଏସ୍ ଏକ ମିଲିଟାରୀ ଏୟାର ଡିଫେନ୍ସ ସିଷ୍ଟମ। ଏହା ଶତ୍ରୁର ଆକ୍ରମଣକୁ ନିଷ୍କ୍ରିୟ କରିବାର କ୍ଷମତା ରଖୁଛି। ଏହାକୁ ସୁଦର୍ଶନ ଚକ୍ର ମିଶନର ଏକ ଅଂଶ ବୋଲି କୁହାଯାଉଛି।

## ସାବରକର ପୁରସ୍କାର ନେବାକୁ ମନା କଲେ ଥରୁର

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ବିଆର ସାଭରକର ପୁରସ୍କାର ନେବାକୁ ମନା କରିଦେଇଛନ୍ତି। ଫଳରେ ଏ ନେଇ ବିବାଦ ସୃଷ୍ଟି ହୋଇଛି। ଥରୁରୁ 'ଏକ୍ସ'ରେ ପୋଷ୍ଟ କରି ଏ ନେଇ ସ୍ୱଷ୍ଟୀକରଣ ଦେଇଛନ୍ତି। ମୋତେ ସୂଚନା ଦିଆ ନଯାଇ ପୁରସ୍କାର ପାଇଁ ମୋର ନାମ ଘୋଷଣା କରାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଏଭଳି



ସ୍ଥିତିରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ସମାରୋହରେ ଯୋଗ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ୱଷ୍ଟ କରିଛନ୍ତି। କେରଳରେ ରହୁଥିଲେ ମଧ୍ୟ ଏହି ପୁରସ୍କାର ସଂକ୍ରାନ୍ତରେ ମୋତେ ଗଣମାଧ୍ୟମରୁ ହିଁ ସୂଚନା ମିଳିଥିଲା ସେ କହିଛନ୍ତି। ସେପଟେ ପୁରସ୍କାର ପ୍ରଦାନ କରୁଥିବା ଏନଜିଓ ଥରୁରଙ୍କ ଏହି ଦାବିକୁ ଭୁଲ୍ ବୋଲି କହିଛି। ଏହି ପୁରସ୍କାର ନେବାକୁ ଥରୁରୁ ପୂର୍ବରୁ ସହମତି ପ୍ରକାଶ କରିଥିଲେ ବୋଲି ହିଗ୍ରେସ ଗ୍ରାମୀଣ ବିକାଶ ସମାଜ (ଏଚ୍‌ଆର୍‌ଡିଏସ୍) ଇଣ୍ଡିଆର ପ୍ରତିଷ୍ଠାତା ଅଜି କ୍ରିଷ୍ଣନ ଦାବି କରିଛନ୍ତି। ସେ ଗୋଟିଏ ମାସ ତଳେ ଥରୁରୁଙ୍କୁ ତାଙ୍କ ଘରେ ଭେଟିଥିଲେ ବୋଲି କହିଛନ୍ତି। ବୁଧବାର ଦିଲ୍ଲୀରେ 'ବୀର ସାବରକର ଇଣ୍ଟରନ୍ୟାସନାଲ ଇମ୍ପାକ୍ଟ ପୁରସ୍କାର-୨୦୨୫' ପାଇଁ ସମାରୋହ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ଜମ୍ମୁ-କଶ୍ମୀର ରାଜ୍ୟପାଳ ମନୋଜ ସିହ୍ନା ଏହି ଅବସରେ ଉପସ୍ଥିତ ରହିବାର ମଧ୍ୟ କାର୍ଯ୍ୟକ୍ରମ ଥିଲା। ଥରୁରଙ୍କ ପୁରସ୍କାରର ପ୍ରଥମ ସଂସ୍କରଣରେ ସମ୍ମାନୀତ କରାଯାଇଥାନ୍ତା। ଏହି ସ୍ଥିତି ପାଇଁ ଥରୁର ଆୟୋଜକଙ୍କୁ ଦାୟୀ କରିଛନ୍ତି।

■ ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ସମନ୍ୱୟ ସମିତିର ଆନ୍ଦୋଳନ

## ସରକାରଙ୍କ ଆଭିମୁଖ୍ୟକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୧୦ ।୧୨(ସମିସ): ଶିକ୍ଷା ସମସ୍ୟା ଓ ଶିକ୍ଷକଙ୍କ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଜି ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରାଯାଇଛି । ଏକାଧିକ ଶିକ୍ଷକ ଓ ଅଧ୍ୟାପକ ସଂଘ ଏକତ୍ରିତ ହୋଇ ନିଜର ଦାବି ପୂରଣ କରିବା ପାଇଁ ଦାବି କରିଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ସରକାର ଶିକ୍ଷକଙ୍କ ଦାବି ପୂରଣ ନ କରି କମିଟି ଗଠନର ମନୋନିବେଶ କରିବା ଦୁର୍ଭାଗ୍ୟଜନକ । ପୂର୍ବରୁ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଶିକ୍ଷକଙ୍କ ସମସ୍ୟା ଆଲୋଚନା କରାଯାଇଛି । ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରିବା କେବଳ ବିଳମ୍ବ କରିବା ପାଇଁ ଉଦ୍ଦିଷ୍ଟ । ସରକାର ଏଥିରୁ ନିବୃତ୍ତ ରହି ସେମାନଙ୍କ ଦାବି ପୂରଣ କରିବା ପାଇଁ ଗୁରୁତ୍ୱ ଦିଅନ୍ତୁ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହି ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମଧ୍ୟ ଶିକ୍ଷକ ନେତାମାନେ ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନରେ ବହୁ ଶିକ୍ଷକ ସଂଗଠନ ସାମିଲ ହୋଇଥିବାବେଳେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଧାନସଭା ଆଗରେ ଗର୍ଜିଲେ କନିଷ୍ଠ ଶିକ୍ଷକ

## ‘ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଘୋଷଣାକୁ କାର୍ଯ୍ୟକାରୀ କରାଯାଉ’

ଭୁବନେଶ୍ୱର,୧୦ ।୧୨(ସମିସ): ବିଧାନସଭା ଅଧିବେଶନ ଶେଷ ହୋଇଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି । ଦୀର୍ଘ ୫ଦିନ ଅହୋରାତ୍ର ଧାରଣା ପରେ ପ୍ରାଥମିକ ଶିକ୍ଷକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ବେଳେ ବୁଧବାର ପୁଣି ବିଧାନସଭା ସମ୍ମୁଖରେ ଏକାଧିକ ସଂଗଠନ ସରକାରଙ୍କ ବିରୋଧରେ ବର୍ଷିଛନ୍ତି । ତନ୍ମଧ୍ୟରୁ କନିଷ୍ଠ ଶିକ୍ଷକ ସଂଘ ଏକ ବିଶାଳ ଆନ୍ଦୋଳନ କରିଛି । ଚାକିରି

■ ଘୋଷଣାର ୩ ମାସ ପରେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷୋଭ
■ ଆନ୍ଦୋଳନ ନକରି ଧୈର୍ଯ୍ୟ ରଖନ୍ତୁ, ଦାବି ପୂରଣ ହେବ: ଗଣଶିକ୍ଷା ମନ୍ତ୍ରୀ



ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି ।

ରାଜ୍ୟରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ କରି ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଅଗଷ୍ଟ ୨୨ ତାରିଖରେ ଘୋଷଣା କରିଥିଲେ । ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରାଯାଉଛି ବୋଲି ବ୍ୟାପକ ପ୍ରଚାରପ୍ରସାର କରିଥିଲେ । ହେଲେ, ଘୋଷଣାକୁ ୩ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନଥିବାରୁ କନିଷ୍ଠ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ସାମାଜିକ ଗଣମାଧ୍ୟରେ କରିଥିବା ପୋଷ୍ଟକୁ ପ୍ରଦର୍ଶନ କରି ସେମାନଙ୍କୁ ତ୍ୱରିତ ନିୟମିତ କରିବା ପାଇଁ ଦାବି କରିଛନ୍ତି । ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତାହେଲେ ସରକାର କିପରି ଚାଲୁଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୱରିତ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ସଂଘ ଦାବି କରିଛି ।

ଅପରପକ୍ଷରେ କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରାଯିବା ସହ ନିୟମିତ କରିବାକୁ ଘୋଷଣା କରାଯାଇଛି । ଦାବି ସମ୍ପର୍କରେ ସରକାର ସଚେତନ ଅଛନ୍ତି ଓ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମସ୍ତ ପ୍ରକ୍ରିୟା ପୂରଣ କରିବା ପାଇଁ ସମୟ ଆବଶ୍ୟକ । ଏଣୁ ଅଯଥାରେ ଆନ୍ଦୋଳନ ନ କରି ଶିକ୍ଷାଦାନରେ ମନୋନିବେଶ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପର୍କରେ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି ଯେ ପ୍ରକ୍ରିୟା କେବେ ସୁଦ୍ଧା ପୂରଣ କରିବେ ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖନ୍ତୁ । ଫଳରେ ଶିକ୍ଷାଦାନ ସ୍ୱାଭାବିକ ହୋଇପାରିବ । ଏହି ଆନ୍ଦୋଳନରେ ସଂଘର ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱଜିତ ବସ୍ତିଆ, ମନୋଜ କୁମାର ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଖୋଲିନି ମଣ୍ଡି

# ବିଲ ମୁଣ୍ଡରୁ ଧାନ କିଣୁଛନ୍ତି ବଙ୍ଗ, ଆନ୍ଧ୍ର ଦଲାଲ



ବସ୍ତା ବ୍ଲକ୍, ୧୦।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଅଞ୍ଚଳରେ ଖରିଫ ଧାନଚାଷ ଅମଳ ଆରମ୍ଭ ହୋଇଛି । ଅଞ୍ଚଳରେ ୭୫ ପ୍ରତିଶତରୁ ଅଧିକ ଜମିରୁ ଧାନ ଅମଳ ସରିଲାଣି । ହେଲେ ସରକାରୀ ମଣ୍ଡି ଖୋଲି ନଥିବାରୁ ଅମଳ ଆରମ୍ଭରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଲାଣି । ଏବେ ଖୋଲା ବଜାରରେ ଚାଷୀଙ୍କ ଧାନ ବିକ୍ରି ହେଉଛି । ବଙ୍ଗ ଓ ଆନ୍ଧ୍ରର ମାଳମାଳ ବେପାରୀଙ୍କ ଏଜେଣ୍ଟ ଚାଷ ଜମିରୁ ଚାଷୀଙ୍କ ଧାନ କିଣୁଛନ୍ତି । ଧାନ ଅମଳ ପରେ ଖୋଲା ବଜାରରୁ ଚାଷୀ ବାକିରେ କିଣିଥିବା ବିହନ, ସାର, କୀଟନାଶକ ଟଙ୍କା ପରିଶୋଧ ସହ ଧାନକଟା ଓ ବୁହା ଖର୍ଚ୍ଚ ପାଇଁ ଧାନ ବିକ୍ରି କରିବାକୁ ବାଧ ହୋଇଛି । ଏହାର ଭରପୂର୍ ଫାଇଦା ନେଉଛନ୍ତି ବାହାର ରାଜ୍ୟର ଦଲାଲ ।

ଓଡ଼ିଶା ପାଇଁ ପଶ୍ଚିମବଙ୍ଗ ଧାନର ବଡ଼ ବଜାର । ଦୈନନ୍ଦିନ ଶହ ଶହ ଟ୍ରକ୍ ଧାନ ପଶ୍ଚିମବଙ୍ଗ ଚାଲାଣ ହେଉଛି । ଧାନ ଚାଲାଣ ଉପରେ ସରକାରୀ ପ୍ରତିବନ୍ଧକ ଲାଗିଥିବା ଚାଷୀଙ୍କୁ କହି ଠକୁଛନ୍ତି ବେପାରୀ । ଧାନର ରେଟ୍ ନାହିଁ, ଚାହିଦା ନାହିଁ, କଞ୍ଚା ଅଛି, ଅଗାଡ଼ି ଅଛି, ସଙ୍ଗେ ସଙ୍ଗେ ଟଙ୍କା ନେଲେ ଏତିକି ଦେବି, ମାସ ପରେ ନେଲେ କୁଇଣ୍ଟାଲ ପିଛା ୧୦୦ ଟଙ୍କା ଅଧିକ ଦେବେ କହି ଚାଷୀଙ୍କୁ ଶୋଷଣ କରି ଦଲାଲ ମୁନାଫା ଉଠାଉଛନ୍ତି । ଏପରିକି, ରାଇସ୍ ମିଲ ମାଲିକମାନେ ମଧ୍ୟ ଏଜେଣ୍ଟ ଲଗାଇ କମ୍ ଦାମରେ ଧାନ କିଣୁଛନ୍ତି । ଖୋଲା ବଜାରରୁ ଅଧିକ ମୂଲ୍ୟ ଦେଇ ସେମାନେ ଧାନ କିଣୁଛନ୍ତି । ସରକାରୀ ମଣ୍ଡି ଖୋଲି ନ ଥିବାରୁ ଚାଷୀଙ୍କ ଟୋକନ୍ ହାତେଇବାକୁ ପ୍ରସ୍ତୁତି ସାରି ଦେଇଛନ୍ତି । ଧାନର ସହାୟକ ମୂଲ୍ୟ ସରକାରୀ ଭାବେ ୨୩ଶହ ଟଙ୍କା ଥିବା ବେଳେ ୮ ଶହ ୬୯ ଟଙ୍କା ବୋନସ ରହିଛି । ଯାହାକୁ ମିଶାଇଲେ ସରକାରୀ ଧାନ ମୂଲ୍ୟ ୩୧୬୯ ଟଙ୍କା ରହିଛି । ଏହି ତୁଳନାରେ ଏବେ ଖୋଲା ବଜାରରେ ଧାନ ୧୫ଶହରୁ ୧୬ଶହ ମଧ୍ୟରେ ବିକ୍ରି ହେଉଛି । ସରକାରୀ ମଣ୍ଡି ଖୋଲିବାରେ ବିଳମ୍ବ ପାଇଁ ଦଲାଲ ମୂଲ୍ୟ ବୃଦ୍ଧି କରୁନାହାନ୍ତି । ମଣ୍ଡି ଖୋଲିଲେ ଖୋଲା ବଜାରର ମୂଲ୍ୟ ବୃଦ୍ଧି ପାଇବ ବୋଲି କୁହାଯାଉଛି ।

ଚଳିତବର୍ଷ ସରକାରଙ୍କ ନିୟମ ଛାଟ ଚାଷୀଙ୍କୁ ଦୋହଲାଇ ଦେଇଛି । ଜମି ଅଂଶୀଦାରକୁ ନେଇ ଧାନବିକ୍ରି ପାଇଁ ନିୟମ ଆସିଥିବା ବେଳେ ଅନେକ ଚାଷୀ ପଞ୍ଜିକୃତ କରିନାହାନ୍ତି । ସେହିପରି ଅଧିକ ଧାନ ସରକାରୀ ମଣ୍ଡିରେ ବିକ୍ରି କରୁଥିବା ଚାଷୀଙ୍କ ରାସନ୍ କଟିବା ନିୟମ ଗୁଞ୍ଜରଣ ପାଇଁ ଚାଷୀ ନାଚାର ହୋଇ ପଡ଼ିଥିବା କୁହାଯାଇଛି । ଅନ୍ୟପକ୍ଷେ, ଚଳିତ ଖରିଫ ଋତୁରେ ବାଲେଶ୍ୱର ଜିଲ୍ଲାରେ କେତେ ଧାନକ୍ରୟ କରାଯିବ, ସେନେଇ କୌଣସି ଟାର୍ଗେଟ ଆସିନଥିବା ବେଳେ ସୋସାଇଟି ବ୍ୟତୀତ ଆଉ କିଏ ଧାନ କିଣିବ, ତାହା ମଧ୍ୟ ସ୍ପଷ୍ଟ ହୋଇନଥିବା ଜିଲ୍ଲା କାର୍ଯ୍ୟାଳୟରୁ ସୂଚନା ମିଳିଛି । ଆସନ୍ତା ଡିସେମ୍ବର ୨୯ରେ ଜିଲ୍ଲାରେ ଧାନମଣ୍ଡି ଖୋଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ବିଳମ୍ବରେ ସରକାରୀ ମଣ୍ଡି ଖୋଲିବାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶଥାଉ କି ବସ୍ତା ବ୍ଲକରେ ଚଳିତ ବର୍ଷ ୧୨ହଜାର ୨୩୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୯୨ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ଅମଳ ହେବା ନେଇ ବସ୍ତା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

# ପାରୋଲରେ ଯାଇ ଜେଲ୍ ଫେରୁନାହାନ୍ତି କଏଦୀ

କଟକ,୧୦।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ(କାରାଗାର)ରୁ ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ହାଇକୋର୍ଟ ଜେଲ୍ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କି’ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମୁନସି ଭୁଇଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ ଅଭିଯୁକ୍ତ ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ଜିର୍ଦ୍ଦେଶ

**ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଦେଇଥିଲେ । ପ୍ରକାଶଥାଉକି, ଆବେଦନକାରୀ ଅଭିଯୁକ୍ତ ପକ୍ଷରୁ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଅପିଲ ବିଚାରାଧୀନ ରହିଛି । ଏହି ଆବେଦନର ଶୁଣାଣି ବେଳେ ସମ୍ପୃକ୍ତ ଅଭିଯୁକ୍ତର ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ । ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ରୁ ଫେରାର୍ ଥିବା ଜଣାପଡ଼ିଥିଲା । ପରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଆବେଦନକାରୀଙ୍କ ବିରୋଧରେ ଚନ୍ଦକା ଥାନାରେ ଏନେଇ ଏକ ଏତଲା ଦିଆଯାଇଥିବା କୁହାଯାଇଥିଲା । ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଅଭିଯୁକ୍ତକୁ ଠାବ କରାଯାଇ ପାରିନଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଉକ୍ତ କାରାଗାରରୁ ପାରୋଲରେ ଯାଇ ଫେରି ନଥିବା ତଥା ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର୨୨କୁ ଧାର୍ଯ୍ୟ କରିଛନ୍ତି ଅଦାଲତ ।

**ମାଓ ଆକ୍ରମଣ ଯୋଜନା ପଣ୍ଡ**

# ୧୮ ଜିଲୋଟିନ୍, ୮ ଡିଟୋନେଟର ଜବତ

ବାଲିଗୁଡ଼ା,୧୦।୧୨(ସମିସ): ମାଓବାଦୀଙ୍କ ବଡ଼ଧରଣର ଏକ ଆକ୍ରମଣ ଯୋଜନା ପଣ୍ଡ କରିଛନ୍ତି ବିଏସ୍ଏଫ୍ ଯବାନ । ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୋଲାଗୁଡ଼ା ପଞ୍ଚାୟତ ସିଲକିସୁଗାର ଘଞ୍ଚ ଜଙ୍ଗଲରେ ବିସ୍ଫୋରକ ବିଛାଇଥିଲେ । ବିଏସଏଫ୍ ଗୁଇନ୍ଦା ରିପୋର୍ଟ ଆଧାରରେ ବିଏସଏଫ୍-୧୩୬ ବାଟାଲିଅନ୍‌ର ଯବାନମାନେ ସିଲକିସୁଗା ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଥିଲେ । ଯବାନଙ୍କ ଗତିବିଧିକୁ ଦେଖି ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରୁ ୧୮ ଜିଲୋଟିନ, ୮ ଡିଟୋନିଟର୍, ୧୭ବ୍ୟାଟେରୀ ସହ ସୋଲାର୍ ପ୍ଲେଟ୍ ଜବତ ହୋଇଛି ।




# କଫ ସିରପ ବିରୋଧରେ କଠୋର ହେଉଛି ପୁଲିସ

ଭୁବନେଶ୍ୱର, ୧୦ ।୧୨(ସମିସ): ବେଆଇନ କଫ୍-ସିରପ ଚୋରା ଚାଲାଣ ବିରୋଧରେ କଠୋର୍ ହେଉଛି ଓଡ଼ିଶା ପୁଲିସ । ଗତ କିଛି ଦିନ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ବିପୁଳ ପରିମାଣର କଫ୍-ସିରପ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି । ମୋଟ ୬୧ଟି ମାମଲାରେ ସଂପୃକ୍ତ ୧୮୧ ଜଣଙ୍କୁ ଗିରଫ କରିଛି ପୁଲିସ । ସେମାନଙ୍କଠାରୁ ମୋଟ ୭୩ ହଜାର ୧୮୧ ବୋତଲ କଫ-ସିରପ୍ ଜବତ କରାଯାଇଛି ।

ଏସଟିଏଫ୍ ଭୁବନେଶ୍ୱର ସର୍ବାଧିକ ୨୬ ହଜାର ୬୫୮ ବୋତଲ କଫ ସିରପ୍ ଜବତ କରି ଅଭିଯାନର ଆଗରେ ରହିଛି । ସମ୍ବଲପୁର ଜିଲ୍ଲା ପୁଲିସ ୧୩ଟି ମାମଲାରେ ୬୬ଜଣଙ୍କୁ ଗିରଫ କରି ୧୯ହଜାର

■ ୬୧ ମାମଲାରେ ୧୮୧ ଗିରଫ
■ ୭୩ ହଜାର ବୋତଲ କଫସିରଫ ଜବତ
■ ଜବତରେ ଆଗରେ ରହିଛି ଏସଟିଏଫ୍

୯୦୮ ବୋତଲ କଫ-ସିରପ ଜବତ କରିଥିବା ବେଳେ ବରଗଡ଼ ଜିଲ୍ଲା ପୁଲିସ ୧୭ଟି ମାମଲାରେ ୧୨ ହଜାର ୮୫୬ ବୋତଲ କଫ-ସିରପ୍ ଜବତ କରି ୬୪ ଜଣଙ୍କୁ ଗିରଫ କରିଛି । ସେହିଭଳି ବଲାଙ୍ଗୀର ପୁଲିସ ୧୨ଟି ମାମଲାରେ ସଂପୃକ୍ତ ୨୩ ଜଣ ଅଭିଯୁକ୍ତଙ୍କୁ କାବୁ କରି ୫୪୬୮ ବୋତଲ, ସୁବର୍ଣ୍ଣପୁର ପୁଲିସ ୬ଟି ମାମଲାର ୭ ଜଣଙ୍କୁ ଗିରଫ କରି ୪୫୧ ବୋତଲ ଓ ସୁନ୍ଦରଗଡ଼ ପୁଲିସ ୩ଟି ମାମଲାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୫୯୫ ବୋତଲ କଫ ସିରପ ଜବତ କରିଛି । ସେପଟେ ବୌଦ୍ଧ ୪ଟି ମାମଲା ସହ ୧୮୮୬ ବୋତଲ କଫ-ସିରପ୍ ଜବତ କରିଥିବା ବେଳେ କେନ୍ଦୁଝର ପୁଲିସ ଏହି ବେଆଇନ କାରବାରରେ ସଂପୃକ୍ତ ୬ ଜଣଙ୍କୁ ଗିରଫ କରିଛି । ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବା ସହ ନିଶା ବ୍ୟବସାୟୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି ।



# ବିଦ୍ୟାଳୟରେ ଛାତ୍ରକୁ ମାଡ଼

**ପିଅନ ନାଁରେ ଥାନାରେ ଅଭିଯୋଗ**

ଜଳେଶ୍ୱର,୧୦।୧୨(ସମିସ): ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ରାଇବଣିଆ ଥାନା ଅନ୍ତର୍ଗତ ଚମାର ଗାଁସ୍ଥିତ ପୃଥନାଥ ବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାମଲା ଥାନାରେ ପହଞ୍ଚିଛି। ଶିକ୍ଷକମାନଙ୍କ ଅପାରଗତାରୁ କେତେକ ଛାତ୍ର ପରସ୍ପର ମଧ୍ୟରେ ହାତାହାତି ହୋଇ ଆହତ ହୋଇଥିଲେ। ସେଠାରେ ଥିବା ପିଅନ ମୁକୁନ୍ଦ ନନ୍ଦ ଜେନା ହସ୍ତକ୍ଷେପ କରିବା ପରିବର୍ତ୍ତେ ଆହତ ଛାତ୍ରର ପିତାଙ୍କୁ ମିଥ୍ୟା କଥା ଇତ୍ୟାଦି ଏଣୁତେଣୁ କହିଥିଲେ। ଏପରିକି ଗୁରୁତର ଛାତ୍ରକୁ ହସ୍ପିଟାଲ ନେବା ପରିବର୍ତ୍ତେ ଅନ୍ୟ ଦୁଇ ହିନ୍ଦୀ ଓ କଳା ଶିକ୍ଷକ ସହାୟତାରେ ଛାତ୍ର ଚିକିତ୍ସିତ ହୋଇଥିଲେ। ତେଣୁ ଆହତ ଛାତ୍ରର ବାପା ପଞ୍ଚାନନ ଦେ, ପିଅନ ମୁକୁନ୍ଦ ନନ୍ଦ ଜେନାଙ୍କ ଭୂମିକା ସମ୍ପର୍କରେ ଆପତ୍ତି ଉଠାଇ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ବିଦ୍ୟାଳୟ ବିଭିନ୍ନ ବିବାଦୀୟ କାରଣରୁ ଚର୍ଚ୍ଚାର ପରିଧିରେ ରହିଆସୁଥିବା ବେଳେ ଦୁର୍ବଳ ଶିକ୍ଷକତାକୁ ଦୋଷାରୋପ କରାଯାଉଛି। ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ କର୍ମଚାରୀଙ୍କ ଇସାରାରେ ବାରମ୍ବାର ଛାତ୍ରମାନଙ୍କୁ ମାଡ଼ ମାରିବା ନେଇ ସଙ୍ଗୀନ ଅଭିଯୋଗ ହେଉଛି। ଏ ନେଇ ଗ୍ରାମବାସୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଉତ୍ତର ବାଲେଶ୍ୱରରେ ୧୦ ଲକ୍ଷ କ୍ୱିଣ୍ଟାଲ୍ ଧାନ ବିକ୍ରିରେ ସମସ୍ୟା

ଜଳେଶ୍ୱର,୧୦।୧୨(ସମିସ)



ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକକୁ ନେଇ ଜଳେଶ୍ୱର କୃଷି ଜିଲ୍ଲା ଗଠିତ। ଚଳିତବର୍ଷ ଖରିଫ ଋତୁରେ ଏହି ୩ଟି ବ୍ଲକରେ ମୋଟ ୫୪ ହଜାର ୯୪୧ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ପ୍ରାୟ ୨୫ ଲକ୍ଷ କ୍ୱିଣ୍ଟାଲ୍ ଧାନ ଅମଳ ହେବାର ଆକଳନ କରାଯାଇଛି। କିନ୍ତୁ ଖାଦ୍ୟ ବାବଦକୁ ଶସ୍ୟ ରଖିବା ଓ ସରକାରୀ ଭାବେ ବିକିବା ପରେ ମଧ୍ୟ ବଳକା ଧାନ ଅଭାବି ବିକ୍ରି ସମସ୍ୟା ଘେରରେ ରହିଛି। ମଣ୍ଡି ଖୋଲିବାରେ ବିଳମ୍ବ ଓ ବିକ୍ରୟ ଜନିତ ଜଟିଳ ସମସ୍ୟାର ଚାଷୀ ସମ୍ମୁଖୀନ ହେବା ନିଶ୍ଚିତ। ସରକାରୀ ମଣ୍ଡିରେ ଏହି ତିନି ବ୍ଲକର ପ୍ରାୟ ୬.୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯିବାର ସମ୍ଭାବନା ରହିଛି। ଏଥିଲାଗି ଚଳିତ ବର୍ଷ ମୋଟ ୩୩୯୮୯ ଜଣ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ନିଜର ଖାଦ୍ୟ ବାବଦକୁ ପ୍ରାୟ ୮.୫ ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀ ସାଇତି ରଖିବାକୁ ଥିବା ବେଳେ ଅବଶିଷ୍ଟ ୧୦ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରିକୁ ନେଇ ଚାଷୀକୁଳ ଆଶା ଆଶଙ୍କାରେ ଗତି କରୁଛନ୍ତି। ଏହି ବଳକା ଧାନକୁ ସ୍ୱଳ୍ପ ଦାମ୍‌ରେ ଲୁଟିନେବା ପାଇଁ ପଶ୍ଚିମ ବଙ୍ଗର ଦଲାଲ ମାନେ ସୀମାନ୍ତ ଅଞ୍ଚଳର ବେପାରୀଙ୍କୁ ହାତ ବାରିସି କରିଛନ୍ତି। କେତେକ ଖଟି ମାଲିକଙ୍କ ଜରିଆରେ ସ୍ୱଳ୍ପ ମୂଲ୍ୟରେ କିଣିବା ପାଇଁ ପସରା ମେଲାଇ ଅଗ୍ରିମ ଟଙ୍କା ମଧ୍ୟ ଦେଉଛନ୍ତି। ସମସ୍ତ ପୁଞ୍ଜି ଖଟାଇ ଧାନ ଫଳାଇଥିଲେ ମଧ୍ୟ ଅମଳ ଖର୍ଚ୍ଚ ଓ ଧାର, କରଜ ଅର୍ଥ ପରିଶୋଧ ଲାଗି ଅପେକ୍ଷାକୃତ କମ୍ ଦର, କ୍ୱିଣ୍ଟାଲ୍ ପିଛା ୧୬/୧୭ ଶହ ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ଏକ ଚେନ୍ ଜରିଆରେ ସୀମାନ୍ତ ଅଞ୍ଚଳରୁ ଟ୍ରକ୍ ଟ୍ରକ୍ ଧାନ ସଂଗ୍ରହ କରି ବଡ଼ ବ୍ୟବସାୟୀଙ୍କ ମାଧ୍ୟମରେ ବାଂଲାଦେଶକୁ ପଠାଇ ବେଶ୍ ମାଲେମାଲ ହେଉଛନ୍ତି। କାରଣ ଖାଦ୍ୟାଭାବ ଦୂର ପାଇଁ ବାଂଲାଦେଶ ପ୍ରଚୁର ଧାନ ବାହାରୁ ଆମଦାନୀ କରୁଥିବାବେଳେ ସେଠାରେ ଧାନର ମୂଲ୍ୟ ମଧ୍ୟ ଅଧିକ ରହିଛି। ଚଳିତ ବର୍ଷ ଜଳେଶ୍ୱର ବ୍ଲକ-୧୯୮୫୫ ହେକ୍ଟର, ଭୋଗରାଇ ବ୍ଲକ-୧୯୬୮୨ ହେକ୍ଟର ଓ ବାଲିଆପାଳ ବ୍ଲକ-୧୫୪୦୪ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଏବେ ଖରିଫ ଧାନ ଅମଳ ପ୍ରାୟତଃ ଶେଷ ହେବାକୁ ବସିଲାଣି। ପ୍ରତିକୂଳ ପାଗ ଓ ୬ ଥର ବନ୍ୟା ସଙ୍ଗେ ଚାଷ ହୋଇଥିବା ମୋଟ ୫୪୯୪୧ ହେକ୍ଟର ଜମିରୁ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ ହେବାର ସମ୍ଭାବନା ରହିଛି। କେତେକ କଟକଣା ଯୋଗୁଁ ବହୁ ଭାଗ ଚାଷୀ ପଞ୍ଜୀକରଣ କରିବାରୁ ବଂଚିତ ହୋଇଛନ୍ତି। ଏହି ୩ଟି ବ୍ଲକରେ ୫୪ଟି ପ୍ୟାକ୍ସ ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୬୨ଟି ମଣ୍ଡିରୁ ଧାନ ସଂଗ୍ରହ କରାଯିବାକୁ ବେଳେ ପଶ୍ଚିମବଙ୍ଗ ସୀମା ଅଞ୍ଚଳରେ ପ୍ରାୟ ୨ ଶହରୁ ଅଧିକ ଘରୋଇ ଧାନ ଖଟି ଏବେ ସକ୍ରିୟ ରହିଛି। ସେମାନଙ୍କ ମଧ୍ୟରୁ ମାତ୍ର ୯୦ଟି ସରକାରୀ ଲାଇସେନ୍ସ ପ୍ରାପ୍ତ ଥିବା ବେଳେ ସେ ସେମାନେ ପଶ୍ଚିମ ବଙ୍ଗର ଦଲାଲମାନଙ୍କ ମାଧ୍ୟମରେ କ୍ୱିଣ୍ଟାଲ ପ୍ରତି ୧୬/୧୭ ଶହ ଟଙ୍କାରେ ଲୁଟି ନେଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ କେତେକ ଖଟି ମାଲିକଙ୍କ ପଶ୍ଚିମ ବଙ୍ଗକୁ ଧାନ ଯାଇପାରୁ ନାହିଁ। ତେଣୁ ଚୋରାରେ ଧାନ ପଶ୍ଚିମ ବଙ୍ଗକୁ ଯାଉଥିବାର ମିଛ କଥା କହି ଶାଗ,ମାଛ ଦରରେ ଚାଷୀଙ୍କଠାରୁ ଧାନ କ୍ରୟ କରୁଛନ୍ତି। ଏହା ସହିତ ବିଭିନ୍ନ କଣ୍ଟାକୁ ହାତ କରି ବେପାରୀ ମାନେ ଓଜନ ମାପରେ ଚାଷୀଙ୍କୁ ଠକେଇ କରିବା ଅଭିଯୋଗ ମଧ୍ୟ ହୋଇଥାଏ। ଏ ନେଇ ମଧ୍ୟ ଅଦ୍ୟାବଧି ଚାଷୀଙ୍କୁ ଟୋକନ ନ ମିଳିବା ଓ ଧାନ ମଣ୍ଡି ଖୋଲିବା ଲାଗି କୌଣସି ସଠିକ୍ ତାରିଖ ଧାର୍ଯ୍ୟ ନ ହେବା ଯୋଗୁଁ ଚାଷୀକୁଳର ଚିନ୍ତା ବଢ଼ିଯାଇଛି। ଲଘୁଚାପ ଆଶଙ୍କା ମଧ୍ୟରେ ବଳକା ଧାନ ବିକ୍ରୟ ଲାଗି ଖୋଲା ଆକାଶ ତଳେ ଅମଳ ହୋଇ ପଡ଼ିଛି। ସରକାର ବର୍ଦ୍ଧିତ ସହାୟକ ମୂଲ୍ୟ ଦେଉଥିବା ବେଳେ କୃଷକ ମାନଙ୍କୁ ଶୋଷଣ ମୁକ୍ତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି। ଏହା ସହ ସୀମାନ୍ତ ସଡକରେ ଗତ ବର୍ଷ ଭଳି ଇନଫୋର୍ସମେଣ୍ଟ ଟିମ୍‌ର ପ୍ରହାର, ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଦାବି ହେଉଛି। ଯାହା ଫଳରେ ବଙ୍ଗ ଦଲାଲଙ୍କ ଲୋଲୁପ ଦୃଷ୍ଟିରୁ ଚାଷୀ ମାନଙ୍କୁ ସୁରକ୍ଷା ଦେବା ଆପାତତଃ ସମ୍ଭବ ହେବ। ତେଣୁ ସରକାର ଚାଷୀଙ୍କୁ ବଙ୍ଗ ଦଲାଲଙ୍କ ଶୋଷଣରୁ ମୁକ୍ତ ରଖିବା ଲାଗି ସେମାନଙ୍କ ସମସ୍ତ ଧାନ ଯଥା ଶିଘ୍ର କିଣିବାରେ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ବାଲି ଚାଲାଣ ବେଳେ ଟ୍ରାକ୍ଟରରୁ ଖସିପଡ଼ି ଯୁବକ ଗୁରୁତର

ଜଳେଶ୍ୱର,୧୦।୧୨(ସମିସ) : ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଗୁଆ ଗଡିଆ ଗ୍ରାମରେ ଚୋରା ବାଲି ଚାଲାଣବେଳେ ଟ୍ରାକ୍ଟରରୁ ପଡ଼ି ଯୁବକ ଗୁରୁତର ଆହତ ହୋଇଛନ୍ତି। ସୋମବାର ରାତି ୭ଟା ସମୟରେ ସୃଷ୍ଟିଧର ଘୋଷଙ୍କ ପୁଅ ଅବନୀ ଘୋଷ (୩୬) ଟ୍ରାକ୍ଟର ଚଳାଇ ଯାଉଥିବା ବେଳେ ତଳକୁ ଖସି ପଡ଼ିଥିଲେ। ଫଳରେ ଟ୍ରାକ୍ଟର ଚାପାରେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗୁରୁତର ଭାବେ ତାଙ୍କୁ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳ ଚୋରା ବାଲି ଉତ୍ତୋଳନକାରୀ ଓ ଚାଲାଣ କାରୀଙ୍କ ନିର୍ଭୟ ଚରାଭୂଇଁ ପାଲଟିଛି।

● ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ତମାଣ୍ଡୋ ବିଜୟୀ



ସୋର, ୧୦।୧୨ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ ଆଦର୍ଶ କ୍ଲବ ବାଲେଶ୍ୱର ସହିତ ତମାଣ୍ଡୋ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦର୍ଶ କ୍ଲବ ବାଲେଶ୍ୱର ଟସ୍ ଜିତି ପ୍ରଥମେ ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରେ ୯ ୱିକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟର ରାମଚନ୍ଦ୍ର ବେହେରା ୫୩ଟି ବଲ ଖେଳି ୧୧୫ ରନ ସଂଗ୍ରହ କରିଥିଲେ। ଜବାବରେ ବାଲେଶ୍ୱର ଦଳ ୨୧ ଓଭର ରେ ସମସ୍ତ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳର ବ୍ୟାଟର ଶେଖର ମାଝୀ ୨୬ ବଲ ଖେଳି ୬୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର ବ୍ୟାଟର ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ଗଜେନ୍ଦ୍ର ପ୍ରଧାନ ଯୋଗଦେଇ ପୁରସ୍କାର ପ୍ରଦାନ କରିଥଲେ। ଏହି ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟର ଆଶୁତୋଷ ପାଣି ଏବଂ ଦୁର୍ଗାପ୍ରସାଦ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ନରେଶ ନାୟକ, ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ। ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଂଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ରମାକାନ୍ତ ବେହେରା, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି ,କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ମୁକ୍ତିରଞ୍ଜନ ସାହୁ ଏବଂ ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜିଲ୍ଲାସ୍ତରୀୟ କ୍ରୀଡ଼ା

ଜଳେଶ୍ୱର, ୧୦।୧୨(ସମିସ) : ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୂହର ଜିଲ୍ଲାସ୍ତରୀୟ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ ବ୍ଲକରେ ଥିବା ୨୧ଟି ବିଦ୍ୟାଳୟର ତିନିଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଶିଖରପୁର ଖେଳପଡିଆରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ ବିଶ୍ୱାଳ ଯୋଗଦେଇ ସୂଚନା ଓ ଖେଳାଳିମାନଙ୍କୁ ଶପଥପାଠ କରାଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରଭାରୀ ଦିପ୍ତିକାନ୍ତ ପାଢୀ, ଜିଲା ସଂଯୋଜକ ରବିନାରାୟଣ ପାତ୍ର ଓ ରାଇବଣିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂପାଦକ ଦେବବ୍ରତ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ୧୩ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ରାଜ୍ୟସ୍ତରୀୟ କ୍ରୀଡାରେ କୃତୀ ଛାତ୍ରଛାତ୍ରୀ ଯୋଗ ଦେବେ ବୋଲି ଜଣାଯାଇଛି।

● ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣା

# ଅନ୍ୟ ଜଣେ ଅଭିଯୁକ୍ତ ଗିରଫ



ସୋର,୧୦।୧୨(ସମିସ): ଗତ ଅକ୍ଟୋବର ମାସରେ ସୋର ଥାନା ମଲ୍ଲିଚୁଆ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ସୋର ପୁଲିସ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ଗତ ସେପ୍ଟେମ୍ବର ମାସରେ ଚଇତା ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂଙ୍କୁ ଗଛରେ ବାନ୍ଧି ମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଗତ ଅକ୍ଟୋବର ମାସ ୧୨ତାରିଖରେ ଟୁନି ସିଂଙ୍କ ମୃତ୍ୟୁ ହୋଇଥିଲା। ଏ ବାବଦରେ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ପୂର୍ବରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଅନ୍ୟ ମାନେ ଫେରାର ଥିବା ବେଳେ ଗତକାଲି ରାତିରେ ଏଥିରେ ସମ୍ପୃକ୍ତ ଗୋପାଳପୁର ଗ୍ରାମର ବାଉଲି ସିଂ (୪୬)ଙ୍କୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

# ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀଙ୍କ ପରଲୋକ



ଖଇରା,୧୦।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ ଗ୍ରାମନିବାସୀ ତଥା ପାନୀୟ ଜଳ ପରିମଳ ବିଭାଗର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ପ୍ରଭାକର ମହାପାତ୍ର(୯୨)ଙ୍କ ପରଲୋକ ଘଟିଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁତ୍ର, କନ୍ୟା, ଜ୍ୱାଇଁ, ଭ୍ରାତା, ନାତିନାତୁଣୀ, ପୁତୁରା ଓ ଝିଆରୀ ଉପସ୍ଥିତ ଥିଲେ। ଗ୍ରାମର ବେକାରୀ ଯୁବତୀ ଯୁବକଙ୍କ ନିଯୁକ୍ତି ପାଇଁ ୧୯୯୭ ମସିହାରେ ଏକ ଶିଳ୍ପ ପ୍ରତିଷ୍ଠା, ଗାଁରେ ଶିବମନ୍ଦିର ପ୍ରତିଷ୍ଠା, ପୋଖରୀ ଖନନ କାର୍ଯ୍ୟଭଳି ବହୁ ଉନ୍ନତିମୂଳକ କାମ କରି ଗ୍ରାମବାସୀଙ୍କ ଆସ୍ଥାଭାଜନ ଲାଭ କରିଥିଲେ। ତାଙ୍କ ମୃତ୍ୟୁରେ ଖଇରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ସୋର, ୧୦।୧୨(ସମିସ): ସୋର ବ୍ଲକ ମଙ୍ଗଳପୁର ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଆଜି ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ଶିକ୍ଷକ ଅଜିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମ୍ୟୁଜିକ ଏବଂ ସ୍କିପିଙ୍ଗ ଖେଳ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରତିମା ସିଂ, ଶୁଭଶ୍ରୀ ମହାନ୍ତି, ମମତା ମହାନ୍ତି, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଦୌଡ଼ କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଅଞ୍ଜନ ଜେନା ପରିଚାଳନା କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା କ୍ରୀଡା ପତାକା ଅବତରଣ କରିବା ସହିତ ଏହି କାର୍ଯ୍ୟକ୍ରମ ଶେଷ କରିଥିଲେ। ଗୋପବନ୍ଧୁ ମହଲା, ସୌମ୍ୟରଞ୍ଜନ ପ୍ରଧାନ ଏବଂ କରୁଣାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଲଙ୍ଗଳେଶ୍ୱର, ୧୦।୧୨(ସମିସ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୂନାରୁଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନରସିଂହ ପଣ୍ଡାଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ଶ୍ରୀ ପଣ୍ଡା ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଆଜି ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ମରଶରୀର ନିକଟରେ ପୁତ୍ର ହରିହର, ପୁତ୍ରବଧୂ ମନୋରମା ଏବଂ ଦୁଇ ନାତି ଉପସ୍ଥିତ ଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ହରିହରି ମୁଖାଗ୍ନି ଦେଇଛନ୍ତି।

# ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ



ଲଙ୍ଗଳେଶ୍ୱର, ୧୦।୧୨ (ସମିସ) : ବାଲିଆପାଳ ଥାନା ଅନ୍ତର୍ଗତ ଚୌମୁଖ ଗ୍ରାମରୁ ଏକ ପିକଅପ ଭ୍ୟାନରେ ଆକାଶୀ କାଠ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ସିମୁଳିଆ ଛକ ନିକଟରେ ଚଢଉ କରି କାଠ ସମେତ ପିକଅପ ଭ୍ୟାନ୍ ଜବତ କରିଛି ବନ ବିଭାଗ। ଆଜି ସକାଳେ ପିକଅପ ଭ୍ୟାନରେ କାଠ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜର ମନୋହର ଖାନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ ଧଡା ଏବଂ ସାଗରିକା ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢଉ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଡ୍ରାଇଭର ଗାଡି ଛାଡି ଚମ୍ପଟ ମାରିଥିବାବେଳେ ଗାଡି ଜବତ କରି ବନବିଭାଗ ଅଧିକ ତଦନ୍ତ ଜାରି ରଖିଛି।

# ଜୟିପୁର-ଶ୍ରୀରାମପୁର ରାସ୍ତା ଶିଳାନ୍ୟାସ ବିବାଦ ତେଜୁଛି



**ବିଧାୟକଙ୍କ ପରେ ପୃଥକ ଭାବେ ସରପଞ୍ଚ ଓ ସମିତିସଭ୍ୟାଙ୍କ ଭୂମିପୂଜା**

ଖଇରା,୧୦।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଔପଦା ପୂର୍ତ୍ତ ବିଭାଗ ରାସ୍ତାରୁ ଶ୍ରୀରାମପୁର କଖାରୁଆ ଦେଇ ଜୟିପୁର ପର୍ଯ୍ୟନ୍ତ ନିର୍ମିତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସକୁ ନେଇ ବିବାଦ ଉଗ୍ରରୂପ ଧାରଣ କରୁଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ହେବାକୁ ଥିବା ରାସ୍ତା ପାଇଁ ଗତ ରବିବାର ଦିନ ବିଧାୟକ ପଦ୍ମଲୋଚନ ପଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକଙ୍କ ଦ୍ୱାରା ଶିଳାନ୍ୟାସ ହେବାର ୩ ଦିନ ପରେ ଅର୍ଥାତ ବୁଧବାର ସରପଞ୍ଚ ରଶ୍ମିବାଳା ବେହେରା ଓ ସମିତି ସଭ୍ୟା ପାର୍ବତୀ ବାରିକ ନିଜର ଶତାଧିକ ସମର୍ଥକଙ୍କ ଉପସ୍ଥିତିରେ ଦ୍ୱିତୀୟ ଥର ପାଇଁ ଭୂମିପୂଜା କରିଛନ୍ତି। ଏଭଳି ଭୂମିପୂଜାକୁ ନେଇ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇ ଯାଇଛି। ଉଭୟ ଲୋକ ପ୍ରତିନିଧିଙ୍କ କହିବା ମୁତାବକ ସେମାନଙ୍କ ବାରମ୍ବାର ଦାବି ପରେ ଉକ୍ତ ରାସ୍ତା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଚିଠା ପ୍ରସ୍ତୁତ କରି ଦିଆଯାଇଥିଲା। ଏଣୁ ଏବେ ରାସ୍ତା ଅନୁମୋଦନ ଲାଭ କରିଥିବାରୁ ସେମାନେ ନିଜର ସମର୍ଥକଙ୍କୁ ନେଇ ଭୂମିପୂଜା କରିଛନ୍ତି। କେବଳ ସେତିକି ନୁହେଁ ଯେଉଁମାନଙ୍କ ଜମିଦେଇ ରାସ୍ତା ଯିବାର ଅଛି ସେମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବା କହିଛନ୍ତି। ସରପଞ୍ଚ ସମିତିସଭ୍ୟାଙ୍କ ବ୍ୟତିତ ବିଜେଡି ନେତା ରବିନ୍ଦ୍ର କୁମାର ବେହେରା ଓ ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଆଇନ ଓ ଶାନ୍ତିର ଅବିଚଳ ପହେରାଦାର
ସ୍ୱନକ୍ଷତ୍ର ଦିବସରେ ସକାଳ ଖବରକାଗଜକୁ ଶୁଭେଚ୍ଛା
ସମାଜର ସୁରକ୍ଷା, ନ୍ୟାୟ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପାଟକୁରା ଥାନା ସଦା ଜନତାଙ୍କ ସହଯୋଗୀ।
- ନାଗରିକ ସୁରକ୍ଷା ଆମ ଦାୟିତ୍ୱ
- ଭ୍ରଷ୍ଟାଚାର ଓ ଅପରାଧ ବିରୋଧରେ ସକ୍ରିୟ ପଦକ୍ଷେପ
- ନାରୀ, ଶିଶୁ ଓ ବୃଦ୍ଧଙ୍କ ସ୍ୱତନ୍ତ୍ର ସହାୟତା
- ତ୍ୱରିତ ଅଭିଯୋଗ ନିଷ୍ପତ୍ତି ଓ ନ୍ୟାୟମୂଳକ ତଦନ୍ତ
ଜନତା ସହଭାଗୀ ହେଲେ— ସୁରକ୍ଷିତ ପାଟକୁରା ଗଢ଼ିବା ଆମର ପ୍ରତିଶ୍ରୁତି।
ପାଟକୁରା ଥାନା
"ନୀତି, ସେବା ଓ ସୁରକ୍ଷାର ପ୍ରତୀକ"





# ନୀଳଗିରିକୁ ପଶିଲେ ୪୯ ଟିକିଆ ଝାଡ଼ଖଣ୍ଡୀ ହାତୀପଲ

ନୀଳଗିରି, ୧୦।୧୨ (ସମିସ)




ବାଲେଶ୍ୱର ଜିଲା ନୀଳଗିରିକୁ ପ୍ରବେଶ କଲେ ୪୯ ଟିକିଆ ଝାଡ଼ଖଣ୍ଡୀ ହାତୀପଲ। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀପଲ ଆସୁଛନ୍ତି। ଚଳିତବର୍ଷ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଦଳ ଆସି ଓଡିଶା ସୀମା ପାରି ହୋଇ ବୁଧବାର ଭୋର ସମୟରେ ୪୯ ଟିକିଆ ହାତୀ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁଦାଳ, କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ହାତୀ ଆସୁଥିବା ରାସ୍ତାରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ହାତୀପଲ ତିନିକୋଶିଆକୁ ସଂରକ୍ଷିତ ଜଙ୍ଗଲ ମୁହାଁ ହେଉଥିବା ଜଣାପଡୁଛି। ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ (ଡି. ଏଫ୍.ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ହାତୀଙ୍କ କବଳରୁ ମଣିଷଙ୍କୁ ରକ୍ଷା ଏବଂ ମଣିଷ କବଳରୁ ହାତୀଙ୍କୁ ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାଶ୍ୱର୍ରେ ନୀଳଗିରି ବନବିଭାଗର ରେଞ୍ଜର ମନୱର ଖାଁନଙ୍କ ନେତୃତ୍ୱରେ ଏକାଧିକ ଫରେଷ୍ଟର, ଫରେଷ୍ଟ ଗାଡର୍, ସବୁଜବାହିନୀ ହାତୀର ଗତିବିଧି ନିରିକ୍ଷଣ ପାଇଁ ଜଙ୍ଗଲ ଚତୁଃପାଶ୍ୱର୍ରେ ଜଗି ରହିଛନ୍ତି। ଏହା ସହ ଡାକବାଜି ଯନ୍ତ୍ର ଦ୍ୱାରା ବନାଞ୍ଚଳବାସୀଙ୍କୁ ସୁଚନା ଦିଆଯାଇଛି। ଅନ୍ୟପଟେ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ ଗୁଡ଼ିକ ବିଧ୍ୱସ୍ତ ଅବସ୍ଥାରେ ଅଛି। ତେଣୁ ତୁରନ୍ତ ସେଗୁଡ଼ିକର ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହୁଲ୍ଲାସ ସାହୁ (ହୁଲି)
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଆବିର୍ଭାବ - ୦୮/୦୭/୧୯୫୮
ତିରୋଧାନ - ୦୨/୧୨/୨୦୨୫
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ପରମ ଶାନ୍ତି ଦାୟକ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ପୁଅ- ରବିନ୍ଦ୍ର, ବୋହୂ - ଚଞ୍ଚଳା, ନାତି- ଚନ୍ଦନ ଓ ସାହୁ ପରିବାର ବର୍ଗ

# ଷଣ୍ଢକୁ ତୀରମାଡ଼ କଲେ ଦୁର୍ବୃତ୍ତ



**ଖୁଣ୍ଟା,୧୦।୧୧(ସମିସ):** ଷଣ୍ଢକୁ ତୀରମାଡ଼ ଘଟଣାରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ନିନ୍ଦା କରାଯାଇଛି। ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ବାହାନଡ଼ା ଗ୍ରାମ ପଞ୍ଚାୟତରେ ଥିବା ରଘୁନାଥପୁର ଗ୍ରାମର ଉଦୟନାଥ ହେମ୍ବ୍ରମଙ୍କ ଘର ସମ୍ମୁଖରେ ଭୋର୍‌ରୁ ଏକ ଷଣ୍ଢ ଦେହରେ ତୀରବିଦ୍ଧ ହୋଇଥିବାବେଳେ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। କେହି ଜଣେ ଅମାନବିକ ବ୍ୟକ୍ତି ମଙ୍ଗଳବାର ରାତିରେ ତୀର ମାରିଦେଇଛି। ତେବେ ଆଦିବାସୀ ସେଙ୍ଗେଲ୍ ଅଭିଯାନ ମୟୂରଭଞ୍ଜ ଜିଲ୍ଲା ସଭାପତି ଉଦୟନାଥ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ପଶୁ ଚିକିତ୍ସା ଟୋଲ୍ ଫ୍ରି ନଂ-୧୯୬୨କୁ ଫୋନ୍ କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସର ଡାକ୍ତରୀ ଟିମ୍ ଆସି ଉଦୟନାଥଙ୍କ ବାଡ଼ିରେ ଷଣ୍ଢକୁ ଆୟତ୍ତ କରି ତୀର କାଢ଼ିବା ସହିତ ଇଞ୍ଜେକ୍ସନ୍ ଏବଂ ମାଛି ଯେପରି ନ ବସନ୍ତି ସେଥିପାଇଁ ଘା' ସ୍ଥାନରେ ମଲମ ଲଗାଇଥିଲେ। ଷଣ୍ଢକୁ ଖାଇବାକୁ ଦେବା ସହିତ ଉଦୟନାଥ ସେବା ଶୁଶ୍ରୂଷା କରୁଛନ୍ତି। ବିଶ୍ୱେଶ୍ୱର ହେମ୍ବ୍ରମ, ଲିଙ୍ଗରାଜ ସୋରେନ ଓ ଜଟା ସୋରେନ ଏହି କାର୍ଯ୍ୟକ୍ରମରେ ତାଙ୍କୁ ସହଯୋଗ କରୁଛନ୍ତି।

## ରାସ୍ତାରେ ବେଆଇନ ଭାରୀଯାନ ପାର୍କିଂ ସାଜିଛି ବିପଦ

# ବର୍ଷକରେ ଗଲାଣି ୧୦ରୁ ଊର୍ଦ୍ଧ୍ୱ ଜୀବନ

**ରାଇରଙ୍ଗପୁର,୧୦।୧୨(ସମିସ):**

ରାଇରଙ୍ଗପୁର ସହରକୁ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଜାତୀୟ ରାଜପଥରେ ବେଆଇନ ଭାବେ ରାସ୍ତାରେ ଭାରିଯାନ ପାର୍କିଂ ଜନସାଧାରଣଙ୍କ ନିମନ୍ତେ ବିପଦର

- ପୁଲିସ ପ୍ରଶାସନ ସାଜିଛି ନିରବଦ୍ରଷ୍ଟା
- ଅନ୍ୟତ୍ର ପାର୍କିଂ ନେଇ ଦାବି

କାରଣ ସାଜିଛି। ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ନିମିଷକେ ଅମୂଲ୍ୟ ଜୀବନ ଦୀପ ଲିଭି ଯାଉଛି। ରାସ୍ତାରେ ବେଆଇନ ପାର୍କିଂ ଯୋଗୁଁ ବର୍ଷକ ମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜୀବନ ଯାଉଥିବାର ନଜିର୍ ରହିଛି। ଯାହାକି ଅନେକ ଯନ୍ତ୍ରଣାଦାୟକ ଥିବାବେଳେ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

ରାଇରଙ୍ଗପୁର ସହର ମଧ୍ୟ ଦେଇ ୨୨୦ ନମ୍ବର ଜାତୀୟ ରାଜପଥ ଯାଇଛି। ଯାହାକି ରାଞ୍ଚି-ବିଜୟୱାଡାକୁ ସଂଯୋଗ କରୁଛି। ଏହା ଏକ



ବ୍ୟସ୍ତବହୁଳ ଜାତୀୟ ରାଜପଥ ହୋଇଥିବାବେଳେ ନିୟମିତ ଭାରୀଯାନ ଚଳାଚଳ କରିଥାଏ। ଭାରୀଯାନ ଚଳାଚଳ ଯୋଗୁଁ ସହର ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ରାସ୍ତା ମଧ୍ୟ ଖରାପ ହୋଇଥାଏ। ଯାହାକୁ ନେଇ ଗତ ୪/୫ ବର୍ଷ ପୂର୍ବେ ରାଇରଙ୍ଗପୁର ସହର ମଧ୍ୟରେ ଭାରୀଯାନ ଚଳାଚଳରେ କଟକଣା ଜାରି କରାଯାଇଥିଲା। ପ୍ରତିଦିନ ସକାଳ ୬ରୁ ପୂର୍ବାହ୍ଣ ୧୧ଟା ଏବଂ ଅପରାହ୍ଣ ୩ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳରେ କଟକଣା କରି ନୋ ଏଣ୍ଟ୍ରି ଲଗାଯାଇଛି। ଭାରୀଯାନଗୁଡ଼ିକ ଉଭୟ ପାର୍ଶ୍ୱରେ ଯଥା- ଦାଣ୍ଡବୋଷର ପୁରୁଣାପାଣି ଏବଂ ପୁରୁଣା ଘାଟି ଅଞ୍ଚଳରେ ଅଟକି ରହିଥାଏ। ଜାତୀୟ ରାଜପଥ ଉପରେ ଭାରୀଯାନଗୁଡ଼ିକ ଦିନତମାମ ପାର୍କିଂ ହେବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଦୁର୍ଘଟଣା ଘଟୁଛି। ଉକ୍ତ ଜାତୀୟ ରାଜପଥ ଦେଇ ବାଦାମ ପାହାଡ଼, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ସୁନ୍ଦରଗଡ଼ ଆଦି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକ୍‌ଗୁଡ଼ିକ ଟାଟା, ରାଞ୍ଚି, ବୋକାରୋ, ଦୁର୍ଗାପୁର ଆଦିକୁ ନିୟମିତ ଯାତାୟାତ କରିଥାନ୍ତି। ଭାରୀଯାନ ମଧ୍ୟରୁ ୮୦ପ୍ରତିଶତ ଲୁହା ପଥର ବୋଝେଇ ଟ୍ରକ୍ ଅଟେ। ତେଣୁ ରାଇରଙ୍ଗପୁର ସହରରେ ନୋ-ଏଣ୍ଟ୍ରି ଯୋଗୁଁ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଶହଶହ ଟ୍ରକ୍ ଛିଡ଼ା ହୋଇଥାଏ। ଯାହାକି ଗାଡ଼ିମୋଟର ଚଳପ୍ରଚଳରେ ବାଧା ସୃଷ୍ଟି କରୁଛି। ଟ୍ରକ୍ ସହ ଧକ୍କା ହୋଇ ଜୀବନ ଯାଉଛି। ଏହା ସହିତ ଉକ୍ତ ଅଞ୍ଚଳ ଅନ୍ଧାରୁଆ ହୋଇଥିବାବେଳେ ବାଇକ୍‌ଗୁଡ଼ିକ ଆସି ଟ୍ରକ୍ ପଛରେ ଧକ୍କା ଦେଇ ଜୀବନହାନୀ ଘଟୁଛି। ରାସ୍ତାରେ ବେଆଇନ ପାର୍କିଂ ଯୋଗୁଁ ବର୍ଷକ ମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜୀବନ ଯାଉଥିବାର ନଜିର୍ ରହିଛି। ତେଣୁ ରାସ୍ତାରେ ଭାରୀଯାନ ପାର୍କିଂ ନ କରି ନିକଟସ୍ଥ ଖୋଲା ସ୍ଥାନ କିମ୍ବା ଅନ୍ୟତ୍ର ପାର୍କିଂ କରିବାର ଆବଶ୍ୟକତା ରହିଛି। ଅନ୍ୟପଟେ ପୁଲିସ ପ୍ରଶାସନ ପକ୍ଷରୁ କିଛି ଗୃହରକ୍ଷୀଙ୍କୁ ଟ୍ରକ୍ ଉପରେ ନଜର ରଖିବାକୁ ଦାୟିତ୍ୱ ଦେଇଥିବାବେଳେ ତାହା ମଧ୍ୟ ଠିକ୍ ଭାବେ ସମ୍ପାଦନା ହେଉନାହିଁ। ସେଠାରେ ତାଲିମପ୍ରାପ୍ତ ଟ୍ରାଫିକ୍ କର୍ମଚାରୀ ରହିବା ବଦଳରେ ଗୃହରକ୍ଷୀ ରହୁଛନ୍ତି। ଯାହାକି ସଠିକ୍ ଭାବେ ପରିଚାଳନା କରିପାରୁ ନାହାନ୍ତି। ସମସ୍ୟା ବାବଦରେ ଜାଣି ମଧ୍ୟ ପୁଲିସ ପ୍ରଶାସନ ଆଖିବୁଜି ରହିବା ଜନସାଧାରଣଙ୍କ ଜୀବନ ପାଇଁ ବିପଦ ସାଜିଛି। ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ତାହା ସମ୍ପୂର୍ଣ୍ଣ ହେବାକୁ ସମୟ ଲାଗିବ। ଏହି ସମୟ ପର୍ଯ୍ୟନ୍ତ ଏହିପରି ବ୍ୟବସ୍ଥା ଜାରି ରହିଲେ ଆହୁରି ଅନେକ ପ୍ରାଣହାନୀ ହେବାର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ ପୂର୍ବକ ରାସ୍ତାରେ ଭାରୀଯାନ ପାର୍କିଂ ନ କରି ଅନ୍ୟତ୍ର ପାର୍କିଂ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ରାମଚନ୍ଦ୍ର ହାଁସଦା ସୁନ୍ଦରଗଡ଼ ବିଜେପି ପ୍ରଭାରୀ


**ରାଇରଙ୍ଗପୁର,୧୦।୧୨(ସମିସ):** ବିଜେପି ରାଜ୍ୟ ସମ୍ପାଦକ ତଥା ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲାର ବରିଷ୍ଠ ନେତା ଇଂ ରାମଚନ୍ଦ୍ର ହାଁସଦା ସୁନ୍ଦରଗଡ଼ ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ନାମ ଘୋଷଣା କରାଯାଇଛି। ସେ ବିଜେପିର ବରିଷ୍ଠ ନେତା ଥିବାବେଳେ ପୂର୍ବରୁ ଅନେକ ଦଳୀୟ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି।

# ଟ୍ରାନ୍ସଫର୍ମର କୋର୍ ଓ କଏଲ୍ ଚୋରି

**ରାଇରଙ୍ଗପୁର,୧୦।୧୨(ସମିସ):** ବଦାମତଳିଆ ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର୍ ଓ କଏଲ୍ ଚୋରି ହୋଇଛି। ଏନେଇ ଟାଟା ପାୱାର କଣ୍ଟାବଣି ବିଦ୍ୟୁତ୍ ସେକ୍ସନ୍ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ କରୁଣାମୟୀ ଲାଏକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବଦାମତଳିଆ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ହେବାରୁ ଲାଇନ୍ ମ୍ୟାନ୍ ଯାଞ୍ଚ କରିଥିଲେ। ତେବେ ଭରଣ୍ଡିଆ ଓ ବୁଢ଼ିଆକୁଦର ଗ୍ରାମରେ ଥିବା ଦୁଇଟି ଟ୍ରାନ୍ସଫର୍ମର ମଧ୍ୟରୁ କୋର୍ ଓ କଏଲ୍ ଚୋରି କରିଛନ୍ତି ବୋଲି ସୂଚନା ପାଇଥିଲେ। ଯାହାଫଳରେ ଉକ୍ତ ଦୁଇଟି ଗ୍ରାମର ଉପଭୋକ୍ତାମାନେ ଅନ୍ଧାରରେ ଅଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ଅଟେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ସାମ୍ବାଦିକଙ୍କ ପିତୃ ବିୟୋଗ

**ବାରିପଦା,୧୦।୧୨(ସମିସ):** ସ୍ଥାନୀୟ ସାମ୍ବାଦିକ ଭକ୍ତିରଞ୍ଜନ ପଣ୍ଡାଙ୍କ ବାପା ରାମଚନ୍ଦ୍ର ପଣ୍ଡା(୭୧)



ଙ୍କର ନିଜ ବାସଭବନରେ ବୁଧବାର ପରଲୋକ ଘଟିଛି। ସେ ଓଡ଼ିଶା ଉଠା ଜଳସେଚନ କର୍ପୋରେସନରେ ଚାକିରି କରିଥିବାବେଳେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ଜଣେ ଦକ୍ଷ ସଂଗଠକ, ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ସମ୍ପର୍କୀୟ ଓ ବାରିପଦାର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ବେଳକୁ ପାଖରେ ପତ୍ନୀ ମୀରା, ପୁଅ ଦୀପ୍ତି, ଭକ୍ତି, ଝିଅ ଶୁଭସ୍ମିତା, ଜ୍ୱାଇଁ ବିଷ୍ଣୁ ନାରାୟଣ, ନାତି ତନିଶ ନାରାୟଣ ଉପସ୍ଥିତ ଥିଲେ। ବାରୁଣୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦିପୁ ମୁଖାଗ୍ନି ଦେଇଛନ୍ତି।

## ବୁଢ଼ାବଳଙ୍ଗ ଓ କାତ୍ରା ନଦୀରେ ଆଡ଼ିବନ୍ଧ ଓ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ

# ସୁପାରିସ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ

**ବାରିପଦା,୧୦।୧୨(ସମିସ):** ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି କାତ୍ରା ଓ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ବୁଢ଼ାବଳଙ୍ଗ ନଦୀରେ କୁଳିଅଣା ବ୍ଲକ୍ ଅଧୀନସ୍ଥ କାମତା ଗ୍ରାମରେ ଏକ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ନିର୍ମାଣ ହେଲେ ବୁଢ଼ାବଳଙ୍ଗ ନଦୀରେ ଆସୁଥିବା ବନ୍ୟା ଦାଉରୁ ବାରିପଦା ସହରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ୮୫୨୩ ହେକ୍ଟର ଜମିକୁ ଜଳସେଚନ କରାଯାଇ ପାରିବ। ସମ୍ପୃକ୍ତ ପ୍ରକଳ୍ପ ପାଇଁ ୨୦୧୮ ଫେବୃଆରୀ ୨ ତାରିଖରୁ ଟିଏସିର ଅନୁମୋଦନ ମିଳିସାରିଛି। ଏହି ପ୍ରକଳ୍ପ ଦ୍ୱାରା ଖୁଣ୍ଟା ଓ ବଡ଼ସାହି ବ୍ଲକ୍‌ର ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ। ସେହିପରି କାତ୍ରା ନଦୀରେ ବାଙ୍ଗିରିପୋଷି ବ୍ଲକ୍ ଅଧୀନସ୍ଥ ମୁଣ୍ଡାକଟା ଗ୍ରାମରେ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ଶ୍ରୀମତୀ ମହାନ୍ତ ଦାବି କରିଛନ୍ତି। ଏହି ବ୍ୟାରେଜ୍ ଦ୍ୱାରା ୭୨୦୦ ହେକ୍ଟର ଚାଷଜମି ଜଳସେଚିତ କରାଯାଇପାରିବ। ଏହି ପ୍ରକଳ୍ପ ମଧ୍ୟ ୨୦୧୮ ଏପ୍ରିଲ ୩ରେ ଟିଏସି ଦ୍ୱାରା ଅନୁମୋଦନ ହୋଇସାରିଛି।

ଏଠାରେ ସୂଚନାଯୋଗ୍ୟ, ବୁଢ଼ାବଳଙ୍ଗ ଓ କାତ୍ରା ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ପାଇଁ ସର୍ଭେ ଓ ଏଷ୍ଟିମେଟ୍ କାର୍ଯ୍ୟ ୨୦୧୮ରେ ହୋଇଥିଲା। ତେଣୁ ଏହାର ପୁନଃ ଏଷ୍ଟିମେଟ୍ କରିବା ସହ ପାଣି ବରାଦ ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଜଳ ଆୟୋଗକୁ ସୁପାରିସ୍ କରିବା ଆବଶ୍ୟକ ବୋଲି ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇଛନ୍ତି। ଏହି ଦୁଇ ପ୍ରକଳ୍ପ ଦ୍ୱାରା ଆଦିବାସୀବହୁଳ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀମାନେ ଉପକୃତ ହେବେ ବୋଲି ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ। ଖରା ଦିନରେ ଦେଉଳିର ଜମ୍ବିରା ବନ୍ଧରେ ଜଳସ୍ତର କମିଯାଉଥିବାରୁ ସୁଦୂର ଦେଉଳି ବନ୍ଧରୁ ଜଳଯୋଗାଣ ଯୋଜନା ଫଳପ୍ରସୂ ହେବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ତେଣୁ ବ୍ୟାରେଜ୍ ନିର୍ମାଣ ହେଲେ ନୂତନ ପ୍ରକଳ୍ପ ଦ୍ୱାରା ବାରିପଦା ସହରକୁ ୨୪ଘଣ୍ଟିଆ ପାଇପ୍ ପାନୀୟ ଜଳଯୋଗାଣ, ମାଛଚାଷ ସହିତ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ସମ୍ଭବ ହୋଇପାରିବ ବୋଲି କହିଛନ୍ତି। ଏଭଳି ବହୁମୁଖୀ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ କେନ୍ଦ୍ରୀୟ ଜଳ ଆୟୋଗକୁ ସୁପାରିସ୍ ପତ୍ର ଦେବା ପାଇଁ ସାଂସଦ ଶ୍ରୀମତୀ ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚାରଣ ମାଝୀଙ୍କୁ ପୁନର୍ବାର ପତ୍ର ଲେଖି ଅନୁରୋଧ କରିଛନ୍ତି। ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ତାଙ୍କ କାର୍ଯ୍ୟକାଳ ସମୟରେ ମଧ୍ୟ କାତ୍ରା ଓ ବୁଢ଼ାବାଲାଙ୍ଗ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ନିମନ୍ତେ ଉକ୍ତ ପ୍ରସ୍ତାବଦ୍ୱୟକୁ କାର୍ଯ୍ୟକାରୀ କରିବା ପାଇଁ ବିଶେଷ ପଦକ୍ଷେପ ନେଇଥିଲେ।

# ୨ ଦିନରେ ୨ ଗୋରୁ ନେଇଗଲା ବାଘ; ଗାଁରେ ଆତଙ୍କ

**କପ୍ତିପଦା,୧୦।୧୨(ସମିସ):** ଗୁହାଳରୁ ଗୋରୁ ଘୋଷାଡ଼ି ନେଇଗଲା ବାଘ। ଗାଁ ରାସ୍ତାରେ ପଡ଼ିଛି ବାଘ ପାଦ ଚିହ୍ନ। ଦୁଇ ଦିନରେ ଦୁଇଟି ଗୋରୁଙ୍କ ମୃତ୍ୟୁକୁ ନେଇ ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି କପ୍ତିପଦା ବନାଞ୍ଚଳ ଜେଏସ୍‌ଜାମୁଡିହା ପଞ୍ଚାୟତ ହୁଡିସିହି ଗ୍ରାମରେ।



ଘଟଣାରୁ ପ୍ରକାଶ ଯେ, ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ହିଲ୍‌ବ୍ଲକ୍-୧୧ ବାଲିନାଳ ହୁଡିସିହି ଗ୍ରାମରେ ମଙ୍ଗଳବାର ରାତିରେ ବିମଳ ମୁଣ୍ଡାଙ୍କ ଗୁହାଳରେ ୪ଟି ଗୋରୁ ବନ୍ଧା ହୋଇଥିଲେ। ରାତି ପ୍ରାୟ ୪ଟା ସମୟରେ ପରିବାର ଲୋକେ ଗୋରୁର ରଡ଼ି ଶୁଣିବା ସହିତ କୁକୁର ଭୁକିବାର ଜାଣିବାକୁ ପାଇଥିଲେ। ତୁରନ୍ତ ପରିବାର ଲୋକେ ଗୋରୁ ରଡ଼ି ଶୁଣି ବାହାରକୁ ଆସି ଦେଖିବା ବେଳକୁ ଏକ ବିରାଟକାୟ ବାଘ ଗୁହାଳରୁ ଏକ ଗୋରୁକୁ ଘୋଷାରି ନେଇ ଯାଉଥିଲା। ପରିବାର ସଦସ୍ୟ ପାଟି କରିବା ସହିତ ଟର୍ଚ୍ଚ ମାରିବାରୁ ବାଘଟି ଗୋରୁକୁ ଛାଡ଼ି ପଳାଇଥିଲା। ତେବେ ବାଘ ଆକ୍ରମଣରେ ଗୋରୁଟିର ମୃତ୍ୟୁ ହୋଇଯାଇଥିଲା। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ଗ୍ରାମବାସୀ। ସେହିଭଳି ବୁଧବାର ପଣ୍ଡେସାହି ଗ୍ରାମର ପ୍ରେମ କୁମାର ସାମଲଙ୍କ ଗୁହାଳରୁ ସମାନ ଢାଞ୍ଚାରେ ଗୋରୁ ଘୋଷାରି ନେଇ ମାରିଦେଇଛି ବାଘ। ଖବର ପାଇ କପ୍ତିପଦା ରେଞ୍ଜ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ଫରେଷ୍ଟର ସୁଚିତ୍ରା ଦଲେଇ, କପ୍ତିପଦା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଗୋରୁ ମାଲିକ ବିମଳ ମୁଣ୍ଡା ଓ ପ୍ରକାଶ ମୁଣ୍ଡା କହିଛନ୍ତି, ଗୋରୁର ରଡ଼ି ଶୁଣିବା ପରେ ଦୁଇଭାଇ ଟର୍ଚ୍ଚ ଧରି ବାହାରକୁ ଆସିଥିଲୁ। ଏକ ବିଶାଳକାୟ ବାଘ ଗୋରୁଟିକୁ ଘୋଷାରି ଘୋଷାରି ନେଉଥିଲା, ପାଟି କରିବାରୁ ଛାଡ଼ି ପଳାଇଛି। କେବଳ ସେତିକି ନୁହେଁ, ଆମ ଗାଁର ୧୦ଟି ଛେଳି ନିଖୋଜ ଅଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରଖିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ କହିଛନ୍ତି, ପ୍ରାଣୀ ଚିକିତ୍ସାଧିକାରୀଙ୍କଠାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତରେ ବାଘ ଦ୍ୱାରା ମରିଥିଲେ ସରକାରଙ୍କ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ। ତେବେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହ ବାଘର ଗତିବିଧି ଉପରେ ନଜର ରଖାଯାଇଛି।

# ରିଲ୍ସ ପ୍ରତିଯୋଗିତାରେ କୁନି କଳାକାରଙ୍କ ସଫଳତା



**ଉଦଳା,୧୦।୧୨(ସମିସ):** ବାରିପଦାରେ ଅନୁଷ୍ଠିତ ୮ମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ନବମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ରିଲ୍ସ ପ୍ରତିଯୋଗିତାରେ ଭାଗ ନେଇ ମୌନଧ୍ୱନି ଫାଉଣ୍ଡେସନର ଶିକ୍ଷା କାର୍ଯ୍ୟକ୍ରମ ସମାବେଶ ଚାଟଶାଳୀର କୁନିକୁନି ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ଉଦଳାମାଟିକୁ ଗୌରବାନ୍ୱିତ କରିଛନ୍ତି। 'ଶିମିଳିପାଳର ସୁରକ୍ଷା ଏବଂ ଆବର୍ଜନାମୁକ୍ତ ପର୍ଯ୍ୟଟନସ୍ଥଳୀ ଆମର ଲକ୍ଷ୍ୟ' ବିଷୟ ଉପରେ ଆଧାରିତ ରିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଣିକିଆ ସ୍ୱରରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହି ଗୀତକୁ ଯୁବକବି ଦେବେନ୍ଦ୍ର ରାଉଳ ରଚନା କରିଥିବାବେଳେ ଆଶୁକବି ଆକାଶ ଏବଂ ନାନୁ ରାଜଦୀପ କୋରିଓଗ୍ରାଫି କରିଥିଲେ। ରିଲ୍ସ ପ୍ରତିଯୋଗିତାରେ ଏହି ସମାବେଶ ଦଳ ଚତୁର୍ଥ ସ୍ଥାନ ଅଧିକାର କରିବା ସହ ୧୦ହଜାର ଟଙ୍କା ପୁରସ୍କାର ଲାଭ କରିଛନ୍ତି। ସିନେ ତାରକା ଅସିତ୍ ପତି, ମୟୂରଭଞ୍ଜ ମହୋତ୍ସବ କମିଟିର ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ପୁଲିସ ହାତରୁ ଚମ୍ପଟ ମାରିଲେ ଆନ୍ତଃରାଜ୍ୟ ଡିଜେଲ ଚୋର

**ରାଇରଙ୍ଗପୁର/କରଞ୍ଜିଆ,୧୦।୧୨(ସମିସ):** ଜାତୀୟ ରାଜପଥରେ ପାର୍କିଂ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ପୁଲିସ ହାତରୁ ଚମ୍ପଟ ମାରିଛନ୍ତି। ଯଶିପୁର ଥାନା ଅନ୍ତର୍ଗତ ଛେଳିଗୋଦୁଲି ଟୋଲ୍ ଗେଟ୍ ନିକଟରେ ଏହି ଗ୍ୟାଙ୍ଗ୍ ଡିଜେଲ ଚୋରି କରୁଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ଖବର ପାଇ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବାବେଳେ ସେମାନେ ପୁଲିସକୁ ଦେଖି ଚମ୍ପଟ ମାରିଥିଲେ। ରାଇରଙ୍ଗପୁର ପଟକୁ ଏକ ଟ୍ରକ୍‌ରେ ଖସି ଆସୁଥିବାବେଳେ ମାଛକାନ୍ଦଣା ଘାଟି ନିକଟରେ ଗ୍ୟାଙ୍ଗ୍ ସଦସ୍ୟମାନେ ଚଳନ୍ତା ଟ୍ରକ୍‌ରୁ ଡେଇଁ ଖସି ପଳାଇଥିଲେ। ତେବେ ଚାଳକ ବିନା ଚଳନ୍ତା ଟ୍ରକ୍‌ଟି କିଛି ବାଟ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯଶିପୁର ପୁଲିସ ପିଛା କରି ମଧ୍ୟ ତାଙ୍କୁ ଧରିବାରେ ବିଫଳ ହୋଇଥିଲେ। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଡିଆର୍‌କେ ଓ ରାଉରକେଲା ବିଜୟୀ




**ବାରିପଦା,୧୦।୧୨(ସମିସ):** ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥିତ ଲେଟ୍ କଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଟୁର୍ଣ୍ଣାମେଣ୍ଟର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ ରାୟ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ବାରିପଦାର ଡିଆର୍‌କେ ଟିମ୍ ୬ ୱିକେଟରେ ଟାଟା ଲିଓକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଟାଟା ଲିଓ ୧୬.୫ ଓଭରରେ ସମସ୍ତ ୱିକେଟ ହରାଇ ୧୩୮ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରବି ଶର୍ମା ସର୍ବାଧିକ ୭୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଡିଆର୍‌କେ ଦଳ ୪ ୱିକେଟ୍ ହରାଇ ୧୩୯ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଜୟ କୁମାର ୫୨ ଓ ଅଭିଜ୍ଞାନ ମହାନ୍ତି ୪୩ ରନ୍ ସଂଗ୍ରହ କରିଥିଲେ। ହୀରକ ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ୬ ୱିକେଟ୍‌ରେ ସେର୍ସା, ରାଞ୍ଚିକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ସେର୍ସା, ରାଞ୍ଚି ୧୯ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ୧୬.୨ ଓଭରରେ ୪ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଗୌତମ ସିହ୍ନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏମ୍‌ସିଏଏମ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ୍ ସାହୁ ସ୍କୋର୍‌ରେ ସହାୟତା କରିଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ୧ମ ମ୍ୟାଚ୍ ଟିସିସି, ଭୁବନେଶ୍ୱର ଓ ଡିଆର୍‌କେ, ବାରିପଦା ମଧ୍ୟରେ ଏବଂ ୨ୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ଲାଭଦାୟକ କୃଷି ତାଲିମ ଶିବିର

# ଆଦିବାସୀଙ୍କୁ କୃଷି ଉଦ୍ୟୋଗରେ ସ୍ୱାବଲମ୍ବୀ ନିମନ୍ତେ ପ୍ରୟାସ

**ବହଳଦା,୧୦।୧୨(ସମିସ):**

ତିରିଙ୍ଗ ବ୍ଲକ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡଙ୍କ ଅଧ୍ୟକ୍ଷତାରେ ଅଞ୍ଚଳର ଆଦିବାସୀମାନଙ୍କୁ ସ୍ୱାବଲମ୍ବୀ କରାଯିବା ଉଦ୍ଦେଶ୍ୟରେ ଲାଭଦାୟକ କୃଷି ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତିରିଙ୍ଗ ବ୍ଲକ୍ ଅଞ୍ଚଳର ଅଧିକାଂଶ ଚାଷୀ ମୌସୁମୀ ଖରିଫ ଧାନ ଚାଷ ଉପରେ ନିର୍ଭର ରହୁଥିବାବେଳେ କିଭଳି ବିଭିନ୍ନ କିସମର ଲାଭଦାୟକ କୃଷି କ୍ଷେତ୍ରରେ ତାଲିମ ପ୍ରାପ୍ତ କରି ଆର୍ଥିକ ସ୍ୱଚ୍ଛଳ ହେବା ସହିତ ଆଦିବାସୀ ସମାଜକୁ ସୁଦୃଢ଼ କରି ଗଢ଼ିତୋଳିବାକୁ ବ୍ୟକ୍ତିଗତ ଭାବେ ଉଦ୍ୟମ କରିଛନ୍ତି ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ। ଶ୍ରୀ ସାମାଡଙ୍କ ବ୍ୟକ୍ତିଗତ ଉଦ୍ୟମରେ ଗୁଜରାଟରୁ ପହଞ୍ଚିଥିବା ଆଦିବାସୀ ଏକତା ପରିଷଦର ସଦସ୍ୟ ତଥା ଗୁଜରାଟ କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଠାକୁର ନାଗିଭାଇ ଚୌଧୁରୀ ଓ ଚୌଧୁରୀ ଭୁପେନ୍ଦ୍ର ନାରାନଭାଇ ଗ୍ରାଫ୍‌ଟିଂ, କଲମୀ ଓ ଜିଆଖତ ପ୍ରସ୍ତୁତ ଉପରେ ତାଲିମ ପ୍ରଦାନ କରିବା ସହିତ ବିଭିନ୍ନ କୃଷି ପ୍ରଣାଳୀ ଏବଂ ଉତ୍ତମ ରୋଜଗାର ପ୍ରଦାନ



କରୁଥିବା ବିଭିନ୍ନ ମୂଲ୍ୟବାନ ଫଳମୂଳ ଓ ପନିପରିବା ଚାଷ ଉପରେ ସୂଚନା ଦେଇଥିଲେ। ଏସବୁ ଚାଷ ପ୍ରଣାଳୀରେ ସମ୍ପୂର୍ଣ୍ଣ ତାଲିମ ପ୍ରାପ୍ତି ପାଇଁ ଗୁଜରାଟ ପହଞ୍ଚି ସେଠାରେ ଉତ୍ପାଦନ ହେଉଥିବା କୃଷିକ୍ଷେତ୍ର ପରିଦର୍ଶନ କରିବା ସହ କୃଷି ବିଶେଷଜ୍ଞଙ୍କଠାରୁ ତାଲିମ ଗ୍ରହଣ କରିବାକୁ ଉପସ୍ଥିତ ସାଧାରଣଙ୍କୁ ଆମନ୍ତ୍ରିତ କରିଥିଲେ। ବର୍ତ୍ତମାନ ଜାମସେଦପୁର ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ଡାଲାଯୋଡ଼ି ଗ୍ରାମର ମହାତ୍ମା ଟୁଡୁ ଦିଲ୍ଲୀରେ ଇନ୍ସୁରାନ୍ସ (ବୀମା) ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ଗୁଜରାଟର ଠାକୁର ନାଗିଭାଇ ଚୌଧୁରୀଙ୍କ ସହ ପରିଚତ ହୋଇ ତାଙ୍କ ଅଞ୍ଚଳର କୃଷି ଉତ୍ପାଦନ କ୍ଷେତ୍ର ପରିଦର୍ଶନ କରିବା ସହ ତାଲିମ ଗ୍ରହଣ କରି ସଫଳତାର ଘର ଛାତ ଉପରେ ବିଭିନ୍ନ କିସମର ଫଳ ଉତ୍ପାଦନ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦୁଝର, ଚମ୍ପୁଆ ଅଞ୍ଚଳର ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ଟୁପୁରୁ ମୁଣ୍ଡା, ଜିଲ୍ଲା ପଞ୍ଚାୟତିରାଜ ଅଧିକାରୀ ବୈଦ୍ୟନାଥ ମୁଣ୍ଡା, ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି)ର ଜିତ୍ରାଇ ହାଁସଦା ଏବଂ ମାଣ୍ଡିଆ ଚାଷ ପ୍ରଚାରକ ପିଣ୍ଟୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ତିରିଂ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାଙ୍କ ସମେତ କୃଷକମାନେ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କୃଷି ବିଶେଷଜ୍ଞମାନଙ୍କୁ ଡକାଇ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଯୁବକ, କୃଷକ ଓ ମହିଳାମାନଙ୍କୁ ଲାଭଦାୟକ କୃଷି ତାଲିମ ପ୍ରଦାନ ସହିତ ରୋଜଗାରକ୍ଷମ କରିବାପାଇଁ ନିଆରା ପ୍ରୟାସ ଚଳାଇଛନ୍ତି। ତାଙ୍କର ଏହି ଜନକଲ୍ୟାଣକାରୀ ନିଃସ୍ୱାର୍ଥ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ମାଲକାନଗିରି ହିଂସାର ଦୁଇଧାର

ମାଲକାନଗିରି ଜିଲ୍ଲାରେ ଉପୁଜିଥିବା ଅମାନୁଷିକ ହିଂସାକାଣ୍ଡକୁ କେନ୍ଦ୍ରକରି ଯେଉଁଭଳି ପୋଡ଼ାଜଳା ଓ ଲୁଟତରାଜ ଚାଲିଲା ତାହାକୁ ଅନୁଧ୍ୟାନ କଲେ ମନେ ହୁଏ ଯେ ପ୍ରଶାସନିକ ପଦକ୍ଷେପରେ ଶିଥିଳତା ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଯେମିତି ମନେ ହେଉଛି ସବୁ ଅଘଟଣ ପରେ ପ୍ରଶାସନର ନିଦ ଭାଙ୍ଗିଛି । ତେଣିକି ସଶସ୍ତ୍ର ବାହିନୀ ମୁତୟନ, ସାନ୍ଧ୍ୟ ଆଇନ ଜାରି, ଇଣ୍ଟରନେଟ୍ ସେବା ବନ୍ଦ ଓ ସତର୍କତା ମୂଳକ ପଇଁତରା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଡିସେମ୍ବର ୪ ତାରିଖରେ ମୁଣ୍ଡବିହୀନ ଆଦିବାସୀ ମହିଳାଙ୍କ ଶବ ମିଳିବା ପରେ ୫ ଓ ୬ ତାରିଖରେ ପୁଲିସ ଓ ପ୍ରଶାସନ କରୁଥିଲା କ'ଣ? ଅନ୍ତତଃ ୩ ରୁ ୪ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଜେରା କରିଥିଲେ ଆଦିବାସୀଙ୍କ ପ୍ରଶାସନ ଉପରୁ ଭରସା ତୁଟିନଥା'ନ୍ତା । ଯେତେଦୂର ମନେହୁଏ ଆଦିବାସୀଙ୍କୁ ସଂଗଠିତ ହୋଇ ହିଂସାକାଣ୍ଡ ଭିଆଇବାର ପରୋକ୍ଷ ସୁଯୋଗ ଦିଆଯାଇଛି । କାରଣ ଆଦିବାସୀ ସଂଗଠନ ବୈଠକ ଓ ମେଳି ପାଇଁ ଚାଲିଥିବା ପ୍ରସ୍ତୁତି ସଂପର୍କରେ ପୁଲିସ ଯଥେଷ୍ଟ ପୂର୍ବରୁ ଅବଗତ ଥିଲା । ଏପରିକି ୭ ଓ ୮ ତାରିଖର ପୋଡ଼ାଜଳା ଓ ଲୁଟରାଜ ସମୟରେ ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ଥିଲା । ଅବଶ୍ୟ ଆଦିବାସୀଙ୍କ ବିଶାଳ ମେଳି ନିକଟରେ ପୁଲିସର ଉପସ୍ଥିତି ନଗଣ୍ୟ । କିନ୍ତୁ ପରିସ୍ଥିତିର ଗୁରୁତ୍ୱକୁ ବିଚାର କରି ତୁରନ୍ତ ସଶସ୍ତ୍ର ବାହିନୀ ମୁତୟନ କରିବାରେ କିଛି ଅସୁବିଧା ନଥିଲା । ଏ ସମସ୍ତ ଘଟଣାକ୍ରମରୁ ଅଭିସନ୍ଧିର ଗନ୍ଧ ବାରି ହେଉଛି ।

କୋରୁକୁଣ୍ଡା ବ୍ଲକ ଅଧୀନରେ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗାଁରେ ଯଥାକ୍ରମେ ଆଦିବାସୀ ଓ ବଙ୍ଗଳା ଭାଷାଭାଷୀ ଅବସ୍ଥାନ କରୁଛନ୍ତି । ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ହିଂସାକାଣ୍ଡ ଉପୁଜିଥିଲା । ୧୯୭୧ ରେ ଭାରତ-ପାକିସ୍ତାନ ଯୁଦ୍ଧ ଓ ନୂତନ ବାଂଲାଦେଶ ପ୍ରତିଷ୍ଠା ପ୍ରେକ୍ଷାପଟରେ କେନ୍ଦ୍ରସରକାର କିଛି ବାଂଲାଦେଶୀ ଶରଣାର୍ଥୀଙ୍କୁ ଦେଶରେ ସ୍ଥାୟୀ ଭାବେ ଥଇଥାନ କରିବାକୁ ବାଧ୍ୟ ହୋଇଥିଲେ । ସେତେବେଳେ ଅବିଭାଜିତ କୋରାପୁଟ ଜିଲ୍ଲାରେ ସେମାନଙ୍କ ମଧ୍ୟରୁ କିଛି ପରିବାରଙ୍କୁ ଥଇଥାନ କରାଯିବା ସହ ଦଣ୍ଡକାରଣ୍ୟ ପ୍ରକଳ୍ପ ଆରମ୍ଭ ହୋଇଥିଲା । ସେମାନେ ତିନି ପିଢ଼ି ଧରି ସେଠାରେ ଅବସ୍ଥାନ କରୁଛନ୍ତି । ଏବର ସରକାର ଦେଶରୁ ବାଂଲାଦେଶୀଙ୍କୁ ତଡ଼ିବା ସକାଶେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହାର ପ୍ରତିଫଳନ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହେଲାଣି । ତେବେ ମାଲାକାନଗିରିରେ ଅବସ୍ଥାନ କରୁଥିବା ବଙ୍ଗଭାଷାଭାଷୀଙ୍କ ଇତିହାସକୁ ଅନୁଶୀଳନ କଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇପାରିବନି । ତେବେ ଏକଥା ସତ୍ୟ ଯେ ସେମାନଙ୍କ ପ୍ରାଧାନ୍ୟ ଓ ପତିଆରା ଯାହା ସେଥିରେ ମୂଳ ଆଦିମ ଅଧିବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି । ସମୟ ବଦଳିବା ସହ କ୍ରମେ ସଚେତନ ହେଉଥିବା ଆଦିବାସୀ ସଂପ୍ରଦାୟ ବଙ୍ଗାଳୀଙ୍କ ଜୁଲମକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି । ତେଣୁ କ୍ରମେ ପ୍ରତିବାଦ ଓ ପ୍ରତିଶୋଧ ମୁଣ୍ଡ ଟେକୁଛି । ମାଲକାନାଗିରି ଜିଲ୍ଲାରେ ଉପୁଜିଥିବା ହିଂସାକାଣ୍ଡ ଓ ପୋଡ଼ାଜଳା କ'ଣ ତାହାର ପ୍ରତିଫଳନ? ବାଂଲାଦେଶୀଙ୍କୁ ଦେଶାନ୍ତର କରିବା ଆଳରେ ଉପରୋକ୍ତ ହିଂସାକାଣ୍ଡର ରଚନା କରାଯାଇନି ତ? ଏହି ପୃଷ୍ଠଭୂମିରେ ଏଭଳି କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ମାଲାକାନଗିରି ପ୍ରସଙ୍ଗରେ ଆମେ ଉଭୟ ସରକାର ଓ ପ୍ରଶାସନକୁ ସତର୍କ କରାଇଦେବାକୁ ଚାହୁଁ ଯେ ନକ୍ସଲଙ୍କ ପ୍ରାଦୁର୍ଭାବ ଓ କାର୍ଯ୍ୟକଳାପ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ଜିଲ୍ଲା । ଆଦିବାସୀ ଓ ବଙ୍ଗଳା ଭାଷାଭାଷୀଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିଲେ ତାହା ଆଗାମୀ ଦିନରେ ମଣିପୁର ଭଳି ସ୍ଥିତି ଯେ ସୃଷ୍ଟି ନ କରିବ କିଏ କହିବ? ଏବେଠାରୁ ସତର୍କ ଓ ସଜାଗ ରହିବ ଆବଶ୍ୟକ ।

## ସମ୍ଭାବନାର ସୂର୍ଯ୍ୟୋଦୟ

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନଙ୍କ ଭାରତ ଗସ୍ତ ବିଶ୍ୱର ଭୂ-ରାନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି । ଭାରତକୁ କୂଟନୈତିକ ସ୍ତରରେ ଏକପ୍ରକାର ଏକଘରିଆ କରିବାର ଯେଉଁ ପ୍ରୟାସ ହୋଇଥିଲା ତାହା ନୂଆଦିଲ୍ଲୀ-ମସ୍କୋ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଏବଂ ଦ୍ୱିପାକ୍ଷିକ ସହଯୋଗ ଫଳରେ ଦିଗ ହରାଇଛି । ବିଶେଷକରି ଆମେରିକାର ଭାରତ ପ୍ରତି ବାଣିଜ୍ୟ କୂଟନୀତି କ୍ରମେ ପ୍ରଶମିତ ହୋଇଆସୁଥିବା ଦେଖାଯାଉଛି । କେବଳ ଆମେରିକା ନୁହେଁ ୟୁରୋପୀୟ ମିତ୍ର ରାଷ୍ଟ୍ରଙ୍କୁ ଭାରତ ସହ ସୁସଂପର୍କ ପ୍ରତିଷ୍ଠା ସକାଶେ ଏକପ୍ରକାର ବାଧ୍ୟବାଧକତା ସୃଷ୍ଟି କରିଛି । ପରିବର୍ତ୍ତିତ ପରିସ୍ଥିତି ଓ ସୋମନଙ୍କ କଠୋର ଆଭିମୁଖ୍ୟରେ ପରିଲକ୍ଷିତ ଶିଥିଳତା ଦୃଷ୍ଟିରୁ ଆମକୁ ସେଥିରୁ ଫାଇଦା ଉଠାଇବାକୁ ହେବ । ଉଭୟ କୂଟନୀତି ଓ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠାରେ ସାଲିସ ନୁହେଁ, ବରଂ ନରମ-ଗରମ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ । ଦକ୍ଷିଣ ଏସିଆରେ ଭାରତ ଯେ ଆମେରିକାର ଆଦର୍ଶ ଓ ବିଚାରଗତ ଦୃଷ୍ଟିରୁ ସ୍ୱାଭାବିକ ଭାଗୀଦାର, ଏହା ପୁଣିଥରେ ଟ୍ରମ୍ପଙ୍କୁ ମନେ ପକାଇ ଦେବାକୁ ହେବ ।

ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ନଭେମ୍ବର ଶେଷ ସୁଦ୍ଧା ଭାରତ- ଆମେରିକା ବାଣିଜ୍ୟ ସଂପର୍କରେ ସ୍ୱାଭାବିକତା ଫେରିବ ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲେ । ଆମ ବାଣିଜ୍ୟମନ୍ତ୍ରୀ ଆମେରିକାରେ ମାସ ମାସ ଧରି ଅବସ୍ଥାନ କରି ମଧ୍ୟସ୍ଥିଙ୍କ ଜରିଆରେ ଟାରିଫ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ । ଅସଲରେ ଏକ୍ଷେତ୍ରରେ ସେଭଳି ଆଖିଦୃଶିଆ ଅଗ୍ରଗତି ହୋଇପାରୁ ନ ଥିଲା । ପୁଟିନଙ୍କ ଭାରତଗସ୍ତ ପରେ ସ୍ଥିତି ସୁଧୁରିବା ଆରମ୍ଭ କରିଛି । ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଭାରତ ସହ ସୁସଂପର୍କକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଆଭ୍ୟନ୍ତରୀଣ ଚାପ ଓ ବାଧ୍ୟବାଧକତା ଦୃଷ୍ଟିରୁ ଟାରିଫ ପ୍ରସଙ୍ଗରେ ଚୀନ ସହ ଆମେରିକା ସାଲିସ କରିଥିଲେ ମଧ୍ୟ ବିଶ୍ୱ ଅର୍ଥନୀତିରେ ବେଜିଂ ଯେ ତାହାର ପ୍ରତିଦ୍ୱନ୍ଦ୍ୱୀ ଏକଥା ଟ୍ରମ୍ପଙ୍କୁ ଅବୁଝା ନାହିଁ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତର ସହଯୋଗ ବିନା ଚୀନକୁ ରୋକିବା ଏତେ ସହଜ ନୁହେଁ । ତେଣୁ ଟ୍ରମ୍ପ ଏବେ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି । ପୁଟିନଙ୍କ ଭାରତଗସ୍ତକୁ କେନ୍ଦ୍ର କରି ଯେଉଁ ପରିବର୍ତ୍ତନର ପବନ ବୋହିବା ଆରମ୍ଭ କରିଛି ସେଥିରେ ଭାରତ ଉପରୁ ଟାରିଫ କଟକଣା ହଟିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ତେଣୁ ଆମେରିକାର ଦାବି ନିକଟରେ ମୁଣ୍ଡ ନ ନୁଆଁଇ ମୂଳଚାଲ କରିବାର ସମୟ ଏବେ ଉପସ୍ଥିତ ।

ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଭାରତୀୟ ପ୍ରତିପକ୍ଷଙ୍କ ସହ ଦୁଇଦିନିଆ ଆଲୋଚନା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଉପସ୍ଥିତ । ତେଣୁ ଖୁବ୍‌ଶୀଘ୍ର ସମ୍ଭାବନାର ଏକ ନୂତନ ସୂର୍ଯ୍ୟୋଦୟକୁ ଆମେ ଅପେକ୍ଷା କରିବା ।

## ମହିଳାକୈନ୍ଦ୍ରିକ ଆଇନ୍ ବ୍ୟବସ୍ଥା: ନ୍ୟାୟର ମହତ୍ତ୍ୱ ଓ ଦୁରୁପଯୋଗ

ସୌମ୍ୟ ରଞ୍ଜନ ଦାଶ

ବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଆଧୁନିକତା ମଧ୍ୟରେ ଭାରତୀୟ ସମାଜରେ ମହିଳା ଅଧିକାର, ଲିଙ୍ଗ ସମାନତା ଓ ସାମାଜିକ ନ୍ୟାୟର ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ଉଭା ହୋଇଛି । ଦୀର୍ଘ ଦଶନ୍ଧି ଧରି ମହିଳାମାନଙ୍କ ଉପରେ ହୋଇଆସୁଥିବା ଅନ୍ୟାୟ, ଅତ୍ୟାଚାର ଓ ପିତୃସତ୍ତାମୂଳକ ବ୍ୟବସ୍ଥାର ଚାପରୁ ମୁକ୍ତି ଦେବା ପାଇଁ ଭାରତୀୟ ସଂସଦ ଓ ନ୍ୟାୟ ବ୍ୟବସ୍ଥା ଅନେକ ମହିଳାକୈନ୍ଦ୍ରିକ ବିଶେଷ ଆଇନ ପ୍ରଣୟନ କରିଛନ୍ତି । ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ଅଧିନିୟମ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ (ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସା) ଭଳି ଆଇନଗୁଡ଼ିକ ନିର୍ଯାତିତା ମହିଳାମାନଙ୍କୁ ଆଶ୍ରୟ, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ବହୁବିଧ ସଫଳତା ଅର୍ଜନ କରିଛନ୍ତି । ଏହି ଆଇନ୍ ବ୍ୟବସ୍ଥା ଅନେକ ମହିଳାଙ୍କ ଜୀବନ ରକ୍ଷା କରିଛି, ସେମାନଙ୍କୁ ସମାଜରେ ସମ୍ମାନର ସହ ମୁଣ୍ଡ ଉଠାଇ ବଞ୍ଚିବାର ପ୍ରେରଣା ଦେଇଛି ଏବଂ ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଛି ।

ଏହି ଆଇନଗୁଡ଼ିକ ମହିଳା ସଶକ୍ତୀକରଣର ଏକ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେଲେ ହେଁ ସମାଜର ପ୍ରତିଟି ଦିଗ ଭଳି ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଏକ ବିଷମତା ଦୃଶ୍ୟମାନ ହେଉଛି । ଯେଉଁ ଆଇନ ନ୍ୟାୟ ଓ ସୁରକ୍ଷା ପାଇଁ ପ୍ରଣୀତ, ତାହାର ଦୁରୁପଯୋଗ ଏବେ ଏକ ଜାତୀୟ ଚିନ୍ତାର ବିଷୟ ହୋଇ ଉଭା ହୋଇଛି । ଦୁଇପଟିଆ ତରବାରୀ ଭଳି ଏହି ଆଇନଗୁଡ଼ିକ କେତେକ ସ୍ଥାନରେ ଶୋଷଣର ଅସ୍ତ୍ର ଭାବରେ ପରିଣତ ହୋଇଛି । ଅନେକ ମହିଳା ବୈବାହିକ ବିବାଦ, ସମ୍ପତ୍ତିଗତ କଳହ କିମ୍ବା ବ୍ୟକ୍ତିଗତ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଏହି କଠୋର ଆଇନଗୁଡ଼ିକୁ ମିଥ୍ୟା ଅଭିଯୋଗର ମାଧ୍ୟମ କରି ପୁରୁଷ ଏବଂ ତାଙ୍କର ସମଗ୍ର ପରିବାରକୁ ନ୍ୟାୟିକ ଚାପ ମଧ୍ୟକୁ ଟାଣି ଆଣୁଛନ୍ତି । ପରିଣାମସ୍ୱରୂପ ନିର୍ଦ୍ଦୋଷ ବୃଦ୍ଧ ଶ୍ୱଶୁର, ଶାଶୂ, ଏପରିକି ପରିବାରର ଅନ୍ୟ ଅଣ-ସମ୍ପୃକ୍ତ ସଦସ୍ୟମାନେ ମଧ୍ୟ ଅପରାଧୀର ମୁଖା ପିନ୍ଧିବାକୁ ବାଧ୍ୟ ହେଉଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନେକ ସମୟରେ ପୂର୍ବରୁ ଥିବା ଧାରା ୪୯୮-କ କୁ 'ଆଇନଗତ ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି, ଯାହା ଏହି ସମସ୍ୟାର ଭୟାବହତାକୁ ସୂଚାଉଛି ।

ଏହି ଆଇନଗୁଡ଼ିକର ଦୁରୁପଯୋଗ ଫଳରେ ଯେଉଁ ପରିବାରଗୁଡ଼ିକ ଭାଙ୍ଗିଯାଉଛି, ସେଠାରେ ଅର୍ଥ, ସମ୍ମାନ, ପେଶା ଓ ସାମାଜିକ ପରିଚୟ ସବୁକିଛି ନଷ୍ଟ ହୋଇଯାଉଛି । ବିଶେଷକରି ପୁଲିସ୍ ପ୍ରଶାସନ ଏହି ଆଇନଗୁଡ଼ିକର 'ଜାଣିହେବା ଯୋଗ୍ୟ' (କୋଗନିଜେବଲ୍) ଓ 'ଜାମିନବିହୀନ' (ନନ୍‌ବେଲେବଲ୍) ଆଦିର ଅପବ୍ୟବହାର କରି ସାମାନ୍ୟ ସନ୍ଦେହରେ ସମଗ୍ର ପରିବାରକୁ ଗିରଫ କରି ନେଉଛି । ଯେତେବେଳେ ନ୍ୟାୟ ପାଇଁ ତିଆରି ହୋଇଥିବା ଆଇନ ମିଥ୍ୟା ଅଭିଯୋଗର ଅସ୍ତ୍ର ହୋଇଯାଏ, ସେତେବେଳେ ସମାଜରେ ନ୍ୟାୟବୋଧ ଓ ବିଶ୍ୱାସର ମୂଳଦୁଆ ଦୋହଲିଯାଏ । ସମାନତାର ମୂଳ ଅର୍ଥ ହେଉଛି ନ୍ୟାୟ ଦୁଇ ପକ୍ଷକୁ ସମାନ ଭାବରେ ପ୍ରଦାନ କରିବା । ଆଇନ କେବଳ ମହିଳାଙ୍କୁ ଦୁର୍ବଳ ଓ ପୁରୁଷଙ୍କୁ ସବଳ ଭାବି ଲେଖାଯିବା ଉଚିତ୍ ନୁହେଁ ।

ଆଧୁନିକ ଭାରତୀୟ ନ୍ୟାୟ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଭଳି ନୂତନ ଆଇନରେ ମଧ୍ୟ ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ସଂଶୋଧିତ ଆଇନ ବଳରେ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲା ଶୁଣାଣି, ଅଭିଯୋଗର ତୁରନ୍ତ ପଞ୍ଜୀକରଣ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ସମାପନ କରିବା ଭଳି ସୁବିଧା ମହିଳାମାନଙ୍କ ପାଇଁ ଏକ ବଳିଷ୍ଠ ପଦକ୍ଷେପ । କିନ୍ତୁ ଏହି ବିଶେଷ ସୁବିଧା ଓ ସୁରକ୍ଷା କେତେକଙ୍କ ଦ୍ୱାରା ଦୁରୁପଯୋଗ ହେଉଥିବାରୁ ଆଜି ସମାଜ ଏକ ଗୁରୁତର ଦ୍ୱନ୍ଦ୍ୱରେ ପଡ଼ିଛି: ମହିଳାଙ୍କୁ ସୁରକ୍ଷା ଦେବାକୁ ଯାଇ କ'ଣ ଆମେ ପୁରୁଷଙ୍କ ନ୍ୟାୟିକ ଅଧିକାରକୁ ଉଲ୍ଲଂଘନ କରୁଛୁ?

ଅତଏବ, ଆଜି ସମୟର ଆହ୍ୱାନ ହେଉଛି ମହିଳାମାନଙ୍କ ପାଇଁ ବିଶେଷ ଆଇନଗୁଡ଼ିକର ଆବଶ୍ୟକତା ସହିତ ତାହାକୁ ଲିଙ୍ଗ-ନିରପେକ୍ଷ କରିବାର ଆବଶ୍ୟକତାକୁ ସମାନ ଗୁରୁତ୍ୱରେ ବିଚାର କରିବା । ନ୍ୟାୟ କେବଳ ଲିଙ୍ଗଭିତ୍ତିରେ ନୁହେଁ, ବରଂ ପ୍ରମାଣ ଭିତ୍ତିରେ ପ୍ରଦାନ କରାଯିବା ଉଚିତ । ଆଇନର ପବିତ୍ରତା ବଞ୍ଚାଇବା ପାଇଁ କିଛି କଠୋର ପଦକ୍ଷେପ ନେବାକୁ ହେବ । ପ୍ରଥମତଃ, ଭାରତୀୟ ନ୍ୟାୟ ସଂହିତା ଧାରା ୮୫ ଭଳି ଆଇନକୁ 'ସମାଧାନ ଯୋଗ୍ୟ' (କମ୍ପାଉଣ୍ଡେବଲ୍) କରିବା ଏବଂ ମାମଲାର ପ୍ରାଥମିକ ତଦନ୍ତ ପରେ ହିଁ ଗିରଫ କରିବା ଉଚିତ୍ । ଦ୍ୱିତୀୟତଃ, ଯେଉଁମାନେ ଜାଣିଶୁଣି ମିଥ୍ୟା ଅଭିଯୋଗ କରୁଛନ୍ତି, ସେମାନଙ୍କୁ କଠୋର ଦଣ୍ଡବିଧାନ ଦେବାର ବ୍ୟବସ୍ଥା ନିହାତି ଜରୁରୀ । ଏହିପରି ପଦକ୍ଷେପ ଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରାଯାଇପାରିବ ।

ମହିଳାମାନଙ୍କର ସୁରକ୍ଷା ଏବଂ ସଶକ୍ତୀକରଣ ଆମ ସମାଜର ଅନ୍ତିମ ଲକ୍ଷ୍ୟ । କିନ୍ତୁ ଏହି ସଶକ୍ତୀକରଣର ଅର୍ଥ କେବଳ ବିଶେଷ ସୁବିଧା ପ୍ରଦାନ କରିବା ନୁହେଁ, ବରଂ ପ୍ରକୃତ ନ୍ୟାୟ, ସମ୍ମାନ ଓ ସମତାକୁ ନିଶ୍ଚିତ କରିବା । ଯଦି ଆଇନର ତରାଜୁ ଗୋଟିଏ ପକ୍ଷରେ ଅଧିକ ଝୁଙ୍କିଯାଏ, ତେବେ ସାମାଜିକ ସନ୍ତୁଳନ ଭାଙ୍ଗିଯାଏ । ମହିଳା ଅଧିକାରର ରକ୍ଷା ଯେତିକି ଆବଶ୍ୟକ, ଆଇନର ଦୁରୁପଯୋଗକୁ ରୋକିବା ମଧ୍ୟ ସେତିକି ଅପରିହାର୍ଯ୍ୟ । ସମାଜ ଓ ନୀତି ନିର୍ଦ୍ଧାରକମାନେ ଏହି ଦୁଇଟି ପ୍ରସଙ୍ଗକୁ ସମାନ ଭାବରେ ଗୁରୁତ୍ୱ ଦେଇ ବୁଝିବା ଆବଶ୍ୟକ । ଗଣମାଧ୍ୟମ ଓ ରାଜନୈତିକ ଚର୍ଚ୍ଚାରେ କେବଳ ମହିଳା ଅତ୍ୟାଚାରର କଥା ନ ରହି ଆଇନର ଅପବ୍ୟବହାର ଉପରେ ମଧ୍ୟ ସଂଗଠିତ ଆଲୋଚନା ହେବା ଉଚିତ୍ । ମହିଳାକୈନ୍ଦ୍ରିକ ବିଧି ବ୍ୟବସ୍ଥା ଏକ ଆଶୀର୍ବାଦର ମହତ୍ତ୍ୱ ବହନ କରୁଥିବା ବେଳେ ଏହାର ଦୁରୁପଯୋଗ ଏକ ଅଭିଶାପର ଆକାର ନେଉଛି - ଏହି ସତ୍ୟକୁ ଅବହେଳା କରିବା ସମାଜ ପାଇଁ କ୍ଷମାଯୋଗ୍ୟ ହେବନାହିଁ । ନ୍ୟାୟିକ ବ୍ୟବସ୍ଥାକୁ ସମତାର ପଥରେ ଆଣିବା ଆଜିର ମୌଳିକ ଆବଶ୍ୟକତା ।

ନ୍ୟାୟିକ ବ୍ୟବସ୍ଥାର ସଠିକ୍ ବ୍ୟବହାର ନିଜର ସମାଜରେ ନିର୍ବିକଳ୍ପ ଭରସା ଓ ଶାନ୍ତି ସୃଷ୍ଟି କରେ । ଯଦି ଆଇନର ଦୁରୁପଯୋଗ ହୁଏ, ତେବେ ଏହା ପ୍ରତ୍ୟେକ ପକ୍ଷର ନ୍ୟାୟିକ ଅଧିକାରକୁ ଅଲଙ୍ଘ୍ୟ କରି ଦେଇଥାଏ, ଯାହା ସମାଜରେ ନ୍ୟାୟବୋଧକୁ ଶିଥିଳ କରିଥାଏ । ଏହି ଅପବ୍ୟବହାରକୁ ରୋକିବା ପାଇଁ ଦରକାର ସଂବେଦନଶୀଳ ନୀତି ଓ ନ୍ୟାୟିକ ପୁନଃସଂରଚନା, ଯାହା ମିଥ୍ୟା ଅଭିଯୋଗକୁ ଶୀଘ୍ର ନିରାକରଣ କରି ପ୍ରକୃତ ଅଭିଯୁକ୍ତ ଓ ନିର୍ଦ୍ଦୋଷଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରେ । ଏହି ପଦକ୍ଷେପ ମାଧ୍ୟମରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ସହ ପୁରୁଷଙ୍କର ନ୍ୟାୟିକ ଅଧିକାରକୁ ମଧ୍ୟ ସମତୁଳିତ ରଖାଯାଏ । ସମନ୍ୱିତ ଓ ନୀତିଗତ ଆଇନ ବ୍ୟବସ୍ଥା ଦ୍ୱାରା ସମାଜରେ ନ୍ୟାୟ ଓ ଆସ୍ଥାକୁ ମଜବୁତ କରି, ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ମୂଲ୍ୟବାନ ପରିବେଶ ସୃଷ୍ଟି କରାଯାଏ ।

ଶେଷତଃ, ଏହି ମହିଳାକୈନ୍ଦ୍ରିକ ନ୍ୟାୟିକ ବ୍ୟବସ୍ଥା ଅଭିଶାପ ନା ଆଶୀର୍ବାଦ? ଉତ୍ତର ଏକାଧାରରେ ଦେବା କଠିନ । ଯେଉଁଠାରେ ଏହା ଅସଂଖ୍ୟ ମହିଳାଙ୍କୁ ରକ୍ଷା କରୁଛି, ସେଠାରେ ଏହାର ଦୁରୁପଯୋଗ ଅନ୍ୟାୟ ସୃଷ୍ଟି କରୁଛି । ତେଣୁ ଆଇନ ସମତୁଳିତ, ନିଷ୍ପକ୍ଷ ଓ ପ୍ରମାଣ ଆଧାରିତ ହେବା ଉଚିତ । ତେବେ ଯାଇ ମହିଳା କୈନ୍ଦ୍ରିକ ଆଇନ ସମାଜ ପାଇଁ ଆଶୀର୍ବାଦ ହେବ । ଯେଉଁଠି ମହିଳାଙ୍କୁ ସୁରକ୍ଷା ମିଳିବ, ପୁରୁଷଙ୍କୁ ମଧ୍ୟ ନ୍ୟାୟ ପ୍ରାପ୍ତ ହେବ, ସେହିଦିନ ହିଁ ଏହି ବିଧିବ୍ୟବସ୍ଥା ପ୍ରକୃତ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେବ । ନ୍ୟାୟ କେବଳ ଗୋଟିଏ ଲିଙ୍ଗର ନୁହେଁ, ସମସ୍ତଙ୍କର ହେବା ଉଚିତ୍ ।

ଯାଜପୁର, ମୋ: ୮୮୯୫୯୫୨୩୧୫

## ସଞ୍ଚାର ସାଥୀ: ଆଶା ଓ ଆଶଙ୍କା

ଇଂ ମାୟାଧର ସ୍ୱାଇଁ

ମୋବାଇଲ ଫୋନରେ ଗୋଟିଏ ନୂତନ 'ଆପ୍' 'ସଞ୍ଚାର ସାଥୀ'ର ପ୍ରଚଳନକୁ ନେଇ କିଛିଦିନ ଧରି ଦେଶରେ ହଟଚମଟ ଲାଗି ରହିଛି । ଏହାକୁ ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପ୍ରସ୍ତୁତ କରିଛି ଏବଂ ଭାରତରେ ନିର୍ମାଣ କରୁଥିବା ତଥା ବିକ୍ରି କରୁଥିବା ସମସ୍ତ ଫୋନ କମ୍ପାନୀଗୁଡ଼ିକୁ ଏହାକୁ ଫୋନରେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା । ଫୋନ ବିକ୍ରି କରିବା ପୂର୍ବରୁ ଏହା କରିବା ପାଇଁ କୁହାଯାଇଥିଲା ଏବଂ ଏହାକୁ ବ୍ୟବହାରକାରୀମାନେ ଯେପରି ଫୋନରୁ ବାହାର କରି ପାରିବେ ନାହିଁ, ତାହାର ବ୍ୟବସ୍ଥା କରିବା ପାଇଁ ମଧ୍ୟ କୁହାଯାଇଥିଲା । ଏହାକୁ କେତେକ ମୋବାଇଲ କମ୍ପାନୀ ବିରୋଧ କଲେ । ଏହା ମଧ୍ୟ ରାଜନୀତିର ଏକ ଅଂଶ ହୋଇଗଲା । ବିରୋଧୀ ଦଳଗୁଡ଼ିକର ବିରୋଧ ଓ ହଙ୍ଗାମା ଯୋଗୁଁ ସରକାର ଏହି ନିର୍ଦ୍ଦେଶନାମାକୁ ଆଂଶିକ ଭାବେ ପ୍ରତ୍ୟାହାର କରି ନେଇଛନ୍ତି ଏବଂ ଏହି 'ଆପ୍' ବ୍ୟବହାର କରିବା ବ୍ୟବହାରକାରୀମାନଙ୍କ ଇଚ୍ଛାଧୀନ ବୋଲି ପ୍ରକାଶ କରିଛନ୍ତି ।

ଏହି 'ଆପ୍'ର ଗୁରୁତ୍ୱ କ'ଣ? ଏହାକୁ କାହିଁକି ସରକାର ପ୍ରଚଳନ କରିବାକୁ ଚାହୁଁଛନ୍ତି ଏବଂ କାହିଁକି ଏହାକୁ କେତେକ ବିରୋଧ କରୁଛନ୍ତି? ମୋବାଇଲ ଫୋନ ଆଜିକାଲି ପ୍ରାୟ ପ୍ରତ୍ୟେକଙ୍କ ପାଖରେ ଅଛି । ରାସ୍ତାଘାଟ କିମ୍ବା ବଜାରରେ ଏହାକୁ ଚୋରମାନେ ଛଡ଼ାଇନେବାର ଅନେକ ଘଟଣା ସାମ୍ନାକୁ ଆସୁଛି ଏବଂ ଘର ଭିତରୁ ମଧ୍ୟ ଚୋରି ହେଉଛି । ଭାରତରେ ବର୍ତ୍ତମାନ ପ୍ରାୟ ୧୨୦ କୋଟି ମୋବାଇଲ ଫୋନ ବ୍ୟବହାରକାରୀ ଅଛନ୍ତି ଏବଂ ଫୋନ ଚୋରି ଓ




ସାଇବର ଅପରାଧ ଏକ ସାଧାରଣ ଘଟଣା ହୋଇଛି । ଏହି ନୂଆ 'ଆପ୍'ରେ ଏହାର ପ୍ରତିକାର ବ୍ୟବସ୍ଥା ଅଛି । ବ୍ୟବହାରକାରୀମାନେ ସେମାନଙ୍କର ହଜି ଯାଇଥିବା କିମ୍ବା ଚୋରି ହୋଇଯାଇଥିବା ଫୋନକୁ ଏହି 'ଆପ୍' ମାଧ୍ୟମରେ ବ୍ଲକ କରିବା ପାଇଁ ଜଣାଇପାରିବେ ଏବଂ ଭାରତୀୟ ଟେଲିକମ୍ ନେଟୱାର୍କ ଏହାକୁ ଚବିଶ ଘଣ୍ଟା ମଧ୍ୟରେ ବ୍ଲକ କରିଦେବ । ଫୋନ କେଉଁଠାରେ ଅଛି ଜଣାପଡ଼ିଲେ, ତାହା ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ବ୍ୟବହାରକାରୀଙ୍କୁ ଜଣାଇ ଦିଆଯିବ । ଯୋଗାଯୋଗ ମନ୍ତ୍ରାଳୟର ସୂଚନା ଅନୁଯାୟୀ ଏହି 'ଆପ୍' ଯୋଗୁଁ ଏହି ବର୍ଷ ଜାନୁଆରି ମାସରେ ଏହାର ପ୍ରଚଳନ ପରଠାରୁ ସାତ ଲକ୍ଷରୁ ଅଧିକ ଫୋନକୁ ଉଦ୍ଧାର କରାଯାଇପାରିଛି ।

ଜଣେ ବ୍ୟକ୍ତିଙ୍କ ନାମରେ କେତୋଟି ମୋବାଇଲ ସଂଯୋଗ ପଞ୍ଜୀକରଣ ହୋଇଛି, ତାହା 'ସଞ୍ଚାର ସାଥୀ' 'ଆପ୍' ଜରିଆରେ ଜଣାପଡ଼ିବ । ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜଣେ ଭାରତୀୟ ସମସ୍ତ ଟେଲିକମ୍ କମ୍ପାନୀରୁ ସର୍ବାଧିକ ନଅଟି ସଂଯୋଗ ନେଇପାରିବ । ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହାର ସର୍ବୋଚ୍ଚ ସୀମା ହେଉଛି ଛଅ । ପୁନଶ୍ଚ ଜଣେ ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ନାମରେ ଯଦି କେହି ଜଣେ ମୋବାଇଲ ଫୋନ୍ ସଂଯୋଗ ନିଏ, ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼େ । ମୋବାଇଲ ଫୋନ୍‌ରେ ଅନେକ ସନ୍ଦେହଜନକ ବାର୍ତ୍ତା ଆସୁଛି, ଯାହା ଠକାମି, ସାଇବର ଅପରାଧ କିମ୍ବା ଆର୍ଥିକ ସ୍କାମ୍ ହୋଇପାରେ । ଅନେକ ବ୍ୟକ୍ତି ଏହାର ଶିକାର ହୋଇ ନିଜର କଷ୍ଟାର୍ଜିତ ଅର୍ଥ ହରାଉଥିବାର ଖବର ପ୍ରାୟ ପ୍ରତ୍ୟେକ ଦିନ ସମ୍ବାଦପତ୍ରରେ ଦେଖିବାକୁ ମିଳେ । ଅନେକ ସମୟରେ କେତେକ ଦୁଷ୍ଟ ଲୋକ ଅଯଥାରେ ହଇରାଣ କରିଥା'ନ୍ତି । ସଞ୍ଚାର ସାଥୀ 'ଆପ୍'ରେ ଥିବା 'ଚକ୍ଷୁ' ନାମକ ଫିଚର ଦ୍ୱାରା ଏହି କାଳ୍ପନିକ ଓ ଅନଧିକୃତ ଫୋନ ବାର୍ତ୍ତାକୁ ଚିହ୍ନଟ କରାଯାଇପାରିବ । ଦେଶ ବାହାରୁ ମଧ୍ୟ ଅନେକ ଫୋନ ଆସୁଛି, ଯାହା ଦେଶ ଭିତରୁ ଆସିବା ଭଳି ଜଣାପଡ଼େ । ଅର୍ଥାତ୍ ସେମାନେ ଭାରତୀୟ କୋଡ ବ୍ୟବହାର କରିଥା'ନ୍ତି । ଏହା ମଧ୍ୟ ଠକାମିର ଏକ ଉପାୟ ଏବଂ ଦେଶର ନିରାପତ୍ତା ସହିତ ଏହା ଜଡ଼ିତ ଅଛି । ଏହା ଏହି 'ଆପ୍' ଦ୍ୱାରା ଧରାପଡ଼ିବ । ଆମେ କିଣୁଥିବା ମୋବାଇଲ ଫୋନ ଅସଲି ନା ନକଲି ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼ିଥାଏ ।

ଏହିସବୁ ସୁବିଧାଗୁଡ଼ିକୁ ଦେଖିଲେ 'ସଞ୍ଚାର ସାଥୀ' ଏକ ଉତ୍ତମ 'ଆପ୍' ବୋଲି ବିବେଚନା କରିବା ଉଚିତ । ତାହା ହେଲେ ଏହାର ବିରୋଧ କାହିଁକି କରାଯାଉଛି? ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମାନବ ଉପଯୋଗୀ ବ୍ୟବହାର ସହିତ କେତେକ ବ୍ୟକ୍ତି ଏହାର ଦୁରୁପଯୋଗ ମଧ୍ୟ କରିଥା'ନ୍ତି । ଏହି 'ଆପ୍' ବ୍ୟବହାର କରି ଟେଲିଫୋନ ନେଟୱାର୍କ ଫୋନ ବ୍ୟବହାରକାରୀର ବ୍ୟକ୍ତିଗତ ତଥ୍ୟକୁ ଜାଣିପାରିବ ଏବଂ ଚାହିଁଲେ ଏହାକୁ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ । ବିରୋଧୀମାନେ ଏହି ଅପବ୍ୟବହାରର ଆଶଙ୍କା କରୁଛନ୍ତି । ବାସ୍ତବରେ ଅପବ୍ୟବହାର ହେଲେ ଏହା ସାଙ୍ଘାତିକ ହେବ । ମୋବାଇଲ ଫୋନରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟ, ବିଭିନ୍ନ ଆୟ ବ୍ୟୟ, ବ୍ୟବସାୟ ହିସାବ ସମେତ ଅନେକ ବ୍ୟକ୍ତିଗତ ତଥ୍ୟ ଥାଏ, ଯାହାକୁ ଚାହିଁଲେ ଜଣେ ସୁବିଧାରେ ନେଇପାରିବ । ଉଲ୍ଲେଖନୀୟ ଯେ ଅନ୍ୟ କେତେକ ଦେଶରେ ମଧ୍ୟ ମୋବାଇଲ ଫୋନରେ ଏହି ପ୍ରକାର 'ଆପ୍' ବ୍ୟବସ୍ଥା ଅଛି । ମାତ୍ର ତାହାର ବ୍ୟବହାର ବାଧ୍ୟତାମୂଳକ ନାହିଁ । ଜଣେ ଚାହିଁଲେ ଏହାକୁ ଉପଯୋଗ କରିପାରିବ ।

ନେତା, ଜନସାଧାରଣ ଓ ମୋବାଇଲ ଫୋନ କମ୍ପାନୀଗୁଡ଼ିକର ବିରୋଧ ଯୋଗୁଁ ଶେଷରେ ସରକାର 'ସଞ୍ଚାର ସାଥୀ' 'ଆପ୍'କୁ ନେଇ ଏକ ମାଧ୍ୟମ ପନ୍ଥା ବାହାର କରିଛନ୍ତି । ଏହାକୁ ବ୍ୟବହାରକାରୀର ଉଚ୍ଛାଧୀନ ରଖାଯାଇଛି । ଜଣେ ଚାହିଁଲେ ସେ ଫୋନରୁ ଏହି 'ଆପ୍'କୁ ବାହାର କରିପାରିବ । ବାହାର ନ କଲେ ମଧ୍ୟ ଜଣେ ଏହାକୁ ବ୍ୟବହାର କରିବାକୁ ନ ଚାହିଁଲେ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ । ଏହାକୁ ପଞ୍ଜିକରଣ କରିବା ପରେ ହିଁ ଏହା ସକ୍ରିୟ ହେବ । ମୋଟାମୋଟି ଭାବେ କହିଲେ ଜଣେ ବ୍ୟବହାରକାରୀ ସବୁଦିଗରୁ ବିଚାର କରି ନିଜ ନିଷ୍ପତ୍ତି ନିଜେ ନେବ ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୭୯୩୭୨୪

## ଅମୃତର ସ୍ରୋତସ୍ୱତୀ: ଗୋପୀନାଥ ମହାନ୍ତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଲେଖିବାର ଅର୍ଥ ଯଦି ହୁଏ ମଣିଷକୁ ରୂପାନ୍ତରିତ କରିଦେବା, ତା'ହେଲେ ଗୋପୀନାଥ ମହାନ୍ତିଙ୍କ ମରମୀ ପାଠକମାନେ ପରିବର୍ତ୍ତିତ ହୋଇଯା'ନ୍ତି ଏକ ଏକ ଆଦିବାସୀ ଚରିତ୍ରରେ । ସେମାନେ ଯେ 'ପରଜା' ବା 'ଅମୃତର ସନ୍ତାନ' ଉପନ୍ୟାସର ପାଠକ ପାଠିକା ମାତ୍ର, ଏହା କ୍ଷଣକ ମଧ୍ୟରେ ହୋଇଯାଆନ୍ତି ବିସ୍ମୃତ । ନିଜ ଜୀବନର ସବୁ କୃତ୍ରିମ ଆଟୋପ ଆଡ଼ମ୍ବର ତ୍ୟାଗ କରିଦେଇ ଅକପଟ ଅନ୍ତରରେ ଏକୀଭୂତ ହୋଇଯାଆନ୍ତି ସବୁଜ ଶ୍ୟାମଳ ସୌନ୍ଦର୍ଯ୍ୟ ସହିତ । ତଳେ ଦର୍ତନି, ଉପରେ ଦର୍ମୁ । ଗିରି ନିର୍ଝରିଣୀରେ ସ୍ନାନ କରିବାରେ, ନିବିଡ଼ ଅରଣ୍ୟ ମଧ୍ୟରେ ବାଟବଣା ହୋଇଯିବାରେ, ଅଜଣା ଫୁଲର ମହକରେ କି ଯାଦୁ! ନୀଳ ଆକାଶବକ୍ଷରେ ହଜିଯିବାରେ କି ଅମାପ ରୋମାଞ୍ଚ! ଉପନ୍ୟାସରେ ଚିତ୍ରିତ ଚରିତ୍ର ସବୁ ନିଜ ନିକଟ ଆତ୍ମୀୟସ୍ୱଜନଙ୍କଠାରୁ କାହିଁ କେତେ ଅଧିକ ଗୁଣରେ ମନେ ହୁଅନ୍ତି ଅତ୍ୟନ୍ତ ଆପଣାର । ପର୍ବତ ଡାଲୁର ଶରଶୁପଦର ଗାଁ, ଶୁକ୍ରୁଜାନି, ମାଣ୍ଡିଆ ଜାନି, 'ଅମୃତର ସନ୍ତାନ'ରେ ସରବୁ ସାଓଁତା, ପୁଯୁ 'ଶିବ ଭାଇ' ଉପନ୍ୟାସର ଅପା, 'ମାଟି ମଟାଳ'ର ସିନ୍ଧୁ ଚୌଧୁରୀ- କିଏ ବା ଛାତି ଭିତରେ ଘର କରିନାହାନ୍ତି!

ସୁବୃହତ 'ମାଟିମଟାଳ', ଯେଉଁଥିପାଇଁ ଓଡ଼ିଶା ଲାଭକଲା ପ୍ରଥମ ଜ୍ଞାନପୀଠ ପୁରସ୍କାର; ସେଠୁ ଯାଇ କ୍ଷୁଦ୍ରତମ ଉପନ୍ୟାସ 'ଜାନକାମ୍ମା 'ପର୍ଯ୍ୟନ୍ତ ଦରଦୀ ପାଠକଟିଏ ପାଇଁ ସବୁକିଛିରେ ସଂଚିତ ହୋଇ ରହିଛି ଜୀବନାନୁଭୂତିର ବିବିଧ ବୈଚିତ୍ର୍ୟ । 'ଲୟ ବିଲୟ', 'ରାହୁର ଛାୟା', 'ଶରତ ବାବୁଙ୍କ ଗଳି', 'ଆକାଶ ସୁନ୍ଦେରୀ' ଆଦି କେତେ ଉପନ୍ୟାସ! ଭାବି ହୁଏ ନାହିଁ । ଚରିତ୍ରମାନେ ତାଙ୍କ ଭିତରକୁ ଅଧିକାର କରି ନିଅନ୍ତି । ସେ ଅନୁଭବ ବାସ୍ତବିକ ଅତୀନ୍ଦ୍ରିୟ । କଥାଶିଳ୍ପୀର ସମସ୍ତ ଶୈଳ୍ପିକ ସିଦ୍ଧି ସେଇଠି ହିଁ ହୁଏ ସାର୍ଥକତା ମଣ୍ଡିତ, ଯେଉଁଠି କ୍ଲେଦାକ୍ତ ପୃଥିବୀ ପ୍ରତି ଆଉ ଦୁଃଖ ନିପୀଡ଼ିତ ଜୀବନ ପ୍ରତି ମମତାମଗ୍ନ ପାଠକ ହୃଦୟ ଅପୂର୍ବ ଆବେଗରେ ହୋଇଉଠେ କମ୍ପିତ । ଜୀବନର ପୂର୍ଣ୍ଣତା ପାଇଁ ନୁହେଁ, ଶୂନ୍ୟତା ସକାଶେ ବି ସେ ରହିପାରେ କୃତଜ୍ଞଚିତ୍ତ ।

ଗୋପୀନାଥ ମହାନ୍ତିଙ୍କୁ 'ଲେଖା ମାଡୁଥିଲା', କାଳିସୀ ଲାଗୁଥିଲା । ଏକଥା ଓଡ଼ିଆ ସାହିତ୍ୟରେ ସେ ହିଁ ବ୍ୟକ୍ତ କଲେ ପ୍ରଥମେ । ଯାହାକୁ ଲେଖା ମାଡ଼େ, ତା'ର ଆଉ କ'ଣ ଆଶଙ୍କା ଥାଏ? ସବୁ ବାଦ, ବିସମ୍ବାଦ, ସବୁ ସାମାଜିକ ଭେଦଭାବ, ସମସ୍ତ ନୀତି-ନିର୍ଣ୍ଣିତ ରେଖାକୁ ସେ ଲଂଘନ କରିଯାଏ ଅନ୍ତର୍ନିହିତ ସତ୍ୟାଲୋକରେ ସମୁଦ୍ଭାସିତ ହୋଇ । ଗୋପୀନାଥ ଯେପରି ଜାଣନ୍ତି ବଳୀଦତ୍ତ ପରି ଉଚ୍ଚାଭିଳାଷୀ ମଣିଷର ଚାରିତ୍ରିକ ସ୍ଖଳନକୁ, ସେପରି ଜାଣନ୍ତି ସ୍ୱାମୀ-ପ୍ରତ୍ୟାଖ୍ୟାତା ପୁଯୁର ପ୍ରାଣପୀଡ଼ା । ସମସ୍ତ ଦୁଃଖ, ଜରା, ବ୍ୟାଧି, ମୃତ୍ୟୁ ମଧ୍ୟରେ ନିରନ୍ତର ବାଟ ଚାଲିବା ଯେ ଜୀବନ ଆଉ ଏହା ପୁଣି ହୋଇପାରେ ସ୍ୱାଦପୂର୍ଣ୍ଣ, ତାହା ଲେଖିଦେବାକୁ ଗୋପୀନାଥ ଅନ୍ତର୍ଦେବତାଙ୍କ ଆଦେଶପ୍ରାପ୍ତ । ଜୀବନର ପ୍ରତିଟି ମୁହୂର୍ତ୍ତ ଯେ ଅନନ୍ତ ସମ୍ଭାବନାର ସୁଷମାନ୍ୱିତ ସଂକେତ- ଏହା ଦୃପ୍ତ ଆସ୍ଥାଶୀଳତା ନେଇ ବର୍ଣ୍ଣନା କରିଛନ୍ତି ଗୋପୀନାଥ ।

ଉପନ୍ୟାସ ବ୍ୟତୀତ ସେ ଲେଖିଛନ୍ତି ଅନେକ ଗଳ୍ପ । ଗଦବା, ସଉରା, କନ୍ଧ, ଯୁଆଙ୍ଗ ଆଦି ଆଦିବାସୀ ଭାଷା ଓ ଲୋକକଥାକୁ ନେଇ ସେ ରଚନା କରିଛନ୍ତି ଅନେକ ପୁସ୍ତକ । ଅନୁବାଦକ ଭାବରେ ମଧ୍ୟ ତାଙ୍କ ଭୂମିକା କି ମହତ୍ତ୍ୱମଣ୍ଡିତ! ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି', ମ୍ୟାକସିମ ଗର୍କୀଙ୍କ 'ମୋ ବିଶ୍ୱବିଦ୍ୟାଳୟ', ରବୀନ୍ଦ୍ରନାଥଙ୍କ ଉପନ୍ୟାସ, ନେହେରୁଙ୍କ ବହି ଓଡ଼ିଆରେ ରୂପାନ୍ତରିତ କରି ଅନୁଭବୀ ପାଠକ ଆମ୍ଭକୁ ସଂଯୁକ୍ତ କରିଦେଇଛନ୍ତି ବିଶ୍ୱସାହିତ୍ୟ ସହିତ । ସାହିତ୍ୟ ତତ୍ତ୍ୱକୁ ରମ୍ୟ-ରୂପ ବିଭବରେ ସଜ୍ଜିତ କରି ଦେଇଛନ୍ତି 'କଳାଶକ୍ତି' ଗ୍ରନ୍ଥରେ । ପୁନଶ୍ଚ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ର ବିଭିନ୍ନ ଖଣ୍ଡରେ କେତେ ଚରିତ୍ର, କେତେ ଅଭୁଲା ସ୍ମୃତିର ଆକର୍ଷଣୀୟ ଅଙ୍କନ! ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ରଚନା କଲେ ଭିନ୍ନ ଶୈଳୀରେ, ତାଙ୍କ ନିକଟତମ ସେବକ ରାମ ବାରିକଙ୍କ ବକ୍ଷସ୍ଥଳରୁ ସତ୍ୟ ଉନ୍ମୋଚନ କରି । ଗୋପବନ୍ଧୁ ଚୌଧୁରୀଙ୍କ ଅସାମାନ୍ୟ ସ୍ୱଦେଶ ଅନୁରାଗ ବ୍ୟଞ୍ଜିତ ହୋଇ ଉଠିଲା 'ଦୀପଂଜ୍ୟୋତି' ଓ 'ଧୂଳିମାଟିର ସନ୍ଥ'ବହିରେ । ଗୋପୀନାଥ ମହାନ୍ତି ଏଭଳି ଭୂମି ସନ୍ତାନଙ୍କଠାରୁ ନିଜେ କ'ଣ ଥିଲେ ଭିନ୍ନ? ସ୍ୱତନ୍ତ୍ର?

ସିଏ ବି ଥିଲେ ମାଟିର ମମତା, ମହାକାଶର ପ୍ରଶସ୍ତତା ଓ ନିବିଡ଼ ଆରଣ୍ୟାନୀ ମଧ୍ୟରେ ଅମୃତର ମଧୁର ସଂଗୀତ ଗାନ କରୁଥିବା ନାମହୀନ କେଉଁ ଏକୁଟିଆ ପକ୍ଷୀ । ସେଇ ପକ୍ଷୀକଣ୍ଠର ବିଭୋର ସଂଗୀତ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଚାଲିଥିବ ଯୁଗ ଯୁଗାନ୍ତର । ଆଉ ସକଳ ନୈରାଶ୍ୟ, ନିଃସଙ୍ଗତା, ନିରର୍ଥକତାକୁ ପରିଣତ କରିଦେଉଥିବ ଆଶାରେ, ଜୀବନକୁ କରିଦେଉଥିବ ଅର୍ଥପୂର୍ଣ୍ଣ ଆଉ ଶେଷରେ ସେ ନିଜେ ଅନ୍ତରଙ୍ଗ ସାଥୀପରି ଆମ ସହିତ ରହିଥିବେ ଚିର ସଂଲଗ୍ନ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନକଲି ଘିଅ...

ହୋଇଥାଏ। ଏଥିରେ ମଧ୍ୟ ଶସ୍ତା ପଲିଷ୍ଟର ବ୍ୟବହାର କରାଯାଇଥିଲା। ଦୁଇଟି ଲାବୋରେଟୋରୀରେ ଦୁପଟ୍ଟାର ସାଇଣ୍ଟିଫିକ୍ ପରୀକ୍ଷା କରାଯାଇଥିଲା। ଦୁପଟ୍ଟା ଉପରେ ଅସଲି ସିଲ୍କର ସୂଚନା ଥିବା 'ସିଲ୍କ ହୋଲୋଗ୍ରାମ' ମଧ୍ୟ ମିଳି ନଥିଲା। କିନ୍ତୁ ଏହାକୁ ଲଗାଇବା ବାଧ୍ୟତାମୂଳକ ଥିଲା। ଦୁର୍ନୀତି ପଦାକୁ ଆସିବା ପରେ ସମ୍ପୃକ୍ତ କମ୍ପାନୀର ପୂର୍ବରୁ ଥିବା ସବୁ ଟେଣ୍ଡରକୁ ବାତିଲ କରାଯାଇଛି ଓ ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଏସିବି)କୁ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ତିରୁପତି ମନ୍ଦିରରେ ଲଡୁ ପ୍ରସାଦରେ ଅପମିଶ୍ରିତ ଘିଅର ବ୍ୟବହାର କଥା ସାମ୍ନାକୁ ଆସିଥିଲା। ୨୦୧୯ରୁ ୨୦୨୪ ମଧ୍ୟରେ ଲଡୁ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୬୮ ଲକ୍ଷ କିଲୋ ନକଲି ଘିଅ ବ୍ୟବହାର ହୋଇଥିଲା। ଘିଅ ଯୋଗାଉଥିବା କମ୍ପାନୀ ଏହି ଦୁର୍ନୀତିରେ ପାଖାପାଖି ୨୫୦ କୋଟି ଟଙ୍କା ଲୁଟି ନେଇଥିଲା।

### ମହାନଦୀ ପାଇଁ...

ସର୍ବଦଳୀୟ କମିଟି ବହୁଦିନ ଆଗରୁ ଗଠନ କରିବାର ଥିଲା। ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ରାଜ୍ୟ ସରକାର ଗଠନ କରିଥିବା କମିଟିରେ ଜଳ ବିଶେଷଜ୍ଞ (ଅବସରପ୍ରାପ୍ତ ଇଞ୍ଜିନିୟର) ତଥା ଅନ୍ୟ ଅଂଶୀଦାରଙ୍କୁ ସାମିଲ କରିଥିଲେ ଭଲ ହୋଇଥାନ୍ତା। ଆଗାମୀ ଦିନରେ ସରକାର ଏମାନଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରିବାକୁ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମହାନଦୀ ବିବାଦ ଦୁଇ ରାଜ୍ୟର ଆପୋଷ ବୁଝାମଣାରେ ସମାଧାନ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ। ଉଭୟେ ବିଭିନ୍ନ ଫୋରମରେ ଏନେଇ ଏକାଧିକ ବାର ଅନୌପଚାରିକ ଆଲୋଚନା ମଧ୍ୟ କରି ସାରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ମଧ୍ୟ ଦୁଇଥର ଆନୁଷ୍ଠାନିକ ବୈଠକ ହୋଇସାରିଛି। ଏହାବ୍ୟତୀତ ଗତ ୫ ତାରିଖର ବୈଠକକୁ ମିଶାଇ ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ମାତ୍ର ଏହି ବୈଠକ ଆଲୋଚନାର ଅଗ୍ରଗତି କଣ ତାହା ସାଧାରଣରେ ସରକାର ପ୍ରକାଶ କରିନାହାନ୍ତି। ଯାହାକୁ ନେଇ ପ୍ରଶ୍ନ କରିଛନ୍ତି ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ। ସରକାର ରାଜ୍ୟର ଏକ ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ଆଗକୁ ବଢ଼ିବା ବେଳେ ସମସ୍ତଙ୍କୁ ବିଶ୍ୱାସକୁ ନେବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ଉଭୟ ରାଜ୍ୟ ମଧ୍ୟରେ ଜଳ ବିବାଦ ମାମଲାର ସମାଧାନ ଟ୍ରିବ୍ୟୁନାଲ ସମାଧାନ କରିବା ଖୁବ ବିଳମ୍ବ ଏବଂ ସମୟ ସାପେକ୍ଷ। ରାଜ୍ୟ ସରକାର ଯେଉଁ ଉଦ୍ୟମ ଏବଂ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ଆମେ ସ୍ୱାଗତ କରୁଛୁ। ଏପରି ଏକ ସର୍ବଦଳୀୟ କମିଟିର ଗଠନ ବହୁ ଆଗରୁ ହେବାର ଥିଲା। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ଆଦୌ ହାଲୁକା ଭାବେ ଗ୍ରହଣ କରିବା ଉଚିତ୍ ନୁହେଁ। ତେଣୁ ସରକାର ଗଠନ କରିଥିବା କମିଟି ସମ୍ପୂର୍ଣ୍ଣ ସକ୍ରିୟତାର ସହ କାର୍ଯ୍ୟ କରୁ। ଓଡ଼ିଶାର ୧.୫ କୋଟି ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ଏବଂ ରାଜ୍ୟର ହକ୍ ଦିଗରେ ଏହି କମିଟି କାର୍ଯ୍ୟ କରୁ ବୋଲି ଶ୍ରୀ ଛୋଟରାୟ କହିଛନ୍ତି।

### ଶୀତ ଲହରୀ...

କିଛି ସ୍ଥାନରେ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ଏଠାରେ ତାପମାତ୍ରା ସାଧାରଣଠାରୁ ୬-୭ ଡିଗ୍ରୀ କମ ଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଅନୁଗୁଳ ଜିଲ୍ଲାର ଅଳ୍ପ କିଛି ଅଞ୍ଚଳରେ ମଧ୍ୟ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ତାପମାତ୍ରା କମିବା ସହ ରାଜ୍ୟର ଉତ୍ତର ଓ ଦକ୍ଷିଣ ଅଞ୍ଚଳର କିଛି ସ୍ଥାନରେ କୁହୁଡ଼ି ପଡିଥିବା ଲକ୍ଷ୍ୟ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ରାଜ୍ୟରେ ଆହୁରି ୨ ଦିନ ଶୀତ ଲହରୀ ଜାରି ରହିବା ସହ ଗୁରୁବାର ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ନବରଙ୍ଗପୁର, ଢେଙ୍କାନାଳରେ ପ୍ରବଳ ଶୀତ ଲହରୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କନ୍ଧମାଳ, କୋରାପୁଟ, କଳାହାଣ୍ଡି ଓ ଝାରସୁଗୁଡ଼ାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

### ୟୁନିସ୍କୋ ବିଶ୍ୱ ଐତିହ୍ୟ...

ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ନିଜର ମନର କଥା ଉଲ୍ଲେଖ କରିଛନ୍ତି। ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନିସ୍କୋ ଐତିହ୍ୟରେ ସାମିଲ କରାଯାଇଥିବାରୁ ଭାରତ ଓ ବିଶ୍ୱରେ ଲୋକ ଉତ୍ସାହିତ ଅଛନ୍ତି। ଆମପାଇଁ ଏହି ପର୍ବ ସଂସ୍କୃତି ଓ ପ୍ରକୃତି ସହିତ ଜଡିତ। ଏହା ଜ୍ଞାନ ଓ ଧର୍ମର ମଧ୍ୟ ପ୍ରତୀକ। ୟୁନିସ୍କୋ ତାଲିକାରେ ସାମିଲ ହେବା ପରେ ଏହି ପର୍ବକୁ ନେଇ ବୈଶ୍ୱିକ ଲୋକପ୍ରିୟତାରେ ଆହୁରି ବୃଦ୍ଧି ଘଟିବ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଆମକୁ ଶାସ୍ୱତ ଭାବେ ମାର୍ଗଦର୍ଶନ କରୁଥିବ ବୋଲି ମୋଦୀ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ମନ୍ତ୍ରୀ କିପଲ ମିଶ୍ରା କହିଛନ୍ତି ଯେ, ଡିସେମ୍ବର ୧୦ ଅର୍ଥାତ ବୁଧବାର ଦିଲ୍ଲୀ ସରକାର ପୃଥକ ଭାବେ ଦୀବାବଳି ପାଳନ କରିବ। ସବୁ ସରକାରୀ ସୌଧକୁ ସ୍ୱତନ୍ତ୍ର ଭାବେ ସଜ୍ଜିତ କରାଯିବ।

### ବିଗୁଲ ଫୁଙ୍କିଲେ...

୨୦୨୪ରେ କଂଗ୍ରେସ ସର୍ବନିମ୍ନ ୧୩ ପ୍ରତିଶତ ଭୋଟ୍ ପାଇଛି। ନିଜେ ଶରତ ପଟ୍ଟନାୟକ ନିର୍ବାଚନରେ ଅମାନତ ବି ହରାଇଛନ୍ତି। ସେହିପରି ୩ ଥର ଲଗାତାର ନିର୍ବାଚନ ପରାଜିତ ଭକ୍ତଙ୍କୁ ପିସିସି ନେତୃତ୍ୱ ମିଳିଛି। ଯାହାଙ୍କ ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ଭକ୍ତ ନିଜେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ; ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ତାଙ୍କ ନେତୃତ୍ୱରେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ୮୩ ହଜାର ଭୋଟରେ ହାରିଛି। ନୂଆପଡ଼ା ପିସିସି ସଭାପତିଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି କଂଗ୍ରେସର ପ୍ରଦର୍ଶନ ସେଠାରେ ଅତ୍ୟନ୍ତ ନିରାଶାଜନକ। ଯାହାଙ୍କୁ ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, ତାଙ୍କୁ ସ୍ୱାଭାବିକ ଭାବରେ କର୍ମୀ ବିଶ୍ୱାସ କରିପାରୁ ନାହାନ୍ତି। ଏପରି ସମୟରେ କଂଗ୍ରେସକୁ ପୁନର୍ଜୀବିତ କରିବା ନିମନ୍ତେ ପାରଦର୍ଶିତା ଓ ଯୋଗ୍ୟତା ଆଧାରରେ ଯୁବ ନେତୃତ୍ୱଙ୍କୁ ନିଯୁକ୍ତି ଦିଆଯିବା ଦରକାର ବୋଲି ମୋକିମ କହିଛନ୍ତି। ଏହା ସହ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ହୋଇଥିବା ସଂଗଠନ ସୃଜନ ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ ମଧ୍ୟ ନିର୍ବାଚନରେ ୬ ନଂ ସ୍ଥାନରେ ରହିଥିବା ଲୋକ କିପରି ଜିଲ୍ଲା ସଭାପତି କରାଯିବାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ମଧ୍ୟ କଂଗ୍ରେସର କାର୍ଯ୍ୟକୁ ନେଇ ମୋକିମ୍ ଅସନ୍ତୋଷ ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସକୁ ମଜଭୂତ ପାଇଁ କେନ୍ଦ୍ରୀୟ ନେତୃତ୍ୱ କାର୍ଯ୍ୟ କରୁ ନାହାନ୍ତି। ଏଥିପାଇଁ ମୁଁ ଚିଠି ଏଆଇସିସି ସଭାପତିଙ୍କ ପରିବର୍ତ୍ତେ କଂଗ୍ରେସ ପରିବାରର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଛି। ସୋନିଆଙ୍କ ନେତୃତ୍ୱରେ ଦଳ କ୍ଷମତାକୁ ଫେରିଥିଲା। ଦେଶର ବିଭିନ୍ନ ରାଜ୍ୟରେ କଂଗ୍ରେସର ପ୍ରଦର୍ଶନକୁ ଉଲ୍ଲେଖ କରି ସେ ଦଳର ନେତୃତ୍ୱ ଓ କାର୍ଯ୍ୟଧାରାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବିଧାୟକ ଥିଲା ବେଳେ ସେ ୩ ବର୍ଷ ଅପେକ୍ଷା କରି ସେ ରାହୁଲଙ୍କୁ ଦେଖା କରିପାରି ନାହାନ୍ତି। ରାହୁଲ କୋଟେରୀରୁ ନ ବାହାରିଲେ ଠିକ୍ ନିଷ୍ପତ୍ତି ନେଇପାରିବେନି। ବର୍ତ୍ତମାନ ଦେଶରେ ୬୫ ପ୍ରତିଶତ ଯୁବକ ରହିଥିବା ବେଳେ ସେମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ନିମନ୍ତେ ପ୍ରିୟଙ୍କା ଗାନ୍ଧୀଙ୍କୁ ସାମ୍ନାକୁ ଆଣିବାର ଆବଶ୍ୟକତା ଥିବା ମୋକିମ୍ ଚିଠିରେ ଲେଖିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଆଇସିସି ଅଧ୍ୟକ୍ଷ ଖଡ୍‌ଗେଙ୍କୁ ୮୩ ବର୍ଷ ହେଲାଣି, ସେ କିପରି ଯୁବକଙ୍କ ନେତୃତ୍ୱ ନେଇ ପାରିବେ? ଭାରତ ଯୋଡ଼ ଯାତ୍ରା ବେଳେ ରାହୁଲ ୩ ରାତି ଓଡ଼ିଶାରେ ରହିଲେ, ମାତ୍ର କର୍ମୀମାନେ ତାଙ୍କୁ ଭେଟି ପାରିଲେ ନାହିଁ। ସେ ଯଦି ଓଡ଼ିଶାରେ ତୃଣମୂଳ କର୍ମୀଙ୍କୁ ଭେଟିଥାନ୍ତେ କେତେ ଭଲ ହୋଇଥାନ୍ତା। ଯେଉଁମାନେ କ୍ରମାଗତ ହାରୁଛନ୍ତି, ସେମାନେ କଂଗ୍ରେସରେ ଆଗରେ ବସୁଛନ୍ତି। କଟକରେ କଂଗ୍ରେସ ଜିତି ପାରୁ ନ ଥିଲା, ହେଲେ ତାଙ୍କର ଓ ତାଙ୍କ ପରିବାର ଯୋଗୁଁ ୩୫ ବର୍ଷ ପରେ କଂଗ୍ରେସ କଟକ ବାରବାଟୀ ଆସନ ଜିତିଥିଲା। ୨୦୨୪ରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ପ୍ରଚାର ସତ୍ତ୍ୱେ ତାଙ୍କ ଝିଅ ସୋଫିଆ ଫିର୍‌ଦୋସ୍ କଟକରୁ ବିଜୟୀ ହୋଇଛନ୍ତି। ତେଣୁ କଂଗ୍ରେସର ସାଂଗଠନିକ, ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାରକୁ ଶ୍ରୀମତୀ ଗାନ୍ଧୀ ଗୁରୁତ୍ୱ ଦେବେ ବୋଲି ମୋକିମ ଆଶା ରଖିଛନ୍ତି। ଏହାସହ କଂଗ୍ରେସ ଦଳରେ ସ୍ୱଚ୍ଛତାର ସହ ଦକ୍ଷତା ଆଧାରରେ ନିଯୁକ୍ତି ଦିଆଯାଉ ବୋଲି ମୋକିମ୍ କହିଛନ୍ତି। ଯୁବକଙ୍କୁ ନେତୃତ୍ୱ ଦେବା ସହ ଯେଉଁମାନେ ଭାବପ୍ରବଣ କର୍ମୀଙ୍କ ସହ ଯଡ଼ିତ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ମୋକିମ୍ ଚିଠିରେ ଉଲ୍ଲେଖ କରିଛନ୍ତି।

## ରାଜ୍ୟସଭାରେ 'ବନ୍ଦେ ମାତରମ୍' ଆଲୋଚନା

# ରାଷ୍ଟ୍ରକୁ ଜାଗ୍ରତ କରିଥିଲା 'ବନ୍ଦେ ମାତରମ୍': ମାନସ



**ବନ୍ଦେ ମାତରମକୁ ମିଳୁ ସାମ୍ବିଧାନିକ ସ୍ୱୀକୃତି**

ଭୁବନେଶ୍ୱର,୧୦।୧୨(ସମିସ): ଜାତୀୟ ଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସଭାରେ ଅନୁଷଠିତ ହୋଇଛି ସ୍ୱତନ୍ତ୍ର ଆଲୋଚନା। ଏଥିରେ ଅଂଶଗ୍ରହଣ କରି ସାଂସଦ ମାନସ ମଙ୍ଗରାଜ ବନ୍ଦେ ମାତରମ୍‌କୁ ସାମ୍ବିଧାନିକ ସ୍ୱୀକୃତି ମିଳୁ ବୋଲି ନିଜର ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ଶବ୍ଦ ଗୁଚ୍ଛର ସମାହାର 'ବନ୍ଦେ ମାରତମ୍' ଏକ କବିତା ବା ଗୀତ ନୁହେଁ, ଏହା ହେଉଛି ଭାରତର ଜାଗରଣର ମନ୍ତ୍ର। ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମ ଏବଂ ବନ୍ଦେ ମାତରମ୍ ପରସ୍ପର ପରିପୂରକ; ଅବିଚ୍ଛେଦ୍ୟ। ଏହି ଗୀତ କେବେ ଘୃଣା ଉଦ୍ରେକ କରିନଥିଲା; ବରଂ ଏହା ବଳିଦାନ, ଦେଶଭକ୍ତି ଓ ସ୍ୱାଧୀନତା ଆନ୍ଦୋଳନ ପାଇଁ ଅନୁପ୍ରେରଣା ସାଜିଥିଲା। ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହଠାରୁ ଆରମ୍ଭ କରି ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ, ଗୋପବନ୍ଧୁ ଦାସ ଏବଂ ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଦେଶାତ୍ମବୋଧକ କାର୍ଯ୍ୟକଳାପ ଅବିସ୍ମରଣୀୟ। ୧୮୯୬ ମସିହା କଲିକତା କଂଗ୍ରେସ ଅଧିବେଶନରେ ଯେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରଥମ ଥର ପାଇଁ ଏହି କବିତା ଗାନ କରିଥିଲେ, ସେତେବେଳେ ସମସ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା। ବଙ୍ଗଳାରୁ ଓଡ଼ିଶା, କଟକରୁ ପୁରୀ ପର୍ଯ୍ୟନ୍ତ; ସବୁଆଡ଼େ ଗୋଟିଏ ଧ୍ୱନି ପ୍ରକମ୍ପିତ ହେଉଥିଲା, ଯାହା ହେଲା ବନ୍ଦେ ମାତରମ। ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ ଡ. ରାଜେନ୍ଦ୍ର ପ୍ରସାଦ ଘୋଷଣା କରିଥିଲେ ଯେ ଜାତୀୟ ସଙ୍ଗୀତ ସହିତ ବନ୍ଦେ ମାତରମ୍‌କୁ ସମାନ ସମ୍ମାନ ମିଳିବ। ମାତ୍ର ୭୫ ବର୍ଷ ପରେ ମଧ୍ୟ ଏହାର ସାମ୍ବିଧାନିକ ସ୍ୱୀକୃତି ମିଳିନାହିଁ। ଏହି ଗୀତ ଭାରତର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ କୃଷକ, ପ୍ରତ୍ୟେକ ସୈନିକ, ପ୍ରତ୍ୟେକ ଶିଶୁର ଗୀତ। ଯେପରି ଓଡ଼ିଆମାନେ ସଭ୍ୟତାଗତ ପରିଚୟକୁ ପ୍ରକାଶ କରିବା ପାଇଁ ଜୟ ଜଗନ୍ନାଥ କହନ୍ତି, ସେହିପରି ବନ୍ଦେ ମାତରମ୍ ହେଉଛି ଏକ ଏକୀକୃତ ସମାବେଶୀ ସଙ୍ଗୀତ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଯେଉଁ ରାଷ୍ଟ୍ର ତାହାର ମୁକ୍ତି ଗୀତଗୁଡ଼ିକୁ ଭୁଲିଯାଏ, ସେହି ରାଷ୍ଟ୍ର ଏହାକୁ ନିର୍ମାଣ କରିଥିବା ବଳିଦାନଗୁଡ଼ିକୁ ଭୁଲିଯିବାର ଆଶଙ୍କା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

■ ଏସସି-ଏସଟି ଉନ୍ନୟନ ବିଭାଗ ସ୍କୁଲ ଟିଜିଟି ଶିକ୍ଷକଙ୍କ ପିଜିଟି ପଦୋନ୍ନତି ପ୍ରସଙ୍ଗ

# ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

କଟକ, ୧୦।୧୨ (ସମିସ): ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସଟି) ଉନ୍ନୟନ ବିଭାଗ ଅଧୀନ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି)ଙ୍କ ସ୍ନାତକୋତ୍ତର ଶିକ୍ଷକ(ପିଜିଟି) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏସ୍‌ସି ଓ ଏସଟି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପିଜିଟି ପଦକୁ ପଦୋନ୍ନତି ପାଇଁ ଯୋଗ୍ୟ ଟିଜିଟିଙ୍କ ସଂପର୍କିତ ତଥ୍ୟ ପ୍ରଦାନ ପାଇଁ ୨୦୨୫ ଜାନୁଆରି ୨୮ରେ ଜାରି ଚିଠି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। କୃଷ୍ଣାଜନ ଆଚାର୍ଯ୍ୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦୁଝର ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବେଆଇନ ଭାବେ ପଦୋନ୍ନତିରୁ ବାଦ୍ ଦେବା ଅଭିଯୋଗ ନେଇ ଦାୟର ଏହି ମାମଲାରେ ଏସ୍‌ଟି ଓ ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଟିଜିଟି ପଦୋନ୍ନତି ପାଇ ଆବେଦନକାରୀ ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ପିଜିଟି ପଦକୁ ପଦୋନ୍ନତି ପାଇଁ ତଥ୍ୟ ଦାଖଲ ପାଇଁ କେନ୍ଦୁଝର ସମେତ ସବୁ ଜିଲ୍ଲାର ମଙ୍ଗଳ ଅଧିକାରୀଙ୍କୁ ଜାନୁଆରି ୨୮ରେ ଚିଠି କରାଯାଇଥିଲା। ଓଡ଼ିଶା ଟ୍ରାଇବାଲ୍ ୱେଲଫେୟାର୍ ଏଜୁକେସନ ନିୟମାବଳୀ-୨୦୧୫ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଟିଜିଟି ମାନ୍ୟତା ଦେଉଥିଲେ ମଧ୍ୟ ପଦୋନ୍ନତି ପାଇଁ ଅଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ତଥ୍ୟ ଦାଖଲ ଯୁଗ୍ମ ନିର୍ଦ୍ଦେଶକଙ୍କ ଚିଠିରେ କୁହାଯାଇନଥିଲା। ଏସ୍‌ଟି ଏସ୍‌ସି ଉନ୍ନୟନ ବିଭାଗର ହାଇସ୍କୁଲରେ ତିନିବର୍ଷ ନିୟମିତ ଟିଜିଟି ଭାବେ କାର୍ଯ୍ୟକାଳ ପୂରଣ କରିଥିବା ଶିକ୍ଷକ ପିଜିଟି ପଦୋନ୍ନତି ପାଇଁ ଯୋଗ୍ୟ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଏପରି ଯୋଗ୍ୟତା ସର୍ତ୍ତାବଳୀ ପାଇଁ ଆବେଦନକାରୀ ପଦୋନ୍ନତି ପ୍ରକ୍ରିୟାରୁ ପରୋକ୍ଷରେ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଥିଲା। ଏପରି ଚିଠିକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା

ବ୍ରହ୍ମପୁର,୧୦।୧୨(ସମିସ): ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା କଲା ପଡ଼ୋଶୀ। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ, ବାରିକ ଜେନା (୭୦)। ପୁଲିସ ମୃତକଙ୍କ ପଡ଼ୋଶୀ ତାରାପ୍ରସାଦ ଗୌଡ଼(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ବାରିକ ଜେନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ସୂଚନାନୁସାରେ, ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଅଣ ଓସାରିଆ ରାସ୍ତା। ବାରିକ ଜେନାଙ୍କ ଘର ଅତିକ୍ରମ କରିବା ପରେ ତାରାପ୍ରସାଦଙ୍କ ଘର। ସବୁବେଳେ ରାସ୍ତା ବ୍ଲକ୍ କରି ରଖୁଥିଲେ ବାରିକ ଜେନା। ଫଳରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ହେଉଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ତାରା ପ୍ରସାଦ ବାଇକ୍‌ରେ ଘରକୁ ଫେରୁଥିଲେ। ରାସ୍ତା ବ୍ଲକ୍ କରି ରଖିଥିବାରୁ ତାରାପ୍ରସାଦ ଘରକୁ ଯିବା ସମସ୍ୟା ହୋଇଥିଲା। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାରାପ୍ରସାଦ ରାଗରେ ବାରିକ ଜେନାଙ୍କୁ ଧକ୍କା ମୁକା ମାରିବା ସହ ଶକ୍ତ ଚାପୁଡା ମାରିଥିଲା। ସେ ଅଚେତ ହୋଇ ପଡିଯାଇଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ପୁଅ ସୁବାସ ଜେନା ଏନେଇ ଥାନାରେ ଅଭିଯୋଗ କରିଥିଲେ।

AFFIDAVIT

By virtue of an affidavit sworn before the Executive Magistrate Jharbandh of District Bargarh dated 2nd December 2025, CF No - 01, I Narayana Satnami aged about 27 years, Kalia Satnami, resident of village- Jatesira, Po.- Goudmal Ps.- Jagdalpur, Block- Jharbandh, Dist. Bargarh, Pin 768042 hereby declares that for myself. I have changed my name from **Narayan Satnami** to **Narayana Satnami** . Hence I will be known as **Narayana Satnami** for all future purposes.

AFFIDAVIT

By virtue of an affidavit sworn before the Executive Magistrate, Tigiria, dated-29.11.2025 C.F No-5, I Lijarani Das of Village-Sunthipal, Po-Bandalo, Ps-Tigiria, Dist-Cuttack declare that I have changed my name from Lija Das to Lijarani Das in Aadhar card. Henceforth, I shall be known as Lijarani Das for all purposes.

AFFIDAVIT

I MINIYAKA GEETANJALI, W/o - MINIYAKA BISWANATH, Resident At- TANKUA, NEAR JAGANNATH TEMPLE, Po- P.R.PETA, Jeypore, Dist - Koraput -764003, Odisha declare by this Affidavit No.5037 Dated -10/12/2025, that now onwards I shall be known as **MINIYAKA GITANJALI** For all future purpose.

LOST

**I, Ranjulata Barik,** aged about 57 years, W/o: Santosh Kumar Barik, R/o: Sunamuhi, Baripada, Ward No.11 hereby declared through Affidavit that, my original Regd. Sale Deed No. 953, Dt.27.03.1991 pertaining to land situated in Mouza: Baripada Town, Unit No.12, Stationbandha sahi, Khata No.: 205/212, Plot No.: 34/1066, P.S.: Baripada, P.S. No. 103, Area: Ac.0.098dec. and Khata No.: 205/209, Plot No.: 35, P.S.: Baripada, P.S. No. 103, Area: Ac.0.040dec.. has been lost at a tea stall near Palbani on 05.12.2025. The said document has not been utilised for any other purpose and in case I discover the same in future, I shall notify and produce the same before the Odisha Grameen Bank, Main Branch, Baripada. If anybody found this document please contact- **Mob- 9937538105**

AFFIDAVIT

By the virtue of an affidavit sworn before the Notary Public, Bhubaneswar, it is declared that the names of the parents of Miss Pallela Samhita were wrongly recorded in her school record as P. Satyanarayana and P. Sujatha.
The correct names are:
Father: Pallela Satyanarayana
Mother: Palela Sujata
Sd/- Pallela Satyanarayana & Palela Sujata, Flat No. LIG-I/110, Sudarshan Enclave, Phase-VII, Dumduma, Bhubaneswar – 751019, Date: 05-12-2025

NOTICE (FOR MINOR)

By the virtue of an affidavit CF No 74, before the Executive Magistrate, Bhubaneswar, dtd.15.11.2025, I, Sanghamitra Parida, residing at M-156, Phase-II, Bhimatangi, Guru Kelu Charan Marg, Lane-4, P.S. Airfield, Bhubaneswar-751002 have changed my minor daughter's name from Saparajya Parida to Saparjya Parida. Henceforth she shall be known as **Saparjya Parida** for all purposes.
Sd/- Sanghamitra Parida

ਪੰਜਾਬ ਨੈਸ਼ਨਲ ਬੈਂਕ punjab national bank ...the name you can BANK upon!

ବି.ଓ. ଟିଟିଲାଗଡ
ଠିକଣା: ମହାବୀର ପଞ୍ଚାୟତ, ଧର୍ମଶାଳା ସାମ୍ନା, ଟିଟିଲାଗଡ଼
ଯୋଗାଯୋଗ ନଂ: 8249151403, ଇମେଲ: bo6808@pnb.bank.in

**ସାର୍ବଜନୀନ ନୋଟିସ୍**

ବ୍ୟାଙ୍କ ଅନୁସୂଚିତ ସମ୍ପତ୍ତି ସମ୍ପର୍କରେ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି। ସମ୍ପତ୍ତିରେ କୌଣସି ସ୍ୱାର୍ଥ କିମ୍ବା ଅଧିକାର ଦାବି କରୁଥିବା କିମ୍ବା ଅନ୍ୟ କୌଣସି ଆପତ୍ତି ବା ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶନର ସାତ ଦିନ ମଧ୍ୟରେ ବ୍ୟାଙ୍କରେ ପ୍ରତିନିଧିତ୍ୱ କରିପାରିବେ।
ମୌଜାରେ ଅବସ୍ଥିତ ସମସ୍ତ ଜମି ଏବଂ କୋଠାର ଅଂଶ : ଦୁର୍ଲା, ଟିଟିଲାଗଡ଼, ପି.ଏସ୍. ନମ୍ବର: 85, ଖାତା ନମ୍ବର 190/299, ପ୍ଲଟ୍ ନମ୍ବର 1001, ନାମ - ବିନୋଦ କୁମାର ଅଗ୍ରୱାଲ, ପିତା - ରମେଶ କୁମାର ଅଗ୍ରୱାଲ, ବିକ୍ରୟ ଡିଡ୍ ନମ୍ବର 1 0 3 3 1 4 0 1 2 5 5 , 21.07.2014, ପୂର୍ବ ଲିଙ୍କ୍ ଡିଡ୍ ନମ୍ବର 732, 08.05.2006
ସ୍ୱା/- ଅଜିତେଶ ପାତ୍ର
ଶାଖା ପରିଚାଳକ

O-1683 Email- rd_nuapada@rediffmail.com
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
BID IDENTIFICATION NO. RWNPD – 06 (Online) of 2025-26
"e" PROCUREMENT NOTICE
Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
1.Name of the Work : Building works in the District of Nuapada as mentioned in DTCN
2. Total No of Works : 01 No.
3.Estimated Cost: : Rs. 50.18 lakhs (Building)
4.Period of Completion: ! 01 (one) Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Nuapada | RWNPD-06/2025-26 (Online) | 10.12.2025 at 10.00 AM | 20.12.2025 up to 5.00 PM | 19.12.2025 upto 05.00 PM | 21.12.2025 at 11.00 AM | Will be intimated later on |

Further details can be seen from the website www.tendersodisha.gov.in
Executive Engineer
Rural Works Division, Nuapada
OIPR-25050/11/0010/2526

OHPC
OFFICE OF THE SR. GENERAL MANAGER (ELECTRICAL) CAD-2638
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified
NOTICE INVITING TENDER No. UIHEP-38/2025-26 DATED 08.12.2025
Sealed tenders are invited in two parts i.e. (i) Techno commercial bid (ii) Price bid in separate sealed envelopes from the registered travel agencies / vehicle owners/service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercia l Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years. | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 up to 13.00 Hrs | 23.12.2025 (up to 13:30Hrs) | 23.12.2025 at 16:30Hrs. |

For details of the tender documents, terms and conditions please visit our website www.ohpcltd.com
C&P Head
UIHEP, Mukhiguda
OIPR-04008/11/0050/2526

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

MM-355
GOVERNMENT OF ODISHA
OFFICE OF THE DIVISIONAL FOREST OFFICER, PHULBANI KENDU LEAF DIVISION
AT/PO/PS:- PHULBANI, e-mail id – dfoklplb@gmail.com
BID IDENTIFICATION No. F.E.&CC /PLB/02 (online)/2025-26
E-procurement notice
No. 02, Dated' 09.12.2025
The Divisional Forest Officer, Phulbani K.L. Division, on behalf of Governor of Odisha, invites Percentage Rate bids in Single cover System in ONLINE MODE.
1. Nature of work :- Construction of Forest Guard Quarter at Phulbani Division Office Campus
2. Tender Cost :- Rs.6000/-
3. Class of Contractor :- "C" & "D" class Contractors
4. Availability of bid document in the website. :- 18:00 Hours of 11.12.2025 to 17:30 Hours of 19.12.2025
5. Date of Opening of Tenders :- 11:30 Hours on dt._20.12.2025
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.
OIPR-08069/11/0008/2526
Divisional Forest Officer
Phulbani K.L. Division

भा.क.नि. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କଳଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୦.୧୨.୨୦୨୫
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ, ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।
ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆଇଟି ଚାକିରିଆଙ୍କ ପାଇଁ ଦିନ ଭଲ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିପାରନ୍ତି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଡୋଶୀଙ୍କ ସହ ସମ୍ପର୍କ ଘନିଷ୍ଠ ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ ଦେବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହାକାଥନ୍

## ଭାଗ ନେଲେ ୧୨ଟି ଟିମ୍‌ର ୩୪ ପ୍ରତିଯୋଗୀ




ବାରିପଦା, ୧୦।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହାକାଥନ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଏସ୍ଏ (ଦ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍), ଓଡ଼ିଶା ଏଆଇ, ଆଇଇଇଇ ୫ଜି/୬ଜି ଇନୋଭେସନ ଟେଷ୍ଟବେଡ୍ ଓ ଆଇଇଇଇ କମ୍ୟୁନିକେସନ ସୋସାଇଟିର ପୃଷ୍ଠପୋଷକତାରେ ହେଉଥିବା ଏହି ହାକାଥନ୍‌ର ପୁରସ୍କାର ବିତରଣ ସମାରୋହରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ବିଜେତା ଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଉତ୍ତର ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ। ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ୍ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ହାକାଥନର ଚେୟାର ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ସୁକାନ୍ତ ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆମେରିକାସ୍ଥିତ ସାଉଥ୍ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅଶ୍ୱିନୀ କୁମାର ନନ୍ଦ ଓ ଅପେରେସନାଲ୍ ଚେୟାର ତଥା ଆମେରିକାସ୍ଥିତ ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଶୁତୋଷ ଦତ୍ତାଙ୍କ ଦିଗ୍‌ଦର୍ଶନ ପାଇଁ ଏବଂ ସର୍ବୋପରି କାର୍ଯ୍ୟକ୍ରମ ଓ ପୁରସ୍କାର ରାଶିକୁ ଆଇଇଇଇ ୫ଜି/୬ଜି ଇନୋଭେସନ ଟେଷ୍ଟବେଡ୍ ଓ ଆଇଇଇଇ କମ୍ୟୁନିକେସନ ସୋସାଇଟି ପ୍ରାୟୋଜକତା କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗର ମୁଖ୍ୟ ପ୍ରଫେସର ଏମ୍. ହିମବିନ୍ଦୁ ଯୋଗଦେଇଥିଲେ। ହାକାଥନରେ ସମୁଦାୟ ୧୨ଟି ଟିମ୍‌ର ୩୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ପ୍ରୋଟୋଟାଇପ୍ ଡେମୋ ଦେଖାଇଥିଲେ। ବିଚାରକ ମଣ୍ଡଳୀ ଭାବେ ଭୁବନେଶ୍ୱର ନାଇଜରର ସହଯୋଗୀ ପ୍ରଫେସର ଡ. ଶୁଭଙ୍କର ମିଶ୍ର, ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଓ କୋଲକାତାର ଆର୍‌ସ୍କ୍ୟୁଏର୍‌ରିସ୍କଲ୍ୟାବ୍‌ର ଟିମ୍ ଲିଡର ରତନଲାଲ୍ ମହନ୍ତ ଯୋଗଦେଇଥିଲେ।

ପ୍ରଥମ ପୁରସ୍କାର ରୂପେ ୧୨ ହଜାର ଟଙ୍କା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଶିବପ୍ରସାଦ ପୃଷ୍ଟି, ସୁଚିସ୍ମିତା ଦାଶ, ସନ୍ଦୀପ ମହାନ୍ତ ଓ ସୁଧାଂଶୁ ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପୁରସ୍କାର ରୂପେ ୮ ହଜାର ଟଙ୍କା ଚନ୍ଦ୍ରଶେଖର ବେହେରାଙ୍କୁ ଓ ତୃତୀୟ ପୁରସ୍କାର ଭାବେ ୫ ହଜାର ଟଙ୍କା ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ସରାଙ୍ଗର ଶୁଭମ୍ କୁମାର ଜେନା, ଅଭିଷେକ ଟିପିରିଆ, ବିବେକ ସାମଲ ଓ ଦିପୁନା ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ତିନୋଟି ଟିମ୍ ଭୁବନେଶ୍ୱର ସୋଆରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍‌ର ଫାଇନାଲ୍ ହାକାଥନରେ ଭାଗନେବେ। ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ନୋଡାଲ୍ ସଂଯୋଜକ ତଥା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୋୟୀ ପରିଚାଳନା କରିଥିଲେ। କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଜ୍ୟୋତିକିଶୋର ମହାନ୍ତ ଓ ସତ୍ୟବାନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ



ବାରିପଦା, ୧୦।୧୨(ସମିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଳ ଓ ବିମାନ ବନ୍ଦର ସହିତ ଜିଲ୍ଲାର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ବରିଷ୍ଠ ନାଗରିକ ମଞ୍ଚର ବିଗତ ଦିନର ପରାମର୍ଶକୁ ପ୍ରଶଂସା କରିବା ସହିତ ସେ ଜିଲ୍ଲାର ସାମଗ୍ରିକ ବିକାଶରେ ପ୍ରୟାସ ଜାରି ରଖିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଗାନ୍ଧୀ ପାର୍କର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ଅତ୍ୟାଧୁନିକ କମ୍ୟୁନିଟି ହଲ ହେଉଥିବା ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ହେଲ୍ପଏଜ ଇଣ୍ଡିଆର ନିର୍ଦ୍ଦେଶିକା ଭାରତୀ ଚକ୍ର, ଅବସରପ୍ରାପ୍ତ ଇଞ୍ଜିନିୟର ଗୌରାଙ୍ଗ ସାହୁ, ଡା. ରାଜକୁମାର ମିଶ୍ର, ଶିକ୍ଷାବିତ କୈବଲ୍ୟ ମହାପାତ୍ର ଓ ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସ ବିବରଣୀ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଉପସଭାପତି କଳ୍ପନା ଷଡ଼ଙ୍ଗୀ ମହିଳାଙ୍କ ଉତ୍ସାହଜନକ ଉପସ୍ଥିତିକୁ ପ୍ରଶଂସା କରିଥିଲେ। ସଭାରେ ଉଦଳା ଓ ବୈଶିଙ୍ଗା ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାଙ୍କ ସହ ସଂଘର ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସଦସ୍ୟା ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ ଡ. ସୁଶାନ୍ତ ପାତ୍ର, ମୁରଲୀଧର ପାତ୍ର, ସରୋଜ ମିଶ୍ର, କୁମାର ରଞ୍ଜନ ପଣ୍ଡା, ମେଘମାଳା ବେହେରା, ଗଙ୍ଗାଧର ବେହେରା, ଡ. ମଞ୍ଜୁଲତା ଦାଶ, ଶୋଭନା ଆଚାର୍ଯ୍ୟ, ଅନନ୍ତ ବେହେରା, ବିଦ୍ୟାଧର ବେରା ପ୍ରମୁଖ ସହାୟତା କରିଥିଲେ।

## ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର ଉଦ୍‌ଯାପିତ




ରାଇରଙ୍ଗପୁର, ୧୦।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଆୟୋଜିତ ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି ମିଳିତ ଆନୁକୂଲ୍ୟରେ ଫାଇଲେରିଆ ରୋଗର ନିରାକରଣ ଅଭିଯାନରେ ଉକ୍ତ ଶିବିର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ ଏବଂ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ଆୟୋଜିତ ହୋଇଛି। ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡା. ସତ୍ୟପ୍ରକାଶ ଧଳ, ଡା. ଦେବେନ୍ଦ୍ରନାଥ ପରିଡ଼ା, ଆନାସ୍ଥେସିଆ ବିଶେଷଜ୍ଞ ଡା. ଜ୍ୟୋତି ପ୍ରକାଶ ସାମଲ, ମେଡିକାଲ ଅଫିସର ଡା. ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୦ ଜଣ ହାଇଡ୍ରୋସିଲ୍ ରୋଗୀଙ୍କ ମାଗଣା ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଶିବିରରେ ଜିଲ୍ଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଲେପ୍ରା ସୋସାଇଟି ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ନର୍ସିଂ ଅଫିସର ସବିତା ଷଡ଼ଙ୍ଗୀ, ଭେକ୍ଟରବାହିତ ରୋଗ ବୈଷୟିକ ପରିଦର୍ଶକ ଦୀପକ କୁମାର ମହାନ୍ତ, ବିଜୟ କୁମାର ବସା, ମେଲେରିଆ ସଂଯୋଜକ ହିମାଂଶୁ କୁମାର ମହାନ୍ତ, ଆଟେଣ୍ଡାଣ୍ଟ ପବିତ୍ର ବେହେରା, ସରସ୍ୱତୀ ବାରିକ, ସୁଇପର ଅଜୟ କାରୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

● ଟିଭିଏସ୍ ଏନ୍‌ଟର୍କ-୧୫୦ର ବଜାର ପ୍ରବେଶ

## ଆଲ୍ଲାଏଡ୍ ଶୋ'ରୁମ୍‌ରେ ଉନ୍ମୋଚିତ




ବାରିପଦା, ୧୦।୧୨ (ସମିସ): ଟିଭିଏସ୍ ମୋଟର କମ୍ପାନୀର ନୂତନ ସ୍ପୋର୍ଟି ସ୍କୁଟର ଏନ୍‌ଟର୍କ-୧୫୦ର ବଜାର ପ୍ରବେଶ ଅବସରରେ ବାରିପଦାର ଆଲ୍ଲାଏଡ୍ ଟିଭିଏସ୍ ଶୋ'ରୁମ୍‌ରେ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ନୂତନ ସ୍କୁଟର ଦୁଇଟି ମଡେଲର ଅନାବରଣ କରିଥିଲେ। କମ୍ପାନୀର ଆଞ୍ଚଳିକ ମ୍ୟାନେଜର ଦୀପକ ମହାପାତ୍ର ନୂତନ ସ୍କୁଟର ସମ୍ପର୍କରେ ସୂଚନା ଦେଇଥିଲେ। ଯୁବବର୍ଗଙ୍କ ଚାହିଦାକୁ ଲକ୍ଷ୍ୟ କରି କମ୍ପାନୀ ୧୫୦ ସିସି ବିଶିଷ୍ଟ ଏହି ସ୍କୁଟି ନିର୍ମାଣ କରିଥିବା କହିଛନ୍ତି। ପୂର୍ବରୁ ଏହାର ୧୨୫ ସିସି ସ୍କୁଟର ଥିବାବେଳେ ନୂଆ ସ୍କୁଟର ଅଧିକ ଶକ୍ତିଶାଳୀ, ଏରଡାଇନାମିକ ୱିଙ୍ଗଲେଟ୍ ସହିତ ପ୍ରୋଜେକ୍ଟର ଏଲଇଡି ହେଡ୍‌ଲାଇଟ୍, ଏବିଏସ୍, ରେସ୍ ଓ ଷ୍ଟ୍ରିଟ୍ ମୋଡ୍, ନେକେଡ୍ ହ୍ୟାଣ୍ଡେଲବାର, ସ୍ମାର୍ଟୱାଚ୍ ଇଣ୍ଟିଗ୍ରେସନ ଓ ଭେଇକିଲ୍ ଲାଇଭ୍ ଟ୍ରାକିଂ ସୁବିଧା ଉପଲବ୍ଧ ରହିଥିବା ସୂଚନା ଦେଇଥିଲେ। କମ୍ପାନୀର ଅନ୍ୟ ଦୁଇଚକିଆ ଯାନ ଭଳି ଏନ୍‌ଟର୍କ-୧୫୦ର ଲୋକପ୍ରିୟତା ପ୍ରତିପାଦିତ କରିବ ବୋଲି ସେ କହିଥିଲେ। ଶୋ'ରୁମ୍‌ର ସତ୍ତ୍ୱାଧିକାରୀ ସୁବ୍ରତ କୁମାର ମହାପାତ୍ର ଗ୍ରାହକମାନଙ୍କୁ ନୂତନ ସ୍କୁଟରର ଟେଷ୍ଟ ଡ୍ରାଇଭ୍ ସହିତ ପସନ୍ଦ ପାଇଁ ନିମନ୍ତ୍ରଣ ଜଣାଇଛନ୍ତି।

## ଶିମିଳିପାଳରେ ପର୍ଯ୍ୟଟନର ବିକାଶ ଓ ହରିଣ ପାର୍କ ପାଇଁ ମମତାଙ୍କ ପ୍ରସ୍ତାବ

ବାରିପଦା, ୧୦।୧୨(ସମିସ): ଚଳିତ ଶୀତାକାଳୀନ ଅଧିବେଶନରେ ରାଜ୍ୟସଭାର ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗନେଇ ସାଂସଦ ମମତା ମହାନ୍ତ ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ଦେବକୁଣ୍ଡ, ଭୀମକୁଣ୍ଡ, ସୀତାକୁଣ୍ଡ, ଯୋରନ୍ଦା ଓ ଖିଚିଂ ଆଦି ସ୍ଥାନରେ ପର୍ଯ୍ୟଟନର ବିକାଶ ଓ ଲୁଲୁଙ୍ଗରେ ହରିଣ ପାର୍କ ସ୍ଥାପନ ପାଇଁ କେନ୍ଦ୍ର ସରକାର ଅଦ୍ୟାବଧି କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଜାଣିବାକୁ ଚାହିଁଥିଲେ। କେନ୍ଦ୍ର ପର୍ଯ୍ୟଟନ ବିକାଶ ମନ୍ତ୍ରୀ ଶ୍ରୀମତୀ ମହାନ୍ତଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଡିପିଆର ପ୍ରସ୍ତୁତ ହୋଇ ଆସିଲେ କେନ୍ଦ୍ର ସରକାର ନିଶ୍ଚୟ ପଦକ୍ଷେପ ଗ୍ରହଣ କରିବେ। ତେଣୁ ଉପରୋକ୍ତ ସ୍ଥାନରେ ପର୍ଯ୍ୟଟନର ବିକାଶ ପାଇଁ ଡିପିଆର ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ସୁପାରିଶ ପତ୍ର ତୁରନ୍ତ ପଠାଇବାକୁ ଶ୍ରୀମତୀ ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅନୁରୋଧ କରି ପତ୍ର ଲେଖିଛନ୍ତି। ମୟୂରଭଞ୍ଜ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଜିଲ୍ଲାର ବିକାଶ ପାଇଁ ପର୍ଯ୍ୟଟନର ବିକାଶ ନିହାତି ଆବଶ୍ୟକ ବୋଲି ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

## ମହିଳା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ପାଠଚକ୍ର



ବାରିପଦା, ୧୦।୧୨(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା' ଶୀର୍ଷକ ବିଭାଗୀୟ ପାଠଚକ୍ର ଆୟୋଜିତ ହୋଇଯାଇଛି। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ ତ୍ରିପାଠୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ପ୍ରସାଦ ବେହେରା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ସଭାପତିତ୍ୱରେ ପାଠଚକ୍ର ପରିଚାଳିତ ହୋଇଥିଲା। ମାନସିକ ସଂକଟ ମଧ୍ୟରେ ଗତି କରୁଥିବା ଆଜିର ମଣିଷର ଅସହାୟ ଚିତ୍ର ଓ ଚରିତ୍ର ଆଧୁନିକ ଓଡ଼ିଆ କବିତାର ଅନ୍ତଃସ୍ୱର ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଆଧୁନିକ ଓଡ଼ିଆ କବିତା ପାଶ୍ଚାତ୍ୟ ଜଗତର ନୂଆ ନୂଆ ବାଦ(ଆଇଏସ୍ଏମ୍)ର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ସମୟ ସହିତ ପରିବର୍ତ୍ତିତ କରି ଜୀବନ ଓ ଜଗତର ବାସ୍ତବ ସ୍ୱରୂପକୁ ଉଦଘାଟିତ କରିବାର ପ୍ରଚେଷ୍ଟା କରିଚାଲିଛି ଓ ସେଇ ଧାରାରେ ଆଜିର ମଣିଷ ନିଜର ସର୍ବସ୍ୱକୁ ମଧ୍ୟ ଜଳାଞ୍ଜଳି ଦେବାରେ ପଶ୍ଚାତପଦ ହୋଇନାହିଁ ବୋଲି ମୁଖ୍ୟବକ୍ତା କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଲମ୍ବୋଦର ନାୟକ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ସହକାରୀ ପ୍ରଫେସର ଡ. ଚନ୍ଦ୍ରଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ୩ଜଣ ଛାତ୍ରୀ ଶର୍ମିଳା ଦେବୀ ଟୁଡୁ, ଲତିକା ମହାନ୍ତ ଓ ଯଶସ୍ୱିନୀ ମହାନ୍ତ ପ୍ରବନ୍ଧପାଠ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପାର୍ବତୀ ମୁଣ୍ଡାଲୋହାର ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡକ୍ଟର ମନୋରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ୍ ମୋବାଇଲ୍ ଫେରିପାଇଲେ ଅବସରପ୍ରାପ୍ତ ଶିକ୍ଷକ



ବୈଶିଙ୍ଗା, ୧୦।୧୨(ସମିସ): ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୭ ମାସ ପୂର୍ବରୁ ଦିନ ଦ୍ୱିପ୍ରହରରେ ରାସ୍ତା ଉପରୁ ମୋବାଇଲ ଝାମ୍ପି ନେଇଥିଲେ ଦୁର୍ବୃତ୍ତ। ବୈଶିଙ୍ଗା ପୁଲିସ ସହାୟତାରେ ମିଳିଲା ଲୁଟ ମୋବାଇଲ। ଏବେବି ଫେରାର ଅଛନ୍ତି ଲୁଟର ମୁଖ୍ୟ ଅଭିଯୁକ୍ତ। ଗତ ମେ ମାସ ୬ ତାରିଖ ଦିନ ବୈଶିଙ୍ଗା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଲେଙ୍କା ଦିନ ପ୍ରାୟ ୧୧ଟା ସମୟରେ ୧୮ ନଂ ଜାତୀୟ ରାଜପଥରେ ବେତନଟୀରୁ ବୈଶିଙ୍ଗା ଆସୁଥିବାବେଳେ ତାଙ୍କ ବାଇକ୍‌କୁ ଧକ୍କା ଦେଇ ୨ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲକୁ ଝାମ୍ପି ନେଇ ବାଲେଶ୍ୱର ଆଡ଼କୁ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ଏ ନେଇ ନରେନ୍ଦ୍ର ଥାନାରେ ଅଭିଯୋଗ ଦେବାପରେ ଏଏସଆଇ ପ୍ରଦୀପ ଦେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ସେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲେ ଯେ ଲୁଟେରା ବାଲିପାଳ ଅଞ୍ଚଳରେ ଲୁଟ୍ ମୋବାଇଲକୁ ବ୍ୟବହାର କରୁଛି। ଉକ୍ତ ଅଞ୍ଚଳରେ ଚଢ଼ଉ କରି ଜଣେ ମୋବାଇଲ ରିପ୍ୟାରିଂ ଦୋକାନୀ ନିକଟରୁ ମୋବାଇଲକୁ ଉଦ୍ଧାର କରିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ପୁଲିସ ଖୋଜୁଥିବା ଜାଣି ଫେରାର ହୋଇଯାଇଥିଲା। ତାକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ବିଜେପି ପକ୍ଷରୁ ଘରେ ଘରେ ସ୍ୱଦେଶୀ ଅଭିଯାନ

ବାରିପଦା, ୧୦।୧୨(ସମିସ): ବିଜେପି ବାରିପଦା ନଗର ଶାଖା ପକ୍ଷରୁ ଘରେ ଘରେ ସ୍ୱଦେଶୀ, ପ୍ରତି ଘରେ ସ୍ୱଦେଶୀ ଅଭିଯାନ ଆରମ୍ଭ କରାଯାଇଛି। ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ପ୍ରତି ଘରେ, ପରିବାରରେ, ଅନୁଷ୍ଠାନରେ, ବ୍ୟାବସାୟିକ ପ୍ରତିଷ୍ଠାନରେ ସ୍ୱଦେଶୀ ସାମଗ୍ରୀର ବ୍ୟବହାରକୁ ସର୍ବୋଚ୍ଚ ପ୍ରାଥମିକତା ଓ ଅଗ୍ରାଧିକାର ଦେବାକୁ ବୁଝାଉଥିବା ଲକ୍ଷ୍ୟ କରାଯାଉଛି। ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ଉପସଭାନେତ୍ରୀ ଶୋଭାବତୀ ଓତା, ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା, ବରିଷ୍ଠ ନେତା ରସିକାନନ୍ଦ ମିଶ୍ର, ଶମ୍ଭୁନାଥ ସାହୁ, ସୌମ୍ୟରଞ୍ଜନ ମିଶ୍ର, ବିକାଶ ବାରିକ, ଇନ୍ଦୁଭୂଷଣ ଜେନା, ସତ୍ୟରଞ୍ଜନ ବେହେରା, ପ୍ରଦ୍ୟୁତ ଦାସ ପ୍ରମୁଖଙ୍କ ତତ୍ତ୍ୱାଧାନରେ ପରିଚାଳିତ ଏହି ଅଭିଯାନରେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ବୁଦ୍ଧିଜୀବୀଙ୍କ ରାଷ୍ଟ୍ରପତିଙ୍କୁ ଦାବିପତ୍ର

## ମୟୂରଭଞ୍ଜର ସମସ୍ତ ଅଞ୍ଚଳର ସାମଗ୍ରିକ ବିକାଶ ଜରୁରୀ



ବାରିପଦା, ୧୦।୧୨(ସମିସ): ମୟୂରଭଞ୍ଜ ତଥା ବାରିପଦାର ବୁଦ୍ଧିଜୀବୀ ମଣ୍ଡଳୀ ଜିଲ୍ଲାର ସମସ୍ତ ଅଞ୍ଚଳକୁ ନେଇ ସାମଗ୍ରୀକ ବିକାଶ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ଟି ବିଶ୍ୱସ୍ତରୀୟ ଅନୁଷ୍ଠାନ ରାଇରଙ୍ଗପୁରରେ ଉଦଘାଟନ କରିବାର ସ୍ଥିର କରିଥିବା ବିଭିନ୍ନ ଗଣମାଧ୍ୟମରୁ ଜଣାଯାଇଛି। ମୟୂରଭଞ୍ଜ ଜିଲ୍ଲାର ୪ଟି ସବଡିଭିଜନ ଥିବା ଓଡ଼ିଶାର ସର୍ବବୃହତ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହା ପୂର୍ବରୁ ଏକ ଗଡ଼ଜାତ ରାଜ୍ୟ ଥିବାରୁ ବିଭିନ୍ନ ଉପଖଣ୍ଡର ଅଧିବାସୀଙ୍କ ଭିତରେ ବିଭିନ୍ନତା ପରିଲକ୍ଷିତ ହୋଇଥାଏ। ମୟୂରଭଞ୍ଜର ସବୁ ଅଞ୍ଚଳକୁ ନେଇ ଏହାର ସାମଗ୍ରୀକ ବିକାଶ ପାଇଁ ରାଇରଙ୍ଗପୁରଠାରେ ଭିତ୍ତିପ୍ରସ୍ତର ସ୍ଥାପିତ ହେବାକୁ ଥିବା ୪ଟି ବୃହତ ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ରାଇରଙ୍ଗପୁରରେ ସ୍ଥାପନ କରାଯାଇ ଅନ୍ୟୁନ ଗୋଟିଏ କରଞ୍ଜିଆ ଓ ଗୋଟିଏ ଉଦଳାଠାରେ ସ୍ଥାପନ କରାଯିବା ସହ ବାରିପଦା ଉପଖଣ୍ଡର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ସ୍ଥାପନ କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ନାୟକ, ଆଇନଜୀବୀ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ଦ୍ୱିବେଦୀ, ପୂର୍ଣ୍ଣଚନ୍ଦ୍ର ଜେନା, ରାଜେନ୍ଦ୍ର ମହାନ୍ତ, ପୀତାମ୍ବର ମଲ୍ଲିକ ଓ ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## 'ଓଷ୍ଟା' ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ମେଳା



କୁଆମରା, ୧୦।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଆଜି ପୁରୁଣା ବାରିପଦା ବାଳିକା ଉଚ୍ଚବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଟି ଉଚ୍ଚବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତର୍କ, ଆବୃତ୍ତି, କଣ୍ଠ ସଙ୍ଗୀତ, ଏକକ ଅଭିନୟ, ଗଳ୍ପ ଲିଖନ ଆଦି ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦ଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ ଜଣ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ସ୍ଥାନୀୟ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟା ବ୍ଲକ୍ ସଭାପତି ପ୍ରଶାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଭାପତି ଭଗବାନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ଓଷ୍ଟା ଯୁଗ୍ମସମ୍ପାଦକ ପ୍ରଭାସ ନାୟକ, ମୁଖ୍ୟବକ୍ତା ଦେବରାଜ ନାୟକ, ସମ୍ମାନିତ ଅତିଥି ଖୁଣ୍ଟା ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ବାପୁଜୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ବେହେରା, ଓଷ୍ଟା ଜିବିନଗର ବ୍ଲକ ସମ୍ପାଦକ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଅନନ୍ତ ମହାନ୍ତି ଓ ଅରବିନ୍ଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗୀରଥି ବାରିକ, ଅନିରୁଦ୍ଧ ମହଲା, କୃଷ୍ଣଚନ୍ଦ୍ର ସାମନ୍ତରାୟ, ରବୀନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ଶତପଥୀ, ସରୋଜ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଲକ୍ଷ୍ମୀପୋଷୀ ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାରିପଦା, ୧୦।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀପୋଷୀ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଏଲଡିଏସ୍ ଯାଦବ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୟାରମ୍, ଚେସ୍, ଟେବଲ ଟେନିସ, ଖୋ-ଖୋ, କବାଡ଼ି, ରିଲେ ରେସ୍, ଭଲିବଲ, ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚକୋଲେଟ୍ ରେସ୍, ପ୍ରାଥମିକ ବିଭାଗରେ ମେଥ୍ ରେସ୍, ଜୋତା ରେସ୍, ନମ୍ବର ରେସ୍ ଓ ବଟଲ ରେସ୍ ଆଦି ଖେଳ ଆୟୋଜିତ ହୋଇଥିଲା। ଶେଷରେ ଅଧ୍ୟକ୍ଷ ଶ୍ରୀ ଯାଦବ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ବିଦ୍ୟାଳୟର ସାମଗ୍ରିକ ଭାବେ ଟାଗୋର ସଦନ ଚାମ୍ପିଅନ ହୋଇଥିବାବେଳେ ଅଶୋକ ସଦନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ବ୍ରହ୍ମାକୁମାରୀ ଆଶ୍ରମ ପ୍ରତିଷ୍ଠାତ୍ରୀଙ୍କ ପରଲୋକ



ମାଣତ୍ରୀ, ୧୦।୧୨ (ସମିସ): ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ପଞ୍ଚାୟତ ମାଣତ୍ରୀ ଗ୍ରାମର ବ୍ରହ୍ମାକୁମାରୀ ଆଶ୍ରମ, ମାଣତ୍ରୀ ଶାଖା ପ୍ରତିଷ୍ଠାତ୍ରୀ ସୁବାସିନୀ କର(୯୪)ଙ୍କ ନିଜ ବାସଭବନରେ ପରଲୋକ ଘଟିଛି। ବୟସାଧିକ କାରଣରୁ ସେ ଗତ କିଛିଦିନ ଧରି ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ, ୫ ଝିଅ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ନିଜ ଗ୍ରାମ ସମେତ ନିକଟସ୍ଥ ଗ୍ରାମର ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକ ପ୍ରକାଶ ପାଇଛି।

## ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସଫେଇ ଅଭାବରୁ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା



ରାଇରଙ୍ଗପୁର, ୧୦।୧୨(ସମିସ): ରାଇରଙ୍ଗପୁର ସହରରେ ସ୍ୱଚ୍ଛତା ବ୍ୟବସ୍ଥା ଦିଗହରା ହୋଇଛି। ରାସ୍ତା କଡ଼ରେ ଅଳିଆ ଆବର୍ଜନା ପଡ଼ିରହୁଥିବାବେଳେ ପରିମଳ ପରିଚ୍ଛନ୍ନତା ବ୍ୟବସ୍ଥା ପ୍ରହସନ ପାଲଟିଛି। ପୌରପାଳିକା ପକ୍ଷରୁ ପରିଚ୍ଛନ୍ନତା ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ତାହା କେବଳ କାଗଜକଲମରେ ସୀମିତ ରହିଛି। ଏଭଳି ଚିତ୍ର ରାଇରଙ୍ଗପୁର ସହରର ଏନଏସି ବଜାରରେ ଦେଖିବାକୁ ମିଳିଛି। ବଜାର ପରିସରରେ ଅଧିକାଂଶ ସମୟରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ନିକଟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଘଣ୍ଟା ଘଣ୍ଟା ଧରି ପଡ଼ିରହୁଛି। ଯାହାକି ପୌରାଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ରାଇରଙ୍ଗପୁର ସହରରେ ବିଭିନ୍ନ ସ୍ଥାନରେ ଏପରି ସକାଳୁ ଘଣ୍ଟା ଘଣ୍ଟା ଧରି ଅଳିଆ ଆବର୍ଜନା ପଡ଼ିରହୁଥିବାବେଳେ ସଫେଇ ହେଉନାହିଁ। ଏପରି ତ୍ରୁଟିପୂର୍ଣ୍ଣ ପରିମଳ ବ୍ୟବସ୍ଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଇରଙ୍ଗପୁର ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ସହର ପରିସୀମା ମଧ୍ୟ ବଢ଼ିବାରେ ଲାଗିଛି। କିନ୍ତୁ ରାଇରଙ୍ଗପୁର ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଠିକ ଭାବେ ହେଉନାହିଁ। ଏନଏସି ବଜାର ଭଳି ମୁଖ୍ୟ ସ୍ଥାନରେ କୁଢ଼ କୁଢ଼ ଅଳିଆ ଜମି ରହିବା ସ୍ୱଚ୍ଛ ଭାରତ ଅଭିଯାନକୁ ଆଖିଠାର ସଦୃଶ୍ୟ ହୋଇଛି। ସ୍ୱଚ୍ଛତା ନେଇ ଅବ୍ୟବସ୍ଥା ବାବଦରେ ପୌରପାଳିକା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ୨ ଶିଶୁ ଶ୍ରମିକ ଉଦ୍ଧାର

ହାଟଡ଼ିହୀ,୧୦।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ସମିତି ସହଯୋଗରେ ହାଟଡ଼ିହୀ ବ୍ଲକ୍ କାଠିଆସରା ନିକଟରୁ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ହାଟଡ଼ିହୀ ପଞ୍ଚାୟତ ଗୋପ ଗ୍ରାମର ଜଣେ ବ୍ୟକ୍ତି ଭଦ୍ରକ ଜିଲ୍ଲାର ୨ ନାବାଳକଙ୍କୁ ଆଣି ଘୁଷୁରି ଚରାଇବା କାମରେ ନିୟୋଜିତ କରିଥିଲା। ଅଭିଯୋଗ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ପ୍ରକଳ୍ପ ସଂଯୋଜକ ଉଷାରାଣୀ ମହାନ୍ତ, ସହକାରୀ ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତି, ବ୍ଲକ୍ ଶ୍ରମ ଅଧିକାରୀ ଶାଶ୍ୱତ ପଲେଇ, ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ରେଣୁବାଳା ଜେନା, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ହମାରା ବଚପନ୍ ଜିଲ୍ଲା ସଂଯୋଜକ ହୃଦାନନ୍ଦ ସେନାପତି ପ୍ରମୁଖ ଗୋପ ଗ୍ରାମରେ ପହଞ୍ଚିଥିଲେ। ଶିଶୁ ଶ୍ରମିକଦ୍ୱୟ ଘୁଷୁରୀ ଚରାଇବାକୁ ଗୋପାଳପୁର ଅଞ୍ଚଳକୁ ଯାଇଥିଲେ। ଅଧିକାରୀମାନେ ସେହି ରାସ୍ତାରେ ଯାଇ କାଠିଆସରା ନିକଟରୁ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଥାଉ କି, ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ମାନଙ୍କରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ଦେଖାଯାଇଛି। ସେସବୁ ଦୋକାନ ଉପରେ ଚଢ଼ଉ କରାଯାଇ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ସହ ଦୋକାନୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଦରଡ଼ାସାହି ଶନି ମନ୍ଦିରରୁ ଚୋରି

ହାଟଡ଼ିହୀ,୧୦।୧୨(ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ମନ୍ଦିରରୁ ଚୋରି ହୋଇଛି। ହାଟଡ଼ିହୀ ବ୍ଲକ୍ ସଢ଼ା ଗ୍ରାମର ଦରଡ଼ାସାହି ଶନିଶ୍ଚର ମନ୍ଦିରରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ରୁପା ମୁକୁଟ, ସୁନା ଅଳଙ୍କାର, ପୂଜାରେ ବ୍ୟବହୃତ ପିତ୍ତଳ ସାମଗ୍ରୀ ଚୋରି କରିନେଇଛନ୍ତି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ସୋସୋ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ଚୋରିରେ ସ୍ଥାନୀୟ ଅଞ୍ଚଳର ନିଶାସକ୍ତ ଯୁବକମାନଙ୍କ ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କୈଳାସ ସାମଲ, ରବୀନ୍ଦ୍ର ବେହେରା, ବାବନ ବେହେରା, ପୂର୍ଣ୍ଣ ବେହେରା, କୃଷ୍ଣ ଜେନା, ବାବାଜୀ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଚାଲିଥିଲା କୁକୁଡ଼ା ଲଢ଼େଇ; ମାଡ଼ି ବସିଲା ପୁଲିସ

# ବୋଲେରୋ, ବାଇକ୍ ଜବତ; ୧୦ ଜୁଆଡ଼ି ଗିରଫ





ଯୋଡ଼ା , ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାମେବାରୀ ଥାନା ଅଧୀନ ଗୁରୁବେଡ଼ା ଗାଁରେ ବେଆଇନ କୁକୁଡ଼ା ଲଢ଼େଇ ସହ ଜୁଆ ଖେଳ ଚାଲିଥିବା ବେଳେ ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ ହାତାହାତି ହେବା ସହ କିଛି ଅଭିଯୁକ୍ତ ପୁଲିସକୁ ଘଟଣାସ୍ଥଳ ଛାଡ଼ି ପଳାଇବାକୁ ଧମକାଇଥିଲେ। ଏପରିକି ପୁଲିସ ଉପରକୁ ପଥର ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଥିବା ସୂଚନା ରହିଛି। ପୁଲିସ ଓ ଜୁଆଡ଼ିଙ୍କ ମଧ୍ୟରେ କିଛି ସମୟ ବାକଯୁଦ୍ଧ ସହ ହାତାହାତି ପରେ ଘଟଣାସ୍ଥଳରୁ ୩୧ଟି ମଟର ସାଇକଲ, ଏକ ବୋଲେରୋ ଗାଡ଼ି, କିଛି ମୋବାଇଲ ଫୋନ୍ ଜବତ କରାଯାଇଛି। ସମ୍ପୃକ୍ତ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ପ୍ରଦାନ କରିଛନ୍ତି। ୧୦ ଜଣ ଅଭିଯୁକ୍ତ ହେଲେ ଝୁମ୍ପୁରା ଥାନା ମଣଦା ଗାଁର ଅରୁଣ ପ୍ରଧାନ, କେନ୍ଦୁଝର ସଦର କଲଣ୍ଡା ଗାଁର ଜଗତ ମହାକୁଡ଼, ବଡ଼ବିଲ ୱାର୍ଡ ନଂର ବାବୁ ଦାସ, ଯୋଡ଼ା ବଂଶପାଣିର ରାଜେଶ ମୁଣ୍ଡା, ଖୁଣ୍ଟପାଣିର ମାଣିଆ ମୁଣ୍ଡା, ମିଥୁନ ମୁଣ୍ଡା, କୁନ୍ଦୁରୁନାଳାର ସରୋଜ ପାତ୍ର, ତପନ ଗୋପ, ଡଡୁଆଁ ଗାଁର ଅକ୍ଷୟ ବାରିକ, ଭଣ୍ଡାର ଗଣେଶ ମୁଣ୍ଡା, ଝାଡ଼ଖଣ୍ଡ ଅଞ୍ଚଳର କମାର ଡ଼ଙ୍ଗି। ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଫେରାର ଥିବା ଜଣାପଡ଼ିଛି।

## ଦନ୍ତା ହାବୁଡ଼ରେ ଗଲା ଯୁବକଙ୍କ ଜୀବନ



ତୁରୁମୁଙ୍ଗା/ବାଲିବନ୍ଧ/ଚମ୍ପୁଆ/ଝୁମ୍ପୁରା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅସନପାଟ ନିକଟ ଗିଧିବାସ ହୁଡ଼ିରେ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅସନପାଟ ଗ୍ରାମ ଢ଼ିପାସାହିର ଭାଗବତ ନାଏକ (୩୫)। ଏକ ଗୋଠଛଡ଼ା ଦନ୍ତା ହୁଡ଼ି ନିକଟ ଜଙ୍ଗଲରେ ଡେରା ପକାଇଥିବା ବେଳେ ଜଙ୍ଗଲକୁ ଯାଇଥିବା ସମୟରେ ଭାଗବତ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ପରେ ମୃତଦେହକୁ ଜଗିରହିଥିଲା ହାତୀ। ବନ ବିଭାଗର ଉଦ୍ୟମରେ ସାଇରନ ମାରି ହାତୀକୁ ଘଉଡ଼ାଇବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିୟା, ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବାଲିବନ୍ଧ ବନରକ୍ଷୀ କିରାଣୀ ମହାରଣା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ହାତୀ ଯେପରି ଅଧିକ କ୍ଷତି ନ କରିବ ସେଥିପାଇଁ ହାତୀ ରହିଥିବା ସ୍ଥାନରେ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ହାତୀର ଗତିବିଧି ଲକ୍ଷ୍ୟ ରଖିଛନ୍ତି ବୋଲି ରେଞ୍ଜର ଶ୍ରୀ ଛତ୍ରିୟା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ, ଏହି ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ଲଗାତାର ଭାବେ ଲୋକଙ୍କ ଧନଜୀବନ ହାନି ହେଉଥିବା ଦେଖାଯାଉଛି। ହାତୀ ଫସଲ ନଷ୍ଟ କରି ଚାଲିଥିବା ବେଳେ ଗତ ଆଠ ତାରିଖରେ ଏହି ସେକ୍ସନର ଉଚ୍ଚବାଲିଠାରେ ତିନିଟିକିଆ ହାତୀ ପଲ ଜଣେ ଯୁବକଙ୍କୁ ଦଳି ଦେଇ ପ୍ରାଣ ନେଇଥିଲେ। ସେହପରି ଭାବେ ହାତୀ ଆକ୍ରମଣରେ ଗତ ଗୋଟିଏ ସପ୍ତାହରେ ଦୁଇଜଣଙ୍କ ପ୍ରାଣହାନି ହୋଇଛି। ଏନେଇ ଅଞ୍ଚଳରେ ବନ ବିଭାଗ ଓ ହାତୀ ଉପଦ୍ରବ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମା’ ଜଗତଜନନୀ ସେବାଟ୍ରଷ୍ଟର ସେବାକାର୍ଯ୍ୟ



କେନ୍ଦୁଝର, ୧୦।୧୨(ସମିସ): ମା’ ଜଗତଜନନୀ ସେବାଟ୍ରଷ୍ଟ, ନମ୍ବିରା ପକ୍ଷରୁ ଜିଲ୍ଲାରେ ପାନୀୟଜଳର ବ୍ୟବସ୍ଥା, ଶିକ୍ଷା ପାଇଁ ପ୍ରୋତ୍ସାହନ, ଧର୍ମାନୁଷ୍ଠାନର ବିକାଶ ସାଙ୍ଗକୁ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟର ଧାରା ବଜାୟ ରହିଥିବାବେଳେ ଚଳିତବର୍ଷ ମଧ୍ୟ ଶୀତ ଦିନରେ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ପ୍ରଦାନ କରାଯାଉଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଗରିବ ଏବଂ ଅସହାୟ ଗରିବ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଉଛି। ୨ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଜଣାପଡିଛି। ବୁଧବାର କେନ୍ଦୁଝରଗଡ଼ ପୌରପାଳିକାର ୧ ନମ୍ବର ୱାର୍ଡ ଅନ୍ତର୍ଗତ ସୁଲେଇଖମାର, ପୋଡ଼ାଉଆସ, ସମାଧିସାହି, ଖିଡ଼କିଦ୍ୱାରା ସାହିରେ ଆଦିବାସ ଓ ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। କେନ୍ଦୁଝରରେ ଦିନକୁ ଦିନ ଶୀତ ପ୍ରକୋପ ବଢୁଥିବାବେଳେ ଗରିବ ଖଟିଖିଆ ବ୍ୟକ୍ତିମାନେ କମ୍ବଳ ପାଇ ଶୀତରୁ କିଛି ମାତ୍ରାରେ ରକ୍ଷା ପାଇବେ। ଦରିଦ୍ର ରୋଗୀମାନଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଆସିଥିବା ଏହି ସଂସ୍ଥା ଦେବପୀଠର ଉନ୍ନତି, ପାନୀୟଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକରି ସାମାଜିକ ଦାୟିତ୍ୱବୋଧକୁ ଆପଣେଇ ଆସିଛି। ପରୋପକାର ପରି ଧର୍ମୀୟ ଭାବନାକୁ ଗୁରୁତ୍ୱ ଦେଇ ଚର୍ଚ୍ଚିତ ହୋଇଥିବା ମା’ଜଗତ ଜନନୀ ସେବାଟ୍ରଷ୍ଟ ଅଭାବୀ ଲୋକମାନଙ୍କ ପାଇଁ ରାହା ଦେଖାଇବା ସହ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଜିଲ୍ଲାବାସୀଙ୍କ ମଙ୍ଗଳ ଏବଂ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ମା’ ଜଗତ ଜନନୀ ସେବାଟ୍ରଷ୍ଟ ସର୍ବଦା ପ୍ରତିଜ୍ଞାବଦ୍ଧ ହୋଇ ରହିବ ବୋଲି ଟ୍ରଷ୍ଟର ସଦସ୍ୟ ତଥା ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

## ୧୯ ବର୍ଷର ଛାତ୍ରଙ୍କ ୨ଟି କିଡନୀ ନଷ୍ଟ; ଚିନ୍ତାରେ ପରିବାର



ଧାମନଗର, ୧୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ କାସିମପୁର ପଞ୍ଚାୟତ ଖଡ଼ିମାହାର ଗାଁରୁ ଏକ ଦୁଃଖଦ ଖବର। ଗାଁର ମୁକ୍ତିକାନ୍ତ ଦାସଙ୍କ ୨ ପୁଅ। ମୁକ୍ତିକାନ୍ତ ଗାଡ଼ି ଚଳାଇ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ବଡ଼ପୁଅ ଅନିଲ କୁମାର ଦାସ (୧୯) ଅସୁରାଳିସ୍ଥିତ ବେଷ୍ଟ କଲେଜରେ ଚଳିତବର୍ଷ ମେକାନିକାଲ ଇଞ୍ଜିନିୟରିଂ ପାଠ ପଢୁଥିଲେ। ହଠାତ ନିଜକୁ ଅସୁସ୍ଥ ମନେ କରୁଥିଲେ ନିଜ ବାପାଙ୍କୁ ଜଣାଇଲେ ପରେ ବାପାମା’ କଟକ ଏସସିବି ଚିକିତ୍ସାଳୟରେ ଦେଖାଉଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସାରୁ ଜଣା ପଡିଥିଲା, ଅନିଲଙ୍କ ଦୁଇଟି ଯାକ କିଡ଼ନୀ ପାଣି ଜମି ଯାଇଛି। ପରିବାରରେ ବାପାମା’ଙ୍କଠାରୁ ବନ୍ଧୁବାନ୍ଧବ ସାଙ୍ଗସାଥୀ ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ରୋଜଗାର ବୋଲି ଗାଡ଼ି ଚଳାଇ ନିଜ ପରିବାର ଚଳାଇଥାନ୍ତି ମୁକ୍ତିକାନ୍ତ। ଏତେ ଅର୍ଥ ଆଣିବେବା କଉଠୁ ପୁଅର ଚିକିତ୍ସା ପାଇଁ କଉ ବଡ଼ ଚିକିତ୍ସାଳୟରେ ତାଙ୍କୁ ଭଲ କରିବା ପାଇଁ ଦେଖାଇବେ। କିଛି ଦିନ ଧରି ଏବେ ଅନିଲ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ପୁଅର ଦୁଃଖ ନେଇ ମୁକ୍ତିକାନ୍ତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ପୁଅର ସମସ୍ତ ଖବରମାନ ଜଣାଇଥିଲେ। ଏହାନେଇ ମନ୍ତ୍ରୀ ସମସ୍ତ କଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କୌଣସି ସୁହୃଦୟ ବ୍ୟକ୍ତି ବିଶେଷ କିଛି ସାହାଯ୍ୟର ହାତବଢ଼ାନ୍ତେ ତା’ହେଲେ ସେ ପୁଅର ଚିକିତ୍ସା ଭଲରେ କରାଇ ପାରନ୍ତେ। ତାଙ୍କ ବ୍ୟାଙ୍କ ଖାତା ନମ୍ବର ହେଲା ଏସବିଆଇ ୩୪୭୭୯୫୪୧୬୭୮ ଶାଖା ଧୂଷୁରୀ, ଆଇଏଫଏସସି କୋଡ଼ ଏସବିଆଇଏନ୦୦୧୩୫୮୭ ନମ୍ବରରେ ପଠାଇବା ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ତାଳପଦାରେ ଚୋରା ମଦ କାରବାର ଥମୁନି

ଦୋଳସାହି,୧୦ ।୧୨(ସମିସ): ତାଳପଦା ପଞ୍ଚାୟତରେ ଦେଶୀ ମଦ ପ୍ରସ୍ତୁତ ହୋଇ ଭଦ୍ରକ ଜିଲ୍ଲାର କୋଣ ଅନୁକୋଣକୁ ବ୍ୟାପକ ଭାବେ ଚାଲାଣ କରାଯାଉଛି। ଏହି ଅବାଧ କାରବାର ନେଇ ବହୁ ପରିବାର ଉଜୁଡୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଦ ବେପାର ବନ୍ଦ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ଏ ଦିଗରେ ପୁଲିସ ଓ ଅବକାରୀ ବିଭାଗ ନିଷ୍କ୍ରିୟ ରହୁଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡି ଅବକାରୀ ବିଭାଗ ମାତ୍ର ତିନି ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଥିବା ବେଳେ ଅଧିକାଂଶ ସମୟ ଏହି କାର୍ଯ୍ୟାଳୟ ତାଲା ପଡିରହୁଛି। କାଁ ଭାଁ ଚଢଉ କରାଯାଉଛି। ତାଳପଦା ପଞ୍ଚାୟତରେ ପ୍ରସ୍ତୁତ କରୁଥିବା ଦେଶୀ ମଦ ବେପାରୀଙ୍କ ବିଭିନ୍ନ ସମୟରେ ତିହିଡ଼ି ପୁଲିସ ଗିରଫ କରି ବାରମ୍ବାର କୋର୍ଟ ଚାଲାଣ କରୁଥିବା ବେଳେ ଜେଲରୁ ବେଲ୍ ପାଇ ଆସିବା ପରେ ଆଇନ ପ୍ରତି ଭୟ ନଥିବା ନେଇ ପୁଣି ଖୁଲମଖୁଲା ବେପାର କରୁଥିବା ଜଣାଯାଇଛି।

## ଗଛକୁ ପିଟିଲା ବାଲି ବୋଝେଇ ହାଇୱା

ବନ୍ତ/ଆଗରପଡ଼ା,୧୦।୧୨(ସମିସ): ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା ବାଲି ବୋଝେଇ ହାଇୱା। ବନ୍ତ-ବାରିକପୁର ରାସ୍ତାର ସେଣ୍ଡତୀରା ଫଚାୟତ କାର୍ଯ୍ୟାଳୟ ନିକଟରେ ଗଛକୁ ଧକ୍କା ଦେଇ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇଥିଲା ବେଳେ ହାଇୱା ଚାଳକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଁଚଳର ବୈତରଣୀ ନଦୀ ଶଯ୍ୟାରୁ ବାଲି ବୋଝେଇ କରି ହାଇୱାଟି ବାରିକପୁର ଆଡ଼କୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ ବନ୍ତ ଥାନା ଅଧୀନ ସେଣ୍ଡତୀରା ଫଚାୟତ କାର୍ଯ୍ୟାଳୟ ନିକଟରେ ଏକ ଗଛକୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକମାନେ ଚାଳକଙ୍କୁ ଗାଡି ଭିତରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ଖବର ପାଇ ବନ୍ତ ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜଣେ ମାତ୍ର ଷ୍ଟାଫ୍‌ରେ ଚାଲିଛି ଉପ ସ୍ୱାସ୍ଥ୍ୟକେନ୍ଦ୍ର

ଦୋଳସାହି,୧୦ ।୧୨(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା କର୍ମଚାରୀ ଏକା ସମ୍ଭାଳୁଥିବା ଦେଖିବାକୁ ମିଳୁଛି। ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମରେ ଅବସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କମ୍ୟୁନିଟି ହେଲଥ ଅଫିସର ଭାବେ ଜୋସ୍ନାମୟୀ ସାହୁ ଏକା ରୋଗୀଙ୍କୁ ସେବା କରୁଥିବା ବେଳେ ଜଣେ ପିଅନ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆବଶ୍ୟକତା ଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଖାଲି ପଡିଥିବା ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କେନ୍ଦୁଝର,୧୦ ।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧରଣୀଧର ମହାବିଦ୍ୟାଳୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ବକ୍ତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଇଂ ବସନ୍ତ କୁମାର ଦାନୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଜଳଧାର ସାହୁ, କିଶୋର ସାହୁ, ସଦେବ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହୃଷୀକେଶ ସାହୁ ପୌରୋହିତ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଅଧ୍ୟାପକ ରାମଶଙ୍କର ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ସୁରେଶ କୁମାର ଆଚାର୍ଯ୍ୟ, ସନତ କୁମାର ଦାସ ପରିଚାଳନା କରିଥିଲେ।

## ପାଲାଣଘାଟି ପଞ୍ଚାୟତ ପୁରସ୍କୃତ




ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ପଲାଣଘାଟି ପଞ୍ଚାୟତକୁ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସରେ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପଞ୍ଚାୟତ କାର୍ଯ୍ୟାଳୟରେ ଆକର୍ଷଣୀୟ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ସହ ଏହାର ନିୟମିତ ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରି ରଖିବାରେ ଓ ପଞ୍ଚାୟତ ଅଞ୍ଚଳକୁ ବାହ୍ୟ ମଳମୂତ୍ରମୁକ୍ତ ଅଞ୍ଚଳ କରିଥିବା ହେତୁ ଜିଲ୍ଲାସ୍ତରୀୟ ପୁରସ୍କାର ଦିଆଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଲ ସିଂ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପାଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କୁ ପ୍ରଶଂସାପତ୍ର ଓ ପ୍ରଶସ୍ତି ଫଳକ ପ୍ରଦାନ କରାଯାଇଛି।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଗ୍ରାମସଭା ନୋଟିସ

ତୁରୁମୁଙ୍ଗା, ୧୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ ପକ୍ଷରୁ ହେବାକୁ ଥିବା ଷ୍ଟିଲପ୍ଲାଣ୍ଟକୁ ନେଇ ଗ୍ରାମସଭା ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଛି। ଏନେଇ ପାଟଣା ପଞ୍ଚାୟତସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୬୯୫୫/ ୧୦.୧୨.୨୫ରେ ନୋଟିସ ଜାରି ହୋଇଛି। ଆସନ୍ତା ୧୨ ତାରିଖରେ ପାଟଣା ତହସିଲ ଚେମଣା ଗ୍ରାମପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ପଶିଖମରାଠାରେ ସକାଳ ୧୦.୩୦ ସମୟରେ ଗ୍ରାମସଭା କରାଯିବା ନେଇ ନୋଟିସରେ ଉଲ୍ଲେଖ କରାଯାଇଛି।

## ଗ୍ରାମାଞ୍ଚଳରେ ବଢୁଛି ଚୋରଙ୍କ ଉତ୍ପାତ

ବାରିକପୁର,୧୦ ।୧୨(ସମିସ): ଗ୍ରାମାଞ୍ଚଳରେ ଯେଉଁଭଳି ଚୋରଙ୍କ ଉତ୍ପାତ ବୃଦ୍ଧି ପାଉଛି ଏହା ଉପରେ ସେହିଭଳି ପୁଲିସର କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ଥାନାଞ୍ଚଳର ବିଭିନ୍ନ ସ୍ଥାନରୁ ଗତ ୭-୮ ମାସ ମଧ୍ୟରେ ୩୦ରୁ ଅଧିକ ଚୋରି ହୋଇଛି। ମଞ୍ଜୁରୀରୋଡ଼ ବଜାର ହେଉକି ଛତାବର କିମ୍ବା ମାଳଦା, ରହଣିଆ, ସରସଦା ଅଞ୍ଚଳ ସବୁଠି ଛୋଟବଡ଼ ଚୋରି ମାନ ହୋଇଥିବା ଦେଖାଯାଇଛି। କେତେବେଳେ ଦୋକାନ ତ ପୁଣି କେତେବେଳେ ମନ୍ଦିର ଆଉ ସ୍କୁଲ୍ ଅଙ୍ଗନବାଡ଼ି କେନ୍ଦ୍ର ଯେଉଁଠି ବି ଚୋର ପଶିଛନ୍ତି ସବୁ ଲୁଟି ନେଇଛନ୍ତି। ଏପରିକି ଭଣ୍ଡାରିପୋଖରୀ ଥାନା ସଂଲଗ୍ନ ୧୦୦-୨୦୦ ମିଟର ମଧ୍ୟରେ ଥିବା ବଜାର ଓ ବସଷ୍ଟାଣ୍ଡ ନିକଟରେ ମଧ୍ୟ ଅନେକବାର ଚୋରି ହୋଇଛି। ମୋବାଇଲ ଦୋକାନ, ତେଜରାତି ଓ ପାନ ଦୋକାନଗୁଡିକରୁ ଚୋରି ହୋଇଥିବା ବେଳେ ଏବେ ତିନୋଟି ଛୋଟ ଛୋଟ ଜଳଖିଆ ଦୋକାନରୁ ମଧ୍ୟ ଚୋରି ହୋଇଛି। ଏହାଛଡା ଗତକାଲି ରାତିରେ ସାନମାଳଦାଠାରେ ଜୈନିକ ଗୃହସ୍ଥଙ୍କ କବାଟର ଚାବି ଭାଙ୍ଗି ଘରେ ପଶିଥିବା ଜଣାପଡିଛି। ଚୋରମାନେ ଆଲମିରା ଭାଙ୍ଗି ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗି ଦେଇଥିବା ଦେଖାଯାଇଛି। ଯଦିଓ ଏନେଇ ଥାନାରେ କିଛି ଅଭିଯୋଗ ହୋଇନାହିଁ କିନ୍ତୁ ଚୋର ମାନଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏବେ ଗ୍ରାମ୍ୟ ଚୋରଙ୍କ ଉତ୍ପାତ ଯୋଗୁଁ ଲୋକଙ୍କ ଧନସମ୍ପଦର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ ହୋଇଛି। ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟରେ ବିଭିନ୍ନ ଗାଁ ଗହଳି ସହିତ ଥାନା ନାକ ତଳୁ ବାରମ୍ବାର ଚୋରି ହେବାନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଚୋରି ଘଟଣାରେ ପୁଲିସ ଚୋରଙ୍କୁ ଧରିବାରେ ଏଯାଏଁ ସଫଳତା ପାଇପାରିନାହିଁ। ପୁଲିସର ଦକ୍ଷତାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁଆମାଳ ପଞ୍ଚାୟତ ଦୁର୍ନୀତିର ତଦନ୍ତ କେବେ

ଦୋଳସାହି,୧୦।୧୨(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ଗତ ୩ ବର୍ଷ ଭିତରେ ହୋଇଥିବା ସରକାରୀ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗରେ ହୋଇଥିବା ଅଭିଯୋଗର ୨ମାସ ବିତିଯାଇଥିଲା ବେଳେ ତଦନ୍ତ ହେଉ ନଥିବା ନେଇ ଜଣାପଡ଼ିଛି। କେବେ ତଦନ୍ତ କରିବ ଭିଜିଲାନ୍ସ ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ପଞ୍ଚାୟତର ସମାଜସେବୀ ଘନଶ୍ୟାମ ମିଶ୍ର ଗତ ୨ ମାସ ତଳେ ଭଦ୍ରକ ଭିଜିଲାନ୍ସ ବିଭାଗରେ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ସେହିପରି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ସମାଜସେବୀ ଘନଶ୍ୟାମ ମିଶ୍ର ଲଢ଼େଇ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

# ବିଭିନ୍ନ ସ୍ଥାନରେ ପାଳିତ ହେଲା ମାନବାଧିକାର ଦିବସ






ଚମ୍ପୁଆ, ୧୦।୧୨(ସମିସ): ଚମ୍ପୁଆ ତାଲୁକ୍ ଆଇନସେବା କମିଟି ପକ୍ଷରୁ ଚମ୍ପୁଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍‌ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାଠୁଆ, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବରିଷ୍ଠ ଆଇନ୍‌ଜୀବୀ ବିଷ୍ଣୁଚରଣ ରାଠୋର, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଦାସ ଏବଂ ସମସ୍ତ ଶିକ୍ଷୟିତ୍ରୀ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ୭୦ରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ। ଆଇନ୍‌ସେବା କମିଟି ଅଧ୍ୟକ୍ଷ ବିଭିନ୍ନ ପ୍ରକାରର ଅଧିକାର ବିଷୟରେ ଆଲୋକପାତ କରିଥିଲେ। ମାନବ ଅଧିକାର ଦିବସ ପ୍ରତିବର୍ଷ ୧୦ ଡିସେମ୍ବରରେ ପାଳନ କରାଯାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୪୮ରେ ମାନବ ଅଧିକାରର ସର୍ବଭାରତୀୟ ଘୋଷଣାନାମା ଗ୍ରହଣ କରାଯାଇଥିଲା। ସମସ୍ତ ଲୋକଙ୍କ ମୌଳିକ ମାନବିକ ଅଧିକାର ଏବଂ ସେମାନଙ୍କ ମୌଳିକ ମାନବିକ ସ୍ୱାଧୀନତା ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଏ। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ୍ ସୂରଜ ଖାନ ପରିଚାଳନା କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ରାମକ୍ରିଷ୍ଣ ଜିତ ସହଯୋଗ କରିଥିଲେ।

**ବଡ଼ବିଲ:** ବଡ଼ବିଲ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ମାଟକାମବେଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏକ ସଚେତନତା ସଭାରେ ବଡ଼ବିଲ ଅଦାଲତର ୧ମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଲ୍ଲିକା ଗୋଏଙ୍କା ଓ ଶ୍ରୀୟା ଶତପଥୀ ଯୋଗଦାନ କରିଥିଲେ। ଆଇନଜୀବୀ ବଳରାମ ମହାନ୍ତି, ବିଭୂତି ଭୂଷଣ ଷଡ଼ଙ୍ଗୀ, ଅକ୍ଷୟ ଧୀର ଏହି ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାର୍ଥୀମାନେ ପ୍ରଶ୍ନୋତ୍ତର ମାଧ୍ୟମରେ ଏହି ସବୁ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା

# ଏବେବି ମୟୂରଭଞ୍ଜରେ ୨.୪୦ ଲକ୍ଷ ପରିବାର ବଞ୍ଚିତ

ବାରିପଦା,୧୦।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲାର ୨ ଲକ୍ଷ ୪୦ହଜାର ପରିବାର ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜାନାରୁ ବଞ୍ଚିତ ରହିଛନ୍ତି। ୯ ବର୍ଷ ତଳେ ଅର୍ଥାତ୍ ୨୦୧୬ ମେ' ମାସରେ ଆରମ୍ଭ ଯୋଜନାର ମୟୂରଭଞ୍ଜର ସଫଳତା ହାର ନିରୁତ୍ସାହଜନକ। ଏହି ଯୋଜନା ଦେଶରେ ୧୦୭% ସଫଳତା ପାଇଥିବାବେଳେ ଓଡ଼ିଶାର ସଫଳତା ହାର ୮୭%। କିନ୍ତୁ ମୟୂରଭଞ୍ଜ ଜିଲ୍ଲାର ସଫଳତା ମାତ୍ର ୬୬.୦୯%। ଜିଲ୍ଲାର ମୋଟ ୭ଲକ୍ଷ ପରିବାର ମଧ୍ୟରୁ ୪ଲକ୍ଷ ୬୦ହଜାର ପରିବାର ଏହି ଯୋଜନାରେ ସାମିଲ୍ ହୋଇଥିବାବେଳେ ଆହୁରି ୨ଲକ୍ଷ ୪୦ହଜାର ପରିବାର ବଞ୍ଚିତ ରହିଛନ୍ତି। ସେମାନଙ୍କୁ ଏହି ଯୋଜନାରେ ସାମିଲ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ନେଇ ବୁଧବାର ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଲ୍‌ପିଜି ଗ୍ୟାସ୍ ବିତରଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକରେ ଏଲ୍‌ପିଜି ରାଜ୍ୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଟ୍ରୁଣ୍ଡୁପ ନାରୋ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ମହାପ୍ରବନ୍ଧକ(କର୍ପୋରେଟ୍ ସଞ୍ଚାର) ଯୋଜନା ଓ ସମନ୍ୱୟ ଅଧିକାରିଣୀ ସୁସ୍ମିତା ତ୍ରିପାଠୀ ଓ ଇଣ୍ଡେନ୍ ଏରିଆ ଅଫିସ ଭୁବନେଶ୍ୱରର ମଣ୍ଡଳୀୟ ବିକ୍ରୟ ପ୍ରମୁଖ ସଚିନ କଦମ୍ ଯୋଗଦେଇ ମୟୂରଭଞ୍ଜ ସମେତ କେନ୍ଦୁଝର, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ ସଫଳତା ଶତପ୍ରତିଶତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି କହିଥିଲେ। ଅର୍ଥନୈତିକ ଭାବେ ଦୁର୍ବଳ ପରିବାର ମହିଳାମାନଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଇନ୍ଧନ ପ୍ରଦାନ କରିବା ପାଇଁ ଭାରତ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୨୫ଲକ୍ଷ ଅତିରିକ୍ତ ନିଃଶୁଳ୍କ ସଂଯୋଗ ଦେବାକୁ ଅନୁମୋଦନ କରିଛନ୍ତି। ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ଼ ଭଳି ଆଦିବାସୀ ଜିଲ୍ଲାରେ କମ୍ ପରିବାର ଇନ୍ଧନ ଗ୍ୟାସ୍ ବ୍ୟବହାର କରୁଥିବାରୁ ଶତପ୍ରତିଶତ ବ୍ୟବହାର ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବଞ୍ଚିତ ପରିବାର ଏହି ଯୋଜନାର ଲାଭ ଉଠାଇବା ପାଇଁ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ରିଫିଲ୍ ସିଲିଣ୍ଡର ଗ୍ୟାସ୍, ଚୂଲା, ପାଇପ୍ ଓ ରେଗୁଲେଟର ପ୍ରଦାନ କରାଯାଉଛି। ନିକଟସ୍ଥ ଏଲ୍‌ପିଜି ବିତରଣ କେନ୍ଦ୍ର କିମ୍ବା କମନ୍ ସର୍ଭିସ ସେଣ୍ଟର ମାଧ୍ୟମରେ ବିପିଏଲ୍ ହିତାଧିକାରୀମାନେ ଏହାର ସୁଯୋଗ ନେଇପାରିବେ ବୋଲି ଜଣାଇଛନ୍ତି। ଏଥିନିମନ୍ତେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି କହିବା ସହିତ ଜିଲ୍ଲାରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି। ଏପରିକି ବିତରକମାନଙ୍କ ପକ୍ଷରୁ ପ୍ରତି ବ୍ଲକ୍ ଓ ପଞ୍ଚାୟତସ୍ତରରେ କ୍ୟାମ୍ପ୍ କରାଯାଇ ଜନସାଧାରଣଙ୍କୁ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରିବେ। ତେବେ ଆର୍ଥିକ ଅନଗ୍ରସର ପରିବାରକୁ ଏହି ସୁବିଧା ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା ସୁନିଶ୍ଚିତ କରିବାକୁ ଉପସ୍ଥିତ ସାମ୍ବାଦିକ ଆଲୋଚନାରେ ଭାଗ ନେଇ ପ୍ରସ୍ତାବ ରଖିଥିଲେ।




■ ୯ ବର୍ଷ ପରେ ଜିଲ୍ଲାରେ ସଫଳତା ୬୬ ପ୍ରତିଶତ

■ ଯୋଜନାରେ ସମସ୍ତଙ୍କୁ ସାମିଲ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ

## ଶୁଳିଆପଦା ଥାନାରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ

ଶୁଳିଆପଦା/ମୋରଡ଼ା,୧୦।୧୨(ସମିସ): ଶୁଳିଆପଦା ଥାନା ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ତଥା ବାରିପଦା ଏସ୍‌ଡିପିଓ ଦୀପକ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ପୁଲିସ ସମିତି ସଦସ୍ୟ ଅଜିତ କୁମାର ରାଉତ, ରଜଜିତ ଧିର, ମୁରଲିଧର ମହାନ୍ତ, ଶିରିଶ ଚନ୍ଦ୍ର ବାରିକ, ଶଶିଧର ଡିପିରିଆ, କୋଷ୍ଟା ସରପଞ୍ଚ ସୁମିତ୍ରା ନାୟକ, କଣ୍ଟିସାହି ସରପଞ୍ଚ ରୟାମାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରକ୍ତଦାନ ଶିବିରରେ ମୋଟ୍ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ୟୁନିଟ୍, କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ଲୋକେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଲୋକଙ୍କ ପାଇଁ ସବୁବେଳେ ଓଡ଼ିଶା ପୁଲିସ ସହଯୋଗ କରି ଆସିଛି ଏବଂ ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ପୁଲିସ ମଧ୍ୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଆସୁଛି ବୋଲି କହିଥିଲେ ଅତିରିକ୍ତ ଏସ୍‌ପି ଶ୍ରୀ ଗୋଚ୍ଛାୟତ।

## ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ



ମହୁଲଡିହା,୧୦।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ମିଶନ ଶକ୍ତି ସଭାଗୃହରେ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ସମ୍ମାନିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ସଭାପତିତ୍ୱରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଠାକୁରମୁଣ୍ଡା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନ, ଜୟପ୍ରକାଶ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଶିକ୍ଷକ ପ୍ରକାଶ ମହାରଣା ପ୍ରମୁଖ ଯୋଗଦେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ନୃତ୍ୟ, ଗୀତ, ଝୁମର ନୃତ୍ୟ ଏବଂ ବାଲ୍ୟ ବିବାହକୁ ନେଇ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରତିଭା ଚୟନ କରି ସେଥିମଧ୍ୟରୁ ୧୮ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଶିକ୍ଷକଶିକ୍ଷୟିତ୍ରୀ, ବ୍ଲକ୍ ଫେଡେରେସନ କର୍ମକର୍ତ୍ତା, ସ୍ୱୟଂ ସହାୟିକା ମହିଳାଙ୍କ ସମେତ ସ୍ୱେଚ୍ଛାସେବୀ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗସ୍ତ ସାରି ପ୍ରତ୍ୟାବର୍ତ୍ତନ କଲେ ପଶ୍ଚିମବଙ୍ଗ ରାଜ୍ୟପାଳ

ରାଇରଙ୍ଗପୁର,୧୦।୧୨(ସମିସ): ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସିଭି ଆନନ୍ଦ ବୋଷ ୩ ଦିନିଆ ରାଇରଙ୍ଗପୁର ଗସ୍ତ ସାରି ବୁଧବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩ ଦିନ ଧରି ରାଷ୍ଟ୍ରପତିଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶଶୁର ଘର ପାହାଡ଼ପୁର ଗ୍ରାମ, ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟ, ଦକ୍ଷତା ବିକାଶ କେନ୍ଦ୍ର, ରାଷ୍ଟ୍ରପତି ପାଠ ପଢ଼ାଉଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପୈତୃକ ଗ୍ରାମ ଉପରବେଡ଼ା ଗ୍ରାମ ପରିଦର୍ଶନ କରିଥିଲେ। ଆଦିବାସୀ ପରିବେଶ ଦେଖି ଖୁସି ପ୍ରକାଶ କରିବା ସହ ରାଷ୍ଟ୍ରପତିଙ୍କ ଜୀବନଶୈଳୀ ବାବଦରେ ପଚାରି ବୁଝିଥିଲେ। ଗସ୍ତ ଅବସରରେ ବିଭିନ୍ନ କଳା ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କୁ ଭେଟିଥିଲେ। ବୁଧବାର ପୂର୍ବାହ୍ନରେ ପଶ୍ଚିମବଙ୍ଗକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଇରଙ୍ଗପୁରରୁ ସଡ଼କ ପଥରେ ଟାଟାନଗର ଯିବା ପରେ ସେଠାରୁ ଟ୍ରେନ୍ ଯୋଗେ କୋଲକାତା ଲୋକ ଭବନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତ ଅବସରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବାରିପଦା,୧୦।୧୨(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ କରଞ୍ଜିଆ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଟ ଗ୍ରାମର ହେମନ୍ତ ଧଳ(୪୦) ବୋଲି ଜଣାପଡ଼ିଛି। ହେମନ୍ତ ଉଦଳାରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। କରଞ୍ଜିଆ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୫ ଫୁଟ୍‌ର ନାଗ ସାପ ଉଦ୍ଧାର



ରାସଗୋବିନ୍ଦପୁର,୧୦।୧୨(ସମିସ): ବୁଧବାର ରାସଗୋବିନ୍ଦପୁର ବ୍ଲକ୍ ଦେବଶୋଳ ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର କମଳାକାନ୍ତ ପାଲ(କୁନା) ଅପରାହ୍ନ ପ୍ରାୟ ୩ଟା ସମୟରେ ତାଙ୍କ ଘରକୁ ଯାଉଥିବା ସମୟରେ ଘରଠାରୁ ଅଳ୍ପଦୂରରେ ଏକ ନାଗ ସାପ ଦେଖିଥିଲେ। ପରେ ସ୍ଥାନୀୟ ରେଞ୍ଜର ଘନଶ୍ୟାମ ସିଂଙ୍କୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ପକ୍ଷରୁ ମିହିର ମହାନ୍ତ, ସୁନିଲ ମହାନ୍ତ, ବିକାଶ ମହାନ୍ତ, ନରେନ୍ଦ୍ର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ୫ ଫୁଟ୍‌ର ନାଗ ସାପଟିକୁ ଉଦ୍ଧାର କରି ନେଇଯାଇଥିଲେ।

## କମ୍ପ୍ୟୁଟର ଏକାଡେମୀ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ

ଠାକୁରମୁଣ୍ଡା,୧୦।୧୨(ସମିସ): ପରାକ୍ରମ କମ୍ପ୍ୟୁଟର ଏକାଡେମୀ ତରଫରୁ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକସ୍ଥିତ ଖୁଣ୍ଟାପଶି ଗ୍ରାମର ପରାକ୍ରମ କମ୍ପ୍ୟୁଟର ଏକାଡେମୀ ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ଆନୁକୂଲ୍ୟରେ ସୋମବାର ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଠାକୁରମୁଣ୍ଡା ମା' ବାସୁଳି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋରଞ୍ଜନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁର୍ବେଦିକ ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀ ଯୋଗଦେଇଥିଲେ। ଠାକୁରମୁଣ୍ଡା ଅଞ୍ଚଳରେ ଡିଜିଟାଲ ଶିକ୍ଷାର ପ୍ରଚାରପ୍ରସାର ନିମନ୍ତେ ଓକେସିଏଲ୍ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରଦତ୍ତ ବିଭିନ୍ନ ଡିଜିଟାଲ ପାଠ୍ୟକ୍ରମଗୁଡ଼ିକର ପ୍ରଚାରପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

### ମୟୂରଭଞ୍ଜ ମହୋତ୍ସବର ୧୦ମ ସନ୍ଧ୍ୟା

## ଭାଗଶ୍ରୀ ଓ ରୂପ୍‌କୁମାର ରାଠୋର ମୁଖ୍ୟ ଆକର୍ଷଣ



ବାରିପଦା,୧୦।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୧୦ମ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଅତିଥି ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ସାରସକଣା ବିଧାୟକ ଭାଦବ ହାଁସଦା, କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସଭାପତି କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡ଼େଇ, କାଶୀନାଥ ରଣା, ସତ୍ୟଜିତ୍ ସୋମ, ପ୍ରସନ୍ନ ମହାପାତ୍ର, ଲଡୁକେଶ୍ୱର ରଣା, କାବୁ ତ୍ରିପାଠୀ, ଅଂଶୁମାନ ଦାସ ତଥା ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଗୁରୁବାର ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାରଗଣ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ମୁଖ୍ୟ ଆକର୍ଷଣ ବଲିଉଡ୍ ନାୟିକା ଭାଗ୍ୟଶ୍ରୀ ଓ କଣ୍ଠଶିଳ୍ପୀ ରୂପକୁମାର ରାଠୋର ତାଙ୍କ ପତ୍ନୀଙ୍କ ସହିତ ଭରପୂର ମନୋରଞ୍ଜନ କରିଥିଲେ। ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ଓ ଉପସ୍ଥାପିକା ସ୍ନେହାଶ୍ରୀ ସୋଲୁନି ମଞ୍ଚ ପରିଚାଳନା କରିଥିଲେ। ୧୦ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀରଶିଳ୍ପ, ଖେଳନା, ପୋଷାକ ଆଉ ତା' ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଇଛନ୍ତି ଦର୍ଶକ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ



କରଞ୍ଜିଆ,୧୦।୧୨(ସମିସ): କରଞ୍ଜିଆ ସହରର ବିଶିଷ୍ଟ ଓକିଲ, ସମାଜସେବୀ ତଥା ବ୍ୟବସାୟୀ ହରିଶ ଚନ୍ଦ୍ର ଦାସଙ୍କ ବୁଧବାର ସକାଳ ୭ଟାରେ ନିଜ ବାସଭବନଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ପ୍ରାଥମିକ ସୂତ୍ରରୁ ସେ ମଙ୍ଗଳବାର ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବୁଧବାର ତାଙ୍କ ମରଶରୀରକୁ କରଞ୍ଜିଆ କଚେରୀ ପରିସରକୁ ନିଆଯାଇଥିଲା। ସେଠାରେ ସମସ୍ତ ଓକିଲ, କର୍ମଚାରୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶେଷକୃତ୍ୟ ନିକଟ ଦେଓ ନଦୀ କୂଳରେ ସମ୍ପନ୍ନ ହୋଇଛି।

## ନୂଆସାହି ଡିଗ୍ରୀ କଲେଜରେ 'ମାନବାଧିକାର ଦିବସ'

କପ୍ତିପଦା,୧୦।୧୨(ସମିସ): କପ୍ତିପଦା ଡିଗ୍ରୀ କଲେଜ ନୂଆସାହିର ଜାତୀୟ ସେବା ଯୋଜନା ତରଫରୁ "ମାନବାଧିକାର ଦିବସ' କଲେଜର ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତାଙ୍କ ବକ୍ତବ୍ୟରେ ଦୈନନ୍ଦିନ ଜୀବନରେ ମାନବର ଅଧିକାର ନିହାତି ଆବଶ୍ୟକ ବୋଲି ଆଲୋଚନା କରିଥିଲେ। ଅଧ୍ୟକ୍ଷା ଆହୁରି ମଧ୍ୟ ତାଙ୍କ ବକ୍ତବ୍ୟରେ ଅଧିକାର ଏବଂ କର୍ତ୍ତବ୍ୟ ଗୋଟେ ମୁଦ୍ରାର ଦୁଇଟି ପାଶ୍ୱର୍ ଭଳି ପରସ୍ପର ପରିପୂରକ, ସମସ୍ତେ ସମସ୍ତଙ୍କର ଅଧିକାରକୁ ମର୍ଯ୍ୟାଦା ଦେବା ସହିତ କର୍ତ୍ତବ୍ୟ ପାଳନ କରିବା ଉଚିତ୍ ବୋଲି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ତାଙ୍କ ବକ୍ତବ୍ୟରେ ଅଧିକାର ସମସ୍ତଙ୍କ ପାଇଁ ସମାନ। ଜାତି, ବର୍ଣ୍ଣ, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତେ ସମାନ ସେହି ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଞ୍ଜୟ ସେନାପତି, ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜର ୨୬ ବ୍ଲକ୍‌ର ଶ୍ରେଷ୍ଠ ଚାଷୀ ସମ୍ବର୍ଦ୍ଧିତ



ବାରିପଦା,୧୦।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ୍‌ର ଅଗ୍ରଣୀ କୃଷକଙ୍କୁ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ବୁଧବାର ଆୟୋଜିତ ବାର୍ଷିକ ଜିଲ୍ଲାସ୍ତରୀୟ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟବକ୍ତା, ସଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବିଶେଷ ଅତିଥି ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଫାଉଣ୍ଡେସନର ଚେୟାରମ୍ୟାନ୍ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ସଂଯୋଜକ ରାସେଶ୍ୱର ସାହୁ ସ୍ୱାଗତ ଅଭିଭାଷଣ ଏବଂ ବାରିପଦା କୃଷି ଜିଲ୍ଲା ଅଧିକାରୀ ଜ୍ଞାନବଲ୍ଲଭ ଦାସ ସମ୍ବର୍ଦ୍ଧିତ ବ୍ଲକ୍‌ୱାରୀ ଚାଷୀମାନେ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଚୟନ କରାଯାଇଥାଏ ବୋଲି ଉଲ୍ଲେଖ କରିଥିଲେ। କୃତୀ ଶିକ୍ଷକ ଡ. ଶଶଧର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ ଓ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସନା କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ

ବିଶୋଇ,୧୦।୧୨(ସମିସ): ବିଶୋଇ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ସମସ୍ତ କ୍ଲଷ୍ଟରରେ ଆସ ସ୍କୁଲ ଯିବା ଯୋଜନାରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟକୁ ଆଦୌ ଆସୁ ନ ଥିବା ଏବଂ ଅଧାରୁ ପାଠ ଛାଡ଼ି ଦେଇଥିବା ଛାତ୍ରଛାତ୍ରୀଙ୍କ ପିତାମାତା ଓ ଅଭିଭାବକଙ୍କୁ ନେଇ ଶିକ୍ଷାସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅସନା କ୍ଲଷ୍ଟର ବାଙ୍କୀଡିହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଅଭିଭାବକ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ୱାର୍ଡସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଶିକ୍ଷା ସଚେତନତା ବାର୍ତ୍ତା ନେଇ ବିଭିନ୍ନ ପ୍ଲାକାର୍ଡ ଧରି ବିଦ୍ୟାଳୟ ପରିସରରୁ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରେ ସିଆର୍‌ସିସି ରଶ୍ମିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିକ୍ଷା ସଭାରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସାମାଜିକ କର୍ମୀ ଗୋପବନ୍ଧୁ ଗିରି, ଅସନା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନନ୍ଦ, ୱାର୍ଡସଭ୍ୟ ରାଧାମୋହନ ଗିରି ଉପସ୍ଥିତ ରହି ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଶିକ୍ଷାର ମୁଖ୍ୟସ୍ରୋତରେ କିପରି ସେମାନଙ୍କୁ ସାମିଲ୍ କରିହେବ ସେନେଇ ମତବ୍ୟକ୍ତ କରିଥିଲେ। ବାଙ୍କୀଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପାନେଶ୍ୱରୀ ହାଁସଦା ସଭା ପରିଚାଳନା କରିଥିଲେ। କେନ୍ଦୁମରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳୀଚରଣ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼ଖଣ୍ଡକୁ ଚାଲାଣ ବେଳେ ୨୭ ଗୋରୁ ଉଦ୍ଧାର

ରାଇରଙ୍ଗପୁର,୧୦।୧୨(ସମିସ): ଦିନକୁ ଦିନ ବେଆଇନ ଗୋ-ଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରହିଥିବାବେଳେ ବାଦାମପାହାଡ଼ ଥାନା ପୁଲିସ ଦ୍ୱାରା ବେଆଇନ ଭାବେ ଝାଡ଼ଖଣ୍ଡକୁ ଗୋ-ଚାଲାଣବେଳେ ୨୭ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଏହା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ପଡ଼ିଆ ଗ୍ରାମର ଯୋଗେଶ୍ୱର ଟୁଡୁ(୨୫), ମେନେ ହେମ୍ବ୍ରମ(୨୩) ଓ ସୁରେଶ ଚନ୍ଦ୍ର ହାଁସଦା(୩୫)। ବେଆଇନ ଭାବେ ଗୋ-ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଯାହାକୁ ନେଇ ଏକ ଟିମ୍ ପଡ଼ିଆ ଗ୍ରାମରେ ଚଢ଼ଉ କରିଥିଲେ। ତେବେ ୩ ଜଣ ବ୍ୟକ୍ତି ୨୭ଟି ଗୋ-ଚାଲାଣ କରୁଥିବାର ଦେଖିଥିଲେ। ସେମାନଙ୍କୁ ଏନେଇ କାଗଜପତ୍ର ମାଗିବାରୁ ତାହା ଦେଖାଇପାରି ନ ଥିଲେ। ଗୋରୁଗୁଡ଼ିକ ବିଭିନ୍ନ ସ୍ଥାନରୁ ଚୋରି କରି ଏକ କଣ୍ଟେନର ଟ୍ରକ୍‌ରେ ଆଣି ତାଙ୍କୁ ପ୍ରଦାନ କରାଯାଇଛି। ସେମାନେ ଏହାକୁ ଚାଲାଣ କରିବା ପାଇଁ ନେଉଥିବାର ୩ ଅଭିଯୁକ୍ତ ପୁଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେନ୍ତପୋଷି ଅଞ୍ଚଳର ଟିଲୁ ଓ ପଡ଼ିଆ ଗ୍ରାମର ବିଶାଳ ରାଉତ ତାଙ୍କ ସହଯୋଗୀ ଥିବାବେଳେ ଗୋରୁଗୁଡ଼ିକ ଚୋରି କରି ତାଙ୍କୁ ଚାଲାଣ କରିବା ପାଇଁ ପ୍ରଦାନ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ପୁଲିସ ପକ୍ଷରୁ ୨୭ଟି ଗୋରୁ ଉଦ୍ଧାର କରାଯାଇ ଗୋ-ଶାଳାକୁ ପଠାଯାଇଛି। ଏନେଇ ବାଦାମପାହାଡ଼ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଅବକାରୀ ଚଢ଼ଉ; ୪ ଗିରଫ

ଉଦଳା,୧୦।୧୨(ସମିସ): ଉଦଳା ଅବକାରୀ ବିଭାଗ ଚଢ଼ଉ କରି ୭୪ ଲିଟର ମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଉଦଳା ନିରୀକ୍ଷକ ସଞ୍ଜୟ କୁମାର ତାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟା ଓ ଉଦଳା ଟିମ୍ ଗଠନ କରାଯାଇ ଉଦଳାରେ ଚଢ଼ଉ କରିଥିଲେ। ସୁନାରାମ ହେମ୍ବ୍ରମ, ଶୁଶାନ୍ତ ବାରିକ, ହରେକୃଷ୍ଣ ବଢ଼େଇ, କାରୁହରି ହାଁସଦାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ● ମାଗେ ପରବ୍ ଉଦ୍‌ଯାପିତ

## ସଂସ୍କୃତି, ପରମ୍ପରା ନେଇ ଆଲୋଚନା

ରାଇରଙ୍ଗପୁର,୧୦।୧୨(ସମିସ): ଜାମଦା ବ୍ଲକ୍ ଅନ୍ତର୍ଗତ ସୁନାମାରାରେ ଆୟୋଜିତ ମାଗେ ପରବ୍ ଏବଂ ପୂଜା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହୋ, କୋହ୍ଲ ଓ ମୁଣ୍ଡା ସମ୍ପ୍ରଦାୟର ଯୁବ ସଂସ୍କାରକ ତଥା ମୁଣ୍ଡା ମଣକି ମହାସଂଘ ପଣ୍ଡିତ ବବି ପଙ୍କଜ ସିର୍କା ଯୋଗଦେଇଥିଲେ। ପୂଜାର୍ଚ୍ଚନା କରିବା ସହ ଭାରତର କୋହ୍ଲ ବଂଶ ହୋ ଭାଷାଭାଷୀ ଆଦିବାସୀମାନଙ୍କ ସଂସ୍କୃତି ପରମ୍ପରା ଆଉ ପର୍ବପର୍ବାଣୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। "ମାର୍ଗେ ପରବ୍' କୋହ୍ଲ ଓ ହୋ ଆଦିବାସୀମାନଙ୍କ ମୁଖ୍ୟ ପର୍ବ ଥିବାବେଳେ ପ୍ରକୃତି ମାତାଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଆଠ ଦିନ ଧରି ରୀତିନୀତିରେ ପୂଜା କରି ପର୍ବ ପାଳନ କରିଥାନ୍ତି। ଏହା ପ୍ରଭାବରେ ଗ୍ରାମବାସୀଙ୍କୁ କୌଣସି ଦୈବୀ ଦୁର୍ବିପାକ ହୋଇନଥାଏ। ଯାହାକି ଆଦିବାସୀ ସମାଜ ଉନ୍ନତି ସାଧିତ ହୋଇଥାଏ। ତାଙ୍କର ହାର ମାଗେଆ ପର୍ବରେ ହିଁ ଗ୍ରହଦୋଷ କଟିଯାଏ ବୋଲି ଅନେକ କଥା ବକ୍ତବ୍ୟ ମାଧ୍ୟମରେ ବଖାଣିଥିଲେ। ଆଦିବାସୀ ସମ୍ପ୍ରଦାୟର ଅନେକ ପର୍ବପର୍ବାଣୀ ଥିବାବେଳେ ସେଥିମଧ୍ୟରୁ ମାଗେ ପରବ୍ ନିଆରା ଅଟେ। ଯାହାକି କୋହ୍ଲ ଓ ହୋ ଜନଜାତିର ସବୁଠାରୁ ବଡ଼ ପର୍ବ ଥିବାବେଳେ ନାଚଗୀତ ଆସର ଜମିଥାଏ। ଆଦିବାସୀ ଗ୍ରାମଗୁଡ଼ିକରେ ପର୍ବକୁ ନେଇ ପରିବେଶ ମଧ୍ୟ ବେଶ୍ ନିଆରା ଅଟେ। ଆଦିବାସୀମାନଙ୍କ ଏହି ପର୍ବ ସମୟରେ ଗ୍ରାମ ପରିବେଶ ମଧ୍ୟ ଉଲ୍ଲାସରେ ଭରି ରହିଥାଏ।



### ମୁର୍ଗାଘୁଟୁରେ ଜିଲ୍ଲା ପ୍ରଶାସନର ପଲ୍ଲିସଭା

## ଅଧାରୁ ସଭା ଛାଡ଼ି ଚାଲିଗଲେ ଗ୍ରାମବାସୀ

ରାଇରଙ୍ଗପୁର,୧୦।୧୨(ସମିସ)

ସ୍ଥାନୀୟ ମୁର୍ଗାଘୁଟୁ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପଲ୍ଲିସଭାର ଆୟୋଜନ କରାଯାଇଥିଲା। କିନ୍ତୁ ଆଲୋଚନା ଅଧାରୁ ଅଧିକାଂଶ ଗ୍ରାମବାସୀ ସଭା ଛାଡ଼ିକି ଚାଲି ଯାଇଥିଲେ।

ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଜାତୀୟ ବିମାନବନ୍ଦର ଓ ଆୟୁର୍ବେଦିକ ମହାବିଦ୍ୟାଳୟ କରିବା ନେଇ ଦାଣ୍ଡବୋଷ ନିକଟସ୍ଥ ମୁର୍ଗାଘୁଟୁ ଅଞ୍ଚଳରେ ଜମି ଚିହ୍ନଟ ହୋଇଛି। ଏହା ସହିତ ସେଠାରେ ଥିବା ଲୋକ ସ୍ଥାନାନ୍ତର ପ୍ରକ୍ରିୟା କରାଯାଇଛି। ଗୋଟିଏ ଘରୋଇ ଜମି ଥିବାବେଳେ ଅନ୍ୟ ସମସ୍ତ ସରକାରୀ ଜମି ଅଟେ। ତେବେ ସେଠାରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ପଲ୍ଲିସଭା କରି ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଯାହାକୁ ନେଇ ବୁଧବାର ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ, ତହସିଲ୍‌ଦାର, ବିଡିଓଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ଦୁଇଟି ପ୍ରକଳ୍ପ ଜରିଆରେ ସୁଫଳ ମିଳିବା ନେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ନେଇ ମଧ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ସଭା ଅଧାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରି ଚାଲି ଆସିଥିଲେ। ପୂର୍ବରୁ ଗୋଟିଏ ପଲ୍ଲିସଭା ହୋଇଥିବାବେଳେ ସେଥିରେ ଗଣ୍ଡଗୋଳ ହୋଇଥିବାବେଳେ ବୁଧବାର ପୁଲିସ ଉପସ୍ଥିତିରେ ଦ୍ୱିତୀୟ ପଲ୍ଲିସଭା ହୋଇଥିଲା। ସେମାନେ ସରକାରୀ ଜମିରେ ଥିବା ସତ୍ତ୍ୱେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ତାଙ୍କୁ ପୂର୍ବରୁ ୨୦ ହଜାର ଟଙ୍କା ଓ ଗୃହ ଆଦି ପ୍ରଦାନ କରାଯାଇଛି। ଅନ୍ୟ ସହାୟତା ରାଶି ପ୍ରଦାନ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ରହିଛି। କିନ୍ତୁ ପଲ୍ଲିସଭା ହୋଇ ନ ପାରିବା ଯୋଗୁଁ ଟଙ୍କା ମଞ୍ଜୁର କରି ପ୍ରଦାନ କରାଯାଇନାହିଁ। ତେଣୁ ତାହାକୁ ନେଇ ପଲ୍ଲିସଭାର ଆୟୋଜନ କରାଯାଇଥିଲା। କିନ୍ତୁ ତାହା ମଧ୍ୟ ବିଫଳ ହୋଇଛି। ପ୍ରଶାସନ ପକ୍ଷରୁ ଏହାର ସମାଧାନ କରିବା ନେଇ ବ୍ୟବସ୍ଥା କରାଯିବ ବୋଲି ତହସିଲ୍‌ଦାର ବିଶ୍ୱନାଥ ବିଶ୍ୱାଳ କହିଛନ୍ତି।



# ମହିଳାଙ୍କ ନାଁରେ ନିର୍ମିତ ବିମାନବନ୍ଦର

**ସାଧାରଣତଃ ବିମାନବନ୍ଦରଗୁଡ଼ିକ ପ୍ରସିଦ୍ଧି ଲାଭ କରିଥିବା ରାଜନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କଳାକାରଙ୍କ ନାମାନୁସାରେ ନାମକରଣ କରାଯାଇଥାଏ। ବିଶ୍ୱରେ ଅଧିକାଂଶ ବିମାନବନ୍ଦର ପୁରୁଷଙ୍କ ନାଁରେ ଥିବାବେଳେ, ଖୁବ୍ କମ୍ ସଂଖ୍ୟକ ବିମାନବନ୍ଦର ମହିଳାଙ୍କ ନାଁରେ ରହିଛି। ସେହିପରି ଭାରତରେ କାର୍ଯ୍ୟକ୍ଷମ ବିମାନବନ୍ଦର ମଧ୍ୟରୁ ମାତ୍ର ଦୁଇଟି ମହିଳାଙ୍କ ନାଁରେ ରହିଛି। ତେବେ ମହିଳାଙ୍କ ସମ୍ମାନାର୍ଥେ ଦେଶ - ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା କେତୋଟି ବିମାନବନ୍ଦରକୁ ନେଇ ଏହି ଉପସ୍ଥାପନା।**

### ଅମେଲିୟା ଇୟରହାର୍ଟ ବିମାନବନ୍ଦର

ଆମେରିକାର ଏହି ବିମାନବନ୍ଦର ଲୋକପ୍ରିୟ ପାଇଲଟ୍ ଅମେଲିୟା ମେରି ଇୟରହାର୍ଟଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ଭାବେ ଜଣାଯାଏ। ଅମେଲିୟା ଜଣେ ପାଇଲଟ୍ ଏବଂ ଲେଖିକା ଥିଲେ। ସେ ଅନେକ ରେକର୍ଡ କରିଛନ୍ତି। ଆଣ୍ଟଲାଟିକ୍ ମହାସାଗରକୁ ଅତିକ୍ରମ କରିଥିବା ପ୍ରଥମ ମହିଳା ଭାବେ ସେ ରେକର୍ଡ କରିଥିଲେ। ନିଜ କାର୍ଯ୍ୟ ଦ୍ୱାରା ସେ ଅନେକ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ତାଙ୍କ ଜୀବନ ଏବଂ ରହସ୍ୟମୟ ମୃତ୍ୟୁ ଏବେ ବି ଅନେକଙ୍କୁ ଆକର୍ଷିତ କରେ।



### କୁଇନ୍ ଆଲିୟା ଅନ୍ତର୍ଜାତୀୟ ବିମାନବନ୍ଦର

ଜୋର୍ଡାନ ରାଣୀ ଆଲିୟା ବାହାଉଦ୍ଦିନ୍ ତୌକନ୍ଙ୍କ ନାମାନୁସାରେ ଏହି ବିମାନବନ୍ଦରର ନାମକରଣ କରାଯାଇଛି। ଆଲିୟା ଜୋର୍ଡାନର ଦିବଂଗତ ରାଜା ହୁସେନଙ୍କ ପତ୍ନିଥିଲେ। ସେ ସାମାଜିକ କାର୍ଯ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ। ୧୯୭୭ ମସିହାରେ ବିମାନ ଦୁର୍ଘଟଣାରେ ରାଣୀଙ୍କ ମୃତ୍ୟୁ ହୋଇଥିଲା।



### କୁଇନ୍ ବିଟ୍ରିକ୍ସ ଅନ୍ତର୍ଜାତୀୟ ବିମାନବନ୍ଦର

ଏହିବିମାନବନ୍ଦର ନେଦରଲ୍ୟାଣ୍ଡର ପୂର୍ବ ରାଣୀ ବିଟ୍ରିକ୍ସଙ୍କ ନାମାନୁସାରେ ନାମକରଣ କରାଯାଇଛି। ସେ ୧୯୮୦ ମସିହାରୁ ୨୦୧୩ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡର ରାଣୀ ଭାବେ ଶାସନ କରିଥିଲେ। ଏହି ବିମାନବନ୍ଦର ଅରୁବାର ଗୁରୁତ୍ୱପୂର୍ଣ୍ଣ ପରିବହନ ବିମାନବନ୍ଦର ମଧ୍ୟରୁ ଗୋଟିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଟ୍ରିକ୍ସ କାନାଡ଼ାର ଏକ ସର୍ବସାଧରଣ ସ୍କୁଲ୍‌ରେ ପାଠ ପଢ଼ିଥିଲେ। ଏବଂ ଯୁଦ୍ଧ ପରବର୍ତ୍ତୀ ସମୟରେ ସେ ନେଦରଲ୍ୟାଣ୍ଡ ଫେରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପୁରା କରିଥିଲେ। ଶାସନ ଦିଗରେ ତାଙ୍କ ଅବଦାନ ଅତୁଳନୀୟ।



### ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର



ଦିଲ୍ଲୀର ଦକ୍ଷିଣ -ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମାନୁସାରେ ଏହି ବିମାନବନ୍ଦର ନାମକରଣ କରାଯାଇଛି। ଏହା ଭାରତର ସବୁଠୁ ବ୍ୟସ୍ତ ଏବଂ ଆଧୁନିକ ବିମାନବନ୍ଦର ଭାବେ ଜଣାଯାଏ। ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀ ୧୯ ନଭେମ୍ବର, ୧୯୧୭ ମସିହାରେ ଜନ୍ମ ହୋଇଥିଲେ। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ।

### ଦେବୀ ଅହଲ୍ୟାବାଇ ହୋଲ୍‌କର୍ ଅନ୍ତର୍ଜାତୀୟ ବିମାନବନ୍ଦର

ଇନ୍ଦୋରର ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଏହା ମଧ୍ୟ ଭାରତର ସବୁଠୁ ବ୍ୟସ୍ତ ବିମାନବନ୍ଦର ମଧ୍ୟରୁ ଗୋଟିଏ। ହୋଲକର ରାଜବଂଶର ରାଣୀ ଅହଲ୍ୟାବାଇଙ୍କ ନାମ ଅନୁସାରେ ଏହାର ନାମକରଣ କରାଯାଇଛି। ସେ ନାରୀ ସଶକ୍ତିକରଣର ପ୍ରତୀକ ଏବଂ ବୀରାଙ୍ଗନା ଥିଲେ। ସାମାଜିକ ଶୃଙ୍ଖଳକୁ ଛିନ୍ନକରି ନିଜର ଧିଶକ୍ତି ଓ ସାମର୍ଥ୍ୟ ବଳରେ ଭାରତ ରାଜନୈତିକ ଇତିହାସରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଜନକଲ୍ୟାଣରେ ତାଙ୍କର ଅତୁଳନୀୟ ଅବଦାନ ଥିଲା।



# ଉଲ୍ କାନଫୁଲ



**ମହିଳା ଓ ଯୁବତୀମାନେ ଭଲିକିଭଲି ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ଏବେ ହାତନିର୍ମିତ ଉଲେନ୍ କାନଫୁଲ ବେଶୀ ଲୋକପ୍ରିୟ ରହିଛି। ଏହା ପିନ୍ଧିବାକୁ ସୁନ୍ଦର ଦିଶିବା ସହ ଲଗାଇବା ମଧ୍ୟ ଆରାମଦାୟକ ହୋଇଥାଏ।**

### ଝୁମ୍‌କା

ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଉଲ୍‌ନିର୍ମିତ ଝୁମ୍‌କା କାନଫୁଲ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଭିନ୍ନ ହୋଇଥାଏ। ଏହାକୁ ପିନ୍ଧି ଶୀତଦିନେ ନିଜକୁ ଏକ କ୍ଲାସି ଲୁକ୍ ଦେଇପାରିବେ।

### ଚାରିକୋଣିଆ

ହାତତିଆରି ଚାରିକୋଣିଆ ଉଲ୍ କାନଫୁଲ ପାରମ୍ପରିକ ପରିଧାନକୁ ବେଶ୍ ଭଲ ମାନିଥାଏ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏହା ବିଭିନ୍ନ ରଙ୍ଗର ରହିଥାଏ।

### ଲାଭେଣ୍ଡର

ବର୍ତ୍ତମାନ ସମୟରେ ଲାଭେଣ୍ଡର ରଙ୍ଗର ଖୁବ୍ ଲୋକପ୍ରିୟତା ରହିଛି। ଏ ରଙ୍ଗର ଆଉଟ୍‌ଫିଟ୍‌ରୁ ନେଇ ଅଳଙ୍କାରର ଚାହିଦା ଅଛି।

### ବୋ କାନଫୁଲ

ବୋ ହେଡ୍‌କ୍ଲିପ୍ ଭଳି ବୋ କାନଫୁଲର ମଧ୍ୟ ଲୋକପ୍ରିୟତା ରହିଛି। ବିଶେଷ କରି କଲେଜ ପଢ଼ୁଆ ଯୁବତୀଙ୍କ ମଧ୍ୟରେ ଏ ପ୍ରକାର କାନଫୁଲ ବେଶ୍ ପ୍ରିୟ। ଚାହିଁଲେ ଏହାକୁ କ୍ରିଷ୍ଟମାସ୍ ପାର୍ଟିରେ ମଧ୍ୟ ପିନ୍ଧିପାରିବେ।



### ଇଭିଲ୍ ଆଇ

ଇଭିଲ୍ ଆଇ ଅଳଙ୍କାରର ଚାହିଦା ସବୁବେଳେ ରହିଛି। କୁହାଯାଏ ଏହା ଖରାପ୍ ନଜରରୁ ସୁରକ୍ଷା ଦେଇଥାଏ। ଏବେ ଇଭିଲ୍ କାନଫୁଲ ମଧ୍ୟ ବଜାରରେ ଉପଲବ୍ଧ।

# ଲିପ୍‌ଷ୍ଟିକ୍ ପୂର୍ବରୁ ଓଠର ଯତ୍ନ

**ମ୍ୟାଟ୍ ଲିପ୍‌ଷ୍ଟିକ୍ ଓଠକୁ ଶୁଷ୍କ ଓ ରୁକ୍ଷ କରିଥାଏ। ତେଣୁ ଓଠକୁ ସୁସ୍ଥ, ନରମ କରି ଲିପ୍‌ଷ୍ଟିକ୍‌କୁ ଦୀର୍ଘସମୟ ରଖିବାକୁ ଚାହୁଁଥିଲେ, ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ, ଓଠର ଯତ୍ନ ନେବା ଜରୁରୀ। ଏପରି କଲେ ଓଠରେ ଲିପ୍‌ଷ୍ଟିକ୍ ନ ଫାଟି ଦୀର୍ଘ ସମୟ ରହିଥାଏ।**



### ଓଠକୁ ଏକ୍ସଫ୍ଲୋଏଟ୍ କରନ୍ତୁ

ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ପ୍ରଥମେ ଓଠରେ ଥିବା ମୃତକୋଷକୁ କାଢ଼ିବାକୁ ପଡ଼ିଥାଏ। ଏଥିପାଇଁ ଏକ୍ସଫ୍ଲୋଏସନ୍ କରିବାକୁ ପଡ଼ିଥାଏ। କାରଣ ମୃତକୋଷ ଥାଇ ଲିପ୍‌ଷ୍ଟିକ୍ ଲଗାଇଲେ ଏହା ଓଠଫାଟି ଅପରିଷ୍କାର ଦିଶିଥାଏ।

### ଚିନି ସ୍କ୍ରବ୍

ଅଳ୍ପଚିନିରେ ନଡ଼ିଆ ତେଲ କିମ୍ବା ମହୁ ମିଶାଇ ଓଠରେ ହାଲୁକା ହାତରେ ମସାଜ୍ କରନ୍ତୁ। ଏହାକୁ ଓଠରେ ତିରିଶ୍ ସେକେଣ୍ଡ ରଖି ଧୋଇ ଦିଅନ୍ତୁ।

### ଟୁଥ୍ ବ୍ରଶ୍

ଲିପ୍‌ବାମ୍ ଲଗାଇବା ପରେ ଏକ ନରମ ଟୁଥ୍‌ବ୍ରଶ୍‌କୁ ନେଇ ହାଲୁକା ହାତରେ ଓଠରେ ଘଷନ୍ତୁ। ଏହା ଓଠରେ ଥିବା ଅତିରିକ୍ତ ଶୁଷ୍କତା ତଥା ରୁକ୍ଷପଣକୁ ଦୂର କରିଥାଏ। ଏକ୍ସଫ୍ଲୋଏଟ୍‌ସ ପରେ ଓଠ ଚିକ୍କଣ ଦିଶିଥାଏ। ଏଥିରେ ଲିପ୍‌ଷ୍ଟିକ୍ ଦୀର୍ଘ ସମୟ ରହିଥାଏ।

### ଲିପବାମ୍ ବା ମଏଶ୍ଚରାଇଜର୍

ଓଠକୁ ହାଇଡ୍ରେଟ୍ ରଖିବା ଅବା ଲିପ୍‌ଷ୍ଟିକ୍‌ରୁ ଓଠକୁ ଏକ ସୁରକ୍ଷା ପରସ୍ତ ଦେବାପାଇଁ ଲିପବାମ୍ କିମ୍ବା ମଏଶ୍ଚରାଇଜର୍ ଲଗାଇପାରିବେ। ଏହାଦ୍ୱାରା ଲିପ୍‌ଷ୍ଟିକ୍‌ରେ ଥିବା ରାସାୟନିକ ପଦାର୍ଥ ସିଧାସଳଖ ଓଠକୁ କ୍ଷତି ପହଞ୍ଚାଏନି। ଓଠକୁ ସୁସ୍ଥ ରଖିଥାଏ।

### ବ୍ୟବହାର ପ୍ରକ୍ରିୟା

ଲିପ୍‌ଷ୍ଟିକ୍ ଲଗାଇବାର ପାଞ୍ଚମିନିଟ୍ ପୂର୍ବରୁ ଗାଢ଼ା ନନ୍ ଗ୍ରୀସ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ। ଓଠରେ ଲିପ୍‌ବାମ ଲଗାଇବା ପରେ ଅତିରିକ୍ତ ତେଲକୁ ଟିସ୍ୟୁ ପେପରରେ ଚିପକାଇ ଦିଅନ୍ତୁ। ନଚେତ୍ ଲିପ୍‌ଷ୍ଟିକ୍ ତଳକୁ ବହିବାର ସମ୍ଭବନା ଥାଏ। ଏହାପରେ ଲିପଷ୍ଟିକ୍ ଓ ଲିପ୍‌ଲାଇନର୍ ଲଗାଇ ଓଠକୁ ଏକ ଆକାର ଦେଇପାରିବେ।

# ପନିର୍ ସାଣ୍ଡୱିଚ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ


ପନିର୍ – ୨୦୦ ଗ୍ରାମ୍, ସ୍ଲାଇଜ୍ ବ୍ରେଡ – ଚାରୋଟି, କଟାପିଆଜ – ଅଧା କପ୍, କଟା କ୍ୟାପ୍‌ସିକମ୍ – ଅଧା କପ୍, କଟା ରସୁଣ - ଏକ ଚାମଚ, ମାୟୋନିଜ୍ – ଏକ ଚାମଚ, ଧନିଆ ପତ୍ର – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ପନିର୍‌କୁ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ରସୁଣ, ପିଆଜ, କ୍ୟାପସିକମ୍, ଲୁଣ, ଚିଲ୍ଲି ଫ୍ଲେକ୍ସ, ଲଙ୍କାଗୁଣ୍ଡ, ପେରି ପେରି ମସଲା ସମେତ ଜିରା ଅଧା ଚାମଚ ପକାଇ ଭଲରେ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ପନିର୍‌କୁ ଦେଇ ସେଥିରେ ଏକ ଚାମଚ ମାୟୋନିଜ୍ ଓ ଧନିଆପତ୍ର ପକାଇ ମସଲା ପ୍ରସ୍ତୁତ କରନ୍ତୁ। ଏହାପରେ ଗୋଟିଏ ପ୍ଲେଟ୍‌ରେ ସ୍ଲାଇଜ୍ ବ୍ରେଡ଼ ନେଇ ତା' ଉପରେ ମାୟୋନିଜ୍ ଲଗାନ୍ତୁ। ଏହାପରେ ପ୍ରସ୍ତୁତ କରି ରଖିଥିବା ମସଲା ଷ୍ଟଫିଂକୁ ଦେଇ ଉପରେ ଆଉ ଏକ ବ୍ରେଡ୍ ରଖି ଚାପି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ପନିର୍ ସାଣ୍ଡୱିଚ୍'।

# ଶୀତ ପାଇଁ ଅମୁଲ ଫେସିଆଲ୍

**ଶୀତଦିନେ ତ୍ୱଚା ଶୁଖିଲା ଦେଖାଯାଏ। ମୁହଁର ଚମକ ହଜିଯାଏ। ତେଣୁ ତ୍ୱଚାରେ ଚମକ ଆଣିବା ପାଇଁ ଅନେକ ଫେସ୍ ପ୍ୟାକ୍ ଲଗାଇଥାନ୍ତି। ଏପରି ସ୍ଥଳେ ଚାହିଁଲେ ଘରେ ମିଲ୍କ ପାଉଡର ବା ଅମୁଲ ଉପଯୋଗ କରି ଫେସ ପ୍ୟାକ୍ ଲଗାଇପାରିବେ। ଏଥିରେ ଆଣ୍ଟିଏଜିଙ୍ଗ୍ ଏବଂ କ୍ଲିନ୍‌ଜର୍ ଗୁଣ ଥାଏ, ଯାହା ତ୍ୱଚା ସମସ୍ୟା ଦୂର କରିଥାଏ।**



### ଫେସ୍ କ୍ଲିନ୍

ଫେସିଆଲ୍ ପୂର୍ବରୁ ମୁହଁକୁ ପ୍ରଥମ ଭଲ ଭାବେ ଧୋଇଦିଅନ୍ତୁ। ଗୋଟିଏ ପାତ୍ରରେ ଏକ ଚାମଚ କଞ୍ଚାକ୍ଷୀର ନେଇ ଅଧାଚାମଚ ମିଲ୍କ ପାଉଡର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ। ମୁହଁଧୋଇବା ସମୟରେ ହାତ ସାହାଯ୍ୟରେ ହାଲୁକା ମସାଜ୍ କରନ୍ତୁ। ଏହା ଦ୍ୱାରା ତ୍ୱଚାରୁ ଡେଡ୍ ସ୍କିନ୍ ଦୂର ହୋଇଥାଏ।

### ଷ୍ଟିମ୍

କ୍ଲିଜିଂ ପରେ ଷ୍ଟିମ୍ ନେବା ନିହାତି ଜରୁରୀ। ଷ୍ଟିମ୍ ନେବା ପାଇଁ ଆପଣ ଯେ କୌଣସି ଷ୍ଟିମର୍ ବ୍ୟବହାର କରିପାରିବେ। ଏହାଛଡ଼ା ଘରେ ମଧ୍ୟ ଗରମପାଣି କରି ସେହି ବାମ୍ଫକୁ ଷ୍ଟିମ୍ ଭାବେ ନେଇପାରିବେ। ଏହାଦ୍ୱାରା ତ୍ୱଚାର ସମସ୍ତ ଲୋମଛିଦ୍ର ଖୋଲିଯାଏ ଓ ତ୍ୱଚା ହାଇଡ୍ରେଟ୍ ରହେ।

### ସ୍କ୍ରବ୍

ସ୍କ୍ରବିଙ୍ଗ୍ କରିବା ପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମିଲ୍କ ପାଉଡର, ଏକ ଚାମଚ ଚାଉଳ ଅଟା ଏବଂ ଦୁଇଚାମଚ କଞ୍ଚାକ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ଭଲଭାବେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଥିବା ଡେଡ୍ ସ୍କିନ୍ ବାହାରିଯାଏ, ତ୍ୱଚା ସଫା ରହେ।

### ମସାଜ୍

ଫେସିଆଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମସାଜ୍। ଏଥିପାଇଁ ଗୋଟିଏ ପାତ୍ରରେ କିଛି ମିଲ୍କ ପାଉଡର ନିଅନ୍ତୁ। ସେଥିରେ ଅଳ୍ପ ମହୁ ଏବଂ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ୧୦ ମିନିଟ୍ ଲଗାଇ ରଖନ୍ତୁ। ମୁହଁ ଧୋଇବା ସମୟରେ ହାଲୁକା ହାତରେ ଏହାକୁ ମସାଜ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ।

### ଫେସ୍‌ପ୍ୟାକ୍

ଶେଷରେ ତ୍ୱଚାରେ ଫେସପ୍ୟାକ୍ ଲଗାନ୍ତୁ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ ପାଇଁ ଗୋଟିଏ ପାତ୍ରରେ ଏକ ଚାମଚ ମିଲ୍କ ପାଉଡର, ଏକ ଚାମଚ ଚନ୍ଦନ ପାଉଡର, ଏକ ଚାମଚ ବେସନ, ଦହି ଓ ମହୁ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ପାଣିରେ ତ୍ୱଚାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ଶୁଷ୍କତା ଦୂର ହୁଏ ଏବଂ ତ୍ୱଚାରେ ଚମକ ଆସିଥାଏ।

# ଘରେ ବନାନ୍ତୁ କଫି କର୍ଣ୍ଣର

**ସାଧାରଣତଃ ଶୀତ ଦିନେ କଫି , ଚା' ପିଇବାକୁ ସମସ୍ତେ ପସନ୍ଦ କରନ୍ତି। ଏଥିପାଇଁ ଅନେକ କାଫେ, ରେସ୍ତୋରା ଯାଇ କଫି ପିଅନ୍ତି; କିନ୍ତୁ ଚାହିଁଲେ ଘରେ ମଧ୍ୟ ଏକ ଶାନ୍ତ ପରିବେଶ କିମ୍ବା କଫି କର୍ଣ୍ଣର ପ୍ରସ୍ତୁତ କରିପାରିବେ। ଏଠାରେ ଶୀତଦିନେ ବସି କଫି ପିଇବାର ଆନନ୍ଦ ନେଇପାରିବେ।**



### ସ୍ଥାନ ଚୟନ

କଫି କର୍ଣ୍ଣର ତିଆରି ପାଇଁ ପ୍ରଥମେ ଘରର ଗୋଟିଏ କୋଣ ବାଛିବାକୁ ପଡ଼ିଥାଏ। ଘରେ ବେଡ୍ ରୁମ୍ ବଡ଼ ଥିଲେ ଶୋଇବା ଘରେ ମଧ୍ୟ ଏହା ତିଆରି କରିପାରିବେ। ନଚେତ୍ ରୋଷେଇ ଘର ବଡ଼ ଥିଲେ ଏହା କରିପାରିବେ। ଏଥିପାଇଁ ଛୋଟ ବହି ଥାକ ବ୍ୟବହାର କରି ଏହାକୁ କଫି ଷ୍ଟେସନ ଲୁକ୍ ଦେଇପାରିବେ।

### ସାଜସଜ୍ଜା

ନିଜ ସୁବିଧା ଅନୁସାରେ ଥାକ, ଛୋଟ ଚେୟାର୍ ଏବଂ ଟି - ପଏ ରଖିପାରିବେ। ଏହି କର୍ଣ୍ଣରକୁ ଅଧିକ ସୁନ୍ଦର ବା ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ବିଭିନ୍ନ ସୋ, ପିସ ରଖିପାରିବେ। ସେହିପରି ଚେୟାରକୁ ସୁନ୍ଦର କରିବା ପାଇଁ ଷ୍ଟାଇଲ ପିଲୋ, ଜାର୍, ମାଟିପାତ୍ର ଆଦି ରଖିପାରିବେ।

### ବହି ଏବଂ ମହମବତୀ

ବହି ବିନା କଫି ଟେବୁଲ ଅଧୁରା। ନିଜ ପସନ୍ଦ ତଥା ରୁଚି ଅନୁଯାୟୀ କିଛି ପୁସ୍ତକ ରଖିପାରିବେ। ସେହିପରି ଚାହିଁଲେ ଏହାକୁ ଆଲୋକିତ କରିବା ପାଇଁ ସୁଗନ୍ଧ ମହମବତୀ ଲଗାଇପାରିବେ।

## ମୁଲାନପୁରରେ ଦ୍ୱିତୀୟ ଟି-୨୦ ଆଜି

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ


**ମୁଲାନପୁର, ନ୍ୟୁ ଚଣ୍ଡିଗଡ଼, ୧୦।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୦୧ ରନ୍‌ର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଏହି ବିଜୟ ଖେଳାଳିଙ୍କ ମନୋବଳକୁ ବଢ଼ାଇଦେଇଛି। ଏଭଳି ସମୟରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନୂଆକରି ଗଠିତ ନୂଆ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ଅଗ୍ରଣୀ ନେବା ସହ ବିଜୟଧାରା ବଜାୟରଖିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୨୭ଟି ମ୍ୟାଚ୍ ଜିତିଥିବା ବେଳେ ମାତ୍ର ୪ଟି ହାରିଛି। ଉକ୍ତ ଫାଇନାଲ ମ୍ୟାଚ୍ ହାରିବା ପରଠାରୁ ଦକ୍ଷିଣ ଆଫ୍ରିକା ମାତ୍ର ୯ଟି ଟ୍ୱେଣ୍ଟି୨୦ ଜିତିଥିବା ବେଳେ ୧୭ଟି ମ୍ୟାଚ୍ ହାରିଛି। ଏହିଥିରୁ ସ୍ପଷ୍ଟ ଯେ ବିଶ୍ୱ ଚମ୍ପିଆନ୍ ଭାରତୀୟ ଟି୨୦ ଦଳ କେତେ ଶକ୍ତିଶାଳୀ ରହିଛି।

ବିଶ୍ୱର ୧ନଂ ଦଳ ବିଦେଶରେ ବହୁତ ଭଲ ପ୍ରଦର୍ଶନ କରିଛି। ତେଣୁ ଘରୋଇ ବାତାବରଣରେ ଏହା ପ୍ରାୟ ଅପରାଜେୟ ମନେହେଉଛି। ପ୍ରଥମଥର ଆନ୍ତର୍ଜାତିକ ଭେନ୍ୟୁର ମାନ୍ୟତା ପାଇଥିବା ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଚଳିତ ସିରିଜରେ ଭ୍ରମଣକାରୀ ଦଳ ଉଭୟ ଟେଷ୍ଟ ଜିତିବା ପରେ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ୧-୨ରେ ହାରିଥିଲା। ଏହା ପରେ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ହାରିଯିବାରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଶୃଙ୍ଖଳାକୁ ୧-୧ କରିବାର ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍ ହାରିଗଲେ ବା ଦଳ ୦-୨ରେ ପଛରେ ରହିଲେ ସିରିଜରେ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର। ଅନ୍ୟ ପକ୍ଷରେ ଭାରତ ସବୁ ପିଚ୍‌ରେ ନଂ-୧ ଦଳ ଭଳି ଖେଳୁଛି। ମଙ୍ଗଳବାର କଟକରେ ଭାରତ ଏହା ଦେଖାଇଥିଲା। ଦଳ ନିୟମିତ ୱିକେଟ୍ ହରାଇଥିଲେ ହେଁ ବ୍ୟାଟ୍‌ସମ୍ୟାନ ସଟ୍ ଖେଳିବାରୁ ବିରତ ହୋଇନଥିଲେ। ଫଳରେ ଭାରତ ୧୭୫ ରନ୍ ଛିଡ଼ା କରାଇ ପାରିଥିଲା। ଉଭୟ ଦଳଙ୍କ ମଧ୍ୟରେ ଗତ ୭ଟି ମ୍ୟାଚ୍‌ରୁ ଭାରତ ୬ଟି ଜିତିଛି। ତେଣୁ ନ୍ୟୁ ଚଣ୍ଡିଗଡ଼ ମ୍ୟାଚ୍ ଜିତିବା ଲାଗି ଭାରତକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବା ନାହିଁ ବୋଲି ଆଶଙ୍କା କରାଯାଉଛି। ଆସନ୍ତାବର୍ଷର ଟି-୨୦ ବିଶ୍ୱକପ୍ ଲାଗି ଭାରତ ଚମତ୍କାର ଢଙ୍ଗରେ ଆଗକୁ ବଢ଼ିଛି। ଉପମହାଦେଶରେ ଭାରତର ଅପରାଜେୟ ମନେହେଉଛି। ଟି-୨୦ ବିଶ୍ୱକପ୍ ପୂର୍ବରୁ ଘରୋଇ ଦଳକୁ ଆଉ ୯ଟି ମ୍ୟାଚ୍ ଖେଳିବାର ଥିବାରୁ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। କଟକରେ ଦକ୍ଷିଣ ଆଫ୍ରିକା ଇନିଂସର ପ୍ରଥମ ଓଭର ହିଁ ଦର୍ଶାଇଥିଲା ଯେ ପୂରା ଇନିଂସରେ କ'ଣ ହେବାକୁ ଯାଉଛି। କ୍ୱିଣ୍ଟନ ଡି କକ୍ ପ୍ରଥମ ଓଭରରେ ଆଉଟ୍ ହେବା ଦକ୍ଷିଣ ଆଫ୍ରିକା ପାଇଁ ଶକ୍ତ ଧକ୍କା ଥିଲା। ଅଭିଜ୍ଞ ଡି କକ୍ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ ଅର୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଡି କକ୍ ଓ ମାରକ୍ରମଙ୍କ ଉପରେ ଅଧିକ ନିର୍ଭର କରିବ। ଦୁଇ ମଧ୍ୟକ୍ରମ ବ୍ୟାଟ୍‌ର ଟ୍ରିଷ୍ଟନ୍ ଷ୍ଟବ୍‌ସ ଓ ଡିୱାଲ୍‌ଡ ବ୍ରେଭିସ୍ ଭଲ ଫର୍ମରେ ଅଛନ୍ତି। ଅଭିଜ୍ଞ ଡେଭିଡ୍ ମିଲର ଫିନିସର ଭୂମିକା ନିର୍ବାହ କରିବେ। ଯଶପ୍ରୀତ ବୁମ୍‌ରା ଭାରତର ମ୍ୟାଚ୍ ବିଜେତା ବୋଲର। ହେଲେ କଟକରେ ଅର୍ଶଦୀପ ନୂଆ ବଲ୍‌ରେ ଯେପରି ବୋଲିଂକଲେ; ତାହା ଭାରତକୁ ଉତ୍ସାହିତ କରିଛି। ଭାରତ ପାଇଁ ସର୍ବାଧିକ ଟି୨୦ ୱିକେଟ୍ ନେଇଥିବା ଅର୍ଶଦୀପ ବଲ୍‌କୁ ସ୍ୱିଙ୍ଗ୍ କରିଥିଲେ। ଭାରତ ଅପରିବର୍ତ୍ତିତ ଏକାଦଶ ନେଇ ଓହ୍ଲାଇପାରେ। ଫଳରେ କୁଲଦୀପ ଯାଦବଙ୍କୁ ପୁଣି ବସିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ନିଶ୍ଚୟ କିଛି ପରିବର୍ତ୍ତନ କରିପାରେ। ବ୍ୟାଟିଂକୁ ମଜ୍‌ଭୁତ କରିବା ପାଇଁ ପେସ୍ ବୋଲର ଲୁଥୋ ସିପାମ୍‌ଲାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କର୍ବିନ୍ ବସ୍ ଖେଳିପାରନ୍ତି। ଅଲ୍‌ରାଉଣ୍ଡର ଡାନୋଭାନ ଫରେରାଙ୍କ ସ୍ଥାନରେ ବ୍ୟାଟ୍‌ସମ୍ୟାନ ରିଜା ହେଣ୍ଡ୍ରିକ୍‌ସଙ୍କୁ ଖେଳାଇବା କଥା ଦକ୍ଷିଣ ଆଫ୍ରିକା ଚିନ୍ତା କରିପାରେ। ଉଚ୍ଚ ଗ୍ୟାଲେରୀ ନ ଥିବାରୁ ନ୍ୟୁ ଚଣ୍ଡିଗଡ଼ ଗ୍ରାଉଣ୍ଡରେ ସେତେ କାକରର ପ୍ରଭାବ ରହିବ ନାହିଁ। ଆଉ ମାତ୍ର ଗୋଟିଏ ୱିକେଟ୍ ନେଲେ ହାର୍ଦିକ ପାଣ୍ଡ୍ୟା ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଟ୍ୱେଣ୍ଟି୨୦ରେ ୧୦୦ ୱିକେଟ୍ ପୂରଣ କରିବେ। ନ୍ୟୁ ଚଣ୍ଡିଗଡ଼ର ପିଚ୍ ବ୍ୟାଟିଂ ସହାୟକ ହେବ। ପିଚ୍ ଶୁଖିଲା ଥିବାରୁ ଏବଂ କାକରର କମ୍ ପ୍ରଭାବ ହେବାର ଥିବାରୁ ଏଠାରେ ଅଧିକ ରନ୍ ହୋଇପାରେ। ଉଭୟ ଦଳ ଟସ୍ ଜିତି ବ୍ୟାଟିଂକରି ବଡ଼ ସ୍କୋର୍ କରିବାକୁ ଚାହିଁବେ।

ଚାରି ବର୍ଷ ତଳେ ନ୍ୟୁ ଚଣ୍ଡିଗଡ଼ ବା ମୁଲାନ୍‌ପୁରରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଥିଲା। ଅଦ୍ୟାବଧି ଏଠାରେ କୌଣସି ପୁରୁଷ ଆନ୍ତର୍ଜାତିକ ମ୍ୟାଚ୍ ଖେଳା ଯାଇନାହିଁ। ତଥାପି ଏହା ପଞ୍ଜାବ କିଙ୍ଗ୍‌ସର ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ଏଠାରେ ଅଧିକାଂଶ ଭାରତୀୟ କ୍ରିକେଟର ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି।



## ବାରବାଟୀରେ ବରୁଣଙ୍କ ଅଭ୍ୟାସ



**କଟକ,୧୦।୧୨(ସମିସ):** ମଙ୍ଗଳବାର ବାରବାଟୀରେ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇ ପ୍ରଥମ ବିଜୟ ହାସଲ କରିଥିବା ଭାରତୀୟ ଦଳ ଆଜି ଚଣ୍ଡୀଗଡ ଅଭିମୁଖେ ଯାତ୍ରା କରିଛି। ତେବେ ଦଳ ଓଡ଼ିଶା ଛାଡ଼ିବା ପୂର୍ବରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଜି ପୂର୍ବାହ୍ନରେ ଅକସ୍ମାତ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଥିଲେ। ୮.୩୦ରେ ବାରବାଟୀରେ ପହଞ୍ଚିଥିଲେ ବରୁଣ। ପ୍ରାୟ ୪୫ ମିନିଟ ଧରି ସ୍ପିନ୍ ବୋଲିଂ ଅଭ୍ୟାସ କରିବା ପରେ ୯.୨୫ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ବରୁଣ ବାରବାଟୀ ଆସୁଥିବା ଜଣାପଡ଼ିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ନିଜସ୍ୱ ଇଚ୍ଛାରେ ବରୁଣ ବାରବାଟୀକୁ ଆସି ଅଭ୍ୟାସ କରିଛନ୍ତି ବୋଲି ଓସିଏ ସିଇଓ ସୁବ୍ରତ କୁମାର ବେହେରା କହିଛନ୍ତି।

## ଟି-୨୦ରେ ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର

**କଟକ,୧୦।୧୨:** ହାର୍ଦ୍ଦିକ ପାଣ୍ଡ୍ୟା ବାରବାଟୀରେ ତୃତୀୟ ମୁକାବିଲାରେ (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଅପରାଜିତ ଅର୍ଦ୍ଧଶତକ ଓ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍। ନାଲିମାଟି ପିଚ୍‌ରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ପ୍ରଥମ ବିଜୟ ହାସଲ କରିଥିଲା। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର**

| ସ୍କୋର | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|
| ୭୪ | ଭାରତ | କଟକ | ୨୦୨୫ |
| ୮୭ | ଭାରତ | ରାଜକୋଟ | ୨୦୨୨ |
| ୮୯ | ଅଷ୍ଟ୍ରେଲିଆ | ଜୋହାନ୍ସବର୍ଗ | ୨୦୨୦ |
| ୯୫ | ଭାରତ | ଜୋହାନ୍ସବର୍ଗ | ୨୦୨୩ |
| ୯୬ | ଅଷ୍ଟ୍ରେଲିଆ | କେପ୍ ଟାଉନ୍ | ୨୦୨୦ |
| ୯୮ | ଶ୍ରୀଲଙ୍କା | କଲମ୍ବୋ | ୨୦୧୮ |

## ଖେଲୋ ଇଣ୍ଡିଆ ବାସ୍କେଟ୍ ବଲରେ ଭାଗନେବେ ୧୪ ଟିମ୍

**ଭୁବନେଶ୍ୱର, ୧୦।୧୨ (ସମିସ):** କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ, ଭାରତ ଓ ଓଡ଼ିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ରାଜ୍ୟର ୧୪ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଟିମ୍‌କୁ ନେଇ ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟବଲ ଲିଗ୍ ଆୟୋଜିତ ହେବ। ମଦର୍ସ ପବ୍ଲିକ୍ ସ୍କୁଲ୍ ବାସ୍କେଟବଲ କୋର୍ଟରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ଅନମୋଲ୍‌ଙ୍କ ଡବଲ୍ ଗୋଲ୍ | କାଂସ୍ୟରେ ସନ୍ତୁଷ୍ଟ ଭାରତ

**ଚେନ୍ନାଇ,୧୦।୧୨(ଏଜେନ୍ସି):** ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଆଜି ଶେଷ ହୋଇଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ କାଂସ୍ୟ ପଦକ ହାସଲ କରିଛି। ଏହି ମୁକାବିଲାରେ ଆର୍ଜେଣ୍ଟିନା ପ୍ରଥମ କ୍ୱାର୍ଟରରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ନିକୋଲାସ ରୋଡ୍ରିଗ୍ୱେଜ୍ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟରରେ ସାଣ୍ଟିଆଗୋ ଫର୍ଣ୍ଣାଡିଜ୍ ଆଉ ଏକ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଶେଷ କ୍ୱାର୍ଟରରେ ଭାରତ ତାହାର ସମସ୍ତ ଶକ୍ତି ଖଟାଇ ଆକ୍ରମଣ କରିଥିଲା। ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଓ ମନ୍‌ମିତ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ।




ଏହା ଫଳରେ ଭାରତ କିଛିଟା ଆଶ୍ୱସ୍ତି ଲାଭ କରିଥିଲା। ଏହାର କିଛି ସମୟ ପରେ ଶାରଦାନନ୍ଦ ତିୱାରୀ ୫୭ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଆଉ ଏକ ଗୋଲ ଦେଇ ଭାରତକୁ ୩-୨ରେ ଅଗ୍ରଣୀ କରାଇବାରେ ସମର୍ଥ ହୋଇଥିଲେ। ଏହି ସମୟରେ ଅଧିକ ଆକ୍ରମଣ ଲାଗି ଆର୍ଜେଣ୍ଟିନା ତାହାର ଗୋଲରକ୍ଷକଙ୍କୁ ହଟାଇଦେଇଥିଲା। ଏହି ସୁଯୋଗରେ ଭାରତ ପ୍ରତ୍ୟାକ୍ରମଣ କରି ଆଉ ଏକ ପେନାଲଟି କର୍ଣ୍ଣର ପାଇଥିଲା। ଖେଳ ଶେଷ ହେବାକୁ ଆଉ ୨ ମିନିଟ୍ ବାକିଥିଲାବେଳେ ଅନ୍‌ମୋଲ ଏକ୍କା ଆଉ ଏକ ଗୋଲ ଦେଇ ଭାରତକୁ କାଂସ୍ୟ ପଦକ ବିଜୟୀ କରାଇବାରେ ସମର୍ଥ ହୋଇଥିଲେ।

## ରାଜ୍ୟସ୍ତରୀୟ ପାରାବ୍ୟାଡ୍‌ମିଣ୍ଟନ ୨୬ରୁ

**ଭୁବନେଶ୍ୱର, ୧୦।୧୨ (ସମିସ):** ନୟାପଲ୍ଲୀସ୍ଥିତ ପୁରୁଣା କ୍ରୀଡ଼ା ନିର୍ଦ୍ଦେଶାଳୟ ପରିସରରେ ଥିବା ଇଣ୍ଡୋର ହଲ ପରିସରରେ ଦୁଇ ଦିନିଆ ରାଜ୍ୟ ପାରାବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଚଳିତମାସ ୨୬ ଓ ୧୭ ତାରିଖ ଦୁଇଦିନ ଧରି ଖେଳାଯିବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟର ଉପଲବ୍ଧ ସମସ୍ତ ଅନ୍ତର୍ଜାତୀୟ, ଜାତୀୟ ଓ ନବାଗତ ଖେଳାଳିଙ୍କୁ ନେଇ ଆୟାଜିତ ହେବ। ଦିବ୍ୟାଙ୍ଗ ଖେଳାଳିଙ୍କ ମଧ୍ୟରେ ହୁଇଲଚେୟାର, ଗୋଡ଼ର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତାବିଶିଷ୍ଟ କାଟାଗୋରୀରେ ଖେଳାଯିବ। ଡିସେମ୍ବର ୨୨ ତାରିଖ ସୁଦ୍ଧା ପାରାବ୍ୟାଡ୍‌ମିଣ୍ଟନ କୋଚ୍ ଶିବପ୍ରସାଦ ଦାସ୍‌ଙ୍କ ସହ ଫୋନ ନଂ- ୯୮୬୧୦-୮୯୯୭୦ ସହ ଯୋଗାଯୋଗ କରି ଅଂଶଗ୍ରହଣକରିବାକୁ ଇଚ୍ଛୁକ ଥିବା ଖେଳାଳିମାନେ ପଞ୍ଜୀକରଣ କରିପାରିବେ।

## ୨୧ରେ ରାଜ୍ୟସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

**ଭୁବନେଶ୍ୱର, ୧୦।୧୨ (ସମିସ):** ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଆସନ୍ତା ୨୧ ତାରିଖରେ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜନ ହେବ। ସକାଳ ୧୦ରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସିନିଅର, ଜୁନିଅର, ସବ୍-ଜୁନିଅର, ୧୦ ଓ ୮ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମ୍, ସବ-ଜୁନିଅରରେ ଜିଏଫ୍‌ଆଇ ରୁଲ ଏବଂ ଜୁନିଅର ଓ ସିନିଅରରେ ଏଫ୍‌ଜିଆଇ ରୁଲ୍ ହିସାବରେ ପ୍ରତିଯୋଗିତା ଆୟୋଜନ ହେବ। ଆସୋସିଏସନର ସମ୍ପାଦକ ନରେନ୍ଦ୍ର କୁମରା ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଅଧିକ ବିବରଣୀ ପାଇଁ ୯୪୩୮୫୦୪୯୧୫, ୯୪୩୭୯୩୪୦୨୪, ୯୪୩୭୨୮୨୧୨୩ ନଂ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବେ ୧୨ ଦଳ

**ଭୁବନେଶ୍ୱର, ୧୦।୧୨ (ସମିସ):** ଓଡ଼ିଶା ଚେସ୍‌ରେ ଗୋଟିକ ପରେ ଗୋଟିଏ ନୂଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ସଫଳତା ପରେ ଏବେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ପକ୍ଷରୁ ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ର ଆୟୋଜନ କରାଯାଉଛି। ଡିସେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଜିଲ୍ଲା ଅଂଶଗ୍ରହଣ କରିବେ। ଏହି ଜିଲ୍ଲାଗୁଡିକ ହେଲେ ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ଢେଙ୍କାନାଳ ଜିଲ୍ଲା ଅଂଶଗ୍ରହଣ କରିବେ। କିନ୍ତୁ ଚେସ୍ ଖେଳର ପେଣ୍ଠସ୍ଥଳୀ ଖୋର୍ଦ୍ଧା ଓ କଟକ ଜିଲ୍ଲା ଏଥିରେ ଭାଗ ନେଉନାହାନ୍ତି। ନିଲାମି ମାଧ୍ୟମରେ ଜିଲ୍ଲା ଦଳ ଗୁଡିକ ଆଜି ଟିମ୍ କିଣିଛନ୍ତି। ଏଥିରେ ଭାଗନେବାକୁ ରାଜ୍ୟର ୧୧୮ ଜଣ ଖେଳାଳି ପଞ୍ଜୀକରଣ କରିଥିଲେ। ତାହା ମଧ୍ୟରୁ ପ୍ରତ୍ୟେକ ଜିଲ୍ଲା ୫ ଜଣ ଲେଖାଏଁ ଖେଳାଳିଙ୍କୁ କିଣିଥିଲେ ବୋଲି ଏଓସିଏ ସମ୍ପାଦକ ଙ୍କ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।




## ■ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆଜିଠାରୁ

## ଚାମ୍ପିଅନଙ୍କୁ ୨ଲକ୍ଷ, ରନର୍ସଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ଓ ଟ୍ରଫି

**ଭୁବନେଶ୍ୱର, ୧୦।୧୨ (ସମିସ):** ବଛା ବଛା ୮ଟି ଦଳକୁ ନେଇ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆସନ୍ତାକାଲିଠାରୁ ଆରମ୍ଭ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୧୪ ତାରିଖଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ସହ ମୋଟ ୪,୫୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବ୍‌ର ସମ୍ପାଦକ ସୁବ୍ରତ ପଟ୍ଟନାୟକଙ୍କଠାରୁ ପ୍ରକାଶ। ଆସନ୍ତାକାଲି ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ କଟକର ଦୁଇ କ୍ଲବ୍ ଯଥା ଗତବର୍ଷର ରନର୍ସଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ସହ ଫାଓ ଏକାଦଶ, ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱରର କିଶୋର କ୍ଲବ୍ ସହ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ, ୧୨ ତାରିଖରେ ପ୍ରଥମ କଟକର ସନ୍‌ରାଇଜ୍ କ୍ଲବ୍ ସହ ଝାରସୁଗୁଡ଼ା ଏକାଦଶ, ଦ୍ୱିତୀୟ ମ୍ୟାଚ୍ କଟକର ମଙ୍ଗଳା କ୍ଲବ୍ ସହ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନର ମୁକାବିଲା ହେବ।

## ■ କୁଚ୍‌ବିହାର ଟ୍ରଫି

## ଓଡ଼ିଶା ବିପକ୍ଷରେ ଶିବାନନ୍ଦଙ୍କ ଦ୍ୱିଶତକ, କ୍ରିଷ୍ଣନଙ୍କ ଶତକ

**ବଲାଙ୍ଗିର, କଟକ, ୧୦।୧୨(ସମିସ):** ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ଗତକାଲି ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭୀରୂପ ଦାସ ୩୯ ଓ ଆଦିତ୍ୟରଞ୍ଜନ ରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅକ୍ଷତ ପ୍ରଭାକର ୫ଟି ଓ ଇଶା ପୁଥିଗେ ୩ଟି ୱିକେଟ ନେଇ ଓଡ଼ିଶାର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କର୍ଣ୍ଣାଟକ ପ୍ରଥମ ଇନିଂସରେ ମାତ୍ର ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମଣିକଣ୍ଠ ଶିବାନନ୍ଦ ୨୨୭ ଓ ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ କରି ଓଡ଼ିଶାକୁ ଦୟନୀୟ ସ୍ଥିତିକୁ ନେଇଯାଇଥିଲେ।

## ଓଡ଼ିଶା ମାଷ୍ଟର୍ସ ୨୦୨୫ | ମାନଭ, ଉନ୍ନତିଙ୍କ ସହଜ ବିଜୟ

**କଟକ,୧୦।୧୨(ସମିସ):**

ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ ଜାରି ରହିଛି। ଆଜି ଖେଳାଯାଇଥିବା ପୁରୁଷ ସିଙ୍ଗିଲ୍ସ ରାଉଣ୍ଡ-୬୪ର ପ୍ରଥମ ମୁକାବିଲାରେ ଭାରତର ଦୁଇ ପ୍ରତିଦ୍ୱନ୍ଦ୍ୱୀ ସାମ୍ନାସାମ୍ନି ହୋଇଥିଲେ। ଆଦିତ୍ୟ ଦିୱାକର ପ୍ରଥମ ସେଟ୍‌କୁ ୨୧-୧୯ ରେ ଜିତିଥିବା ବେଳେ ଅବଶିଷ୍ଟ ଦୁଇ ସେଟ୍‌କୁ ଯଥାକ୍ରମେ ୨୧-୧୩ ଏବଂ ୨୧-୧୬ ପଏଣ୍ଟରେ ବିଜୟ ହୋଇ ରାଜେଶ ଶ୍ରୀକର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ-୧ରେ ଭାରତର ମାନଭ ଚୌଧୁରୀ ଏବଂ ଅଷ୍ଟ୍ରେଲିଆର ଏରେମ୍ ଷ୍ଟିଫେନ୍‌ଙ୍କ ମଧ୍ୟରେ ଆଜିର ଦ୍ୱିତୀୟ ମୁକାବିଲା ହୋଇଥିଲେ। ମାନବ ୨୧-୧୮ ଏବଂ ୨୧-୧୬ ପଏଣ୍ଟରେ ଦୁଇଟି ଯାକ ସେଟ୍‌ରେ ବିଜୟୀ ହୋଇ ରାଉଣ୍ଡ-୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଥାଇଲାଣ୍ଡର ଟାନାଡନ୍ ଏବଂ ଫୁଙ୍ଗଫାଙ୍କ ଯୋଡି ସହ ଭାରତର ରୋହିତ ମାରିସ୍ୱାମୀ ଏବଂ ରିଦ୍ଧି କୌରଙ୍କ ଭିତରେ ମିକ୍ସଡ ଡବଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତୀୟ ଯୋଡ଼ିଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଟାନାଡନ୍ ଏବଂ ଫୁଙ୍ଗଫା ୨୧-୧୫, ୨୧-୧୧ରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗିଲ୍ସ ରାଉଣ୍ଡ-୩୨ର ମ୍ୟାଚ୍‌ରେ ଭାରତୀୟ ପ୍ରତିଯୋଗୀ ଅନୁପମା ଉପାଧ୍ୟାୟ ୨୧-୧୪, ୨୧-୧୩ରେ ଇଣ୍ଡୋନେସିଆର ଆଘାନିଆ ପୁଟେରୀଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ଉନ୍ନତି ହୁଡାଙ୍କୁ ମଧ୍ୟ ସହଜ ବିଜୟ ମିଳିଥିଲା। ଭାରତୀୟ ପ୍ରତିଯୋଗୀ ଉନ୍ନତି ୨୧-୧୨, ୨୧-୧୮ ରେ ୟୁଏଇର ପ୍ରକ୍ରୀତି ଭାରତଙ୍କୁ ହରାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ଭିତରେ ମହିଳା ସିଙ୍ଗିଲ୍ସରେ ଆଦିତି ଭଟ୍ଟ, ଆକର୍ଷି କାଶ୍ୟପ, ପୁରୁଷ ସିଙ୍ଗିଲ୍ସରେ ଆର୍ଯ୍ୟ ଭିବପାଠକ, କିରଣ ଜର୍ଜ, ବରୁଣ କାପୁର, ପୁରୁଷ ଡବଲ୍ସରେ ଭାର୍ଗବ ରାମ, ବିଶ୍ୱ ତେଜଙ୍କୁ ବିଜୟ ମିଳିଛି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଧରଣୀଧର ଜେଠୀ
ଆବିର୍ଭାବ: ୦୯.୦୧.୧୯୪୪, ତିରୋଧାନ: ୦୧.୧୨.୨୦୨୫
ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ସମସ୍ତେ ଅତ୍ୟନ୍ତ ମର୍ମାହତ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ପୁତ୍ର - ବିଜୟ, ସଞ୍ଜୟ, ପ୍ରଣୟ, ତନ୍ମୟ, ବିସ୍ମୟ
ନାତି-ନାତୁଣୀ: ଗୁଡୁ, ଭୂମି, ଲିଲାଙ୍କି, ଲୋନି, ତେଜ୍, ଭୀର୍, ପିଙ୍କୁ, ସିପୁ, ଲକି
ବନ୍ଧୁ ଓ ଶୋକାକୁଳ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS